JMC-15

BLOCK-1

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,ସମ୍ବଲପୁର

ODISHA STATE OPEN UNIVERSITY, SAMBALPUR

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର, ଓଡ଼ିଶା

Odisha State Open University
Sambalpur, Odisha

# ସାମ୍ବାଦିକତା ଓ ଗଣ ଯୋଗାଯୋଗ

# ଆନ୍ତର୍ଜାତିକ ଏବଂ ଅର୍ନ୍ତସାଂସ୍କୃତିକ ଯୋଗାଯୋଗ

## ଅନ୍ତର୍ଜାତୀୟ ଯୋଗାଯୋଗର ଅବଧାରଣା ଓ ପରିସର



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

**JMC-15**

## ବ୍ଲକ୍-୦୧

## ଅନ୍ତର୍ଜାତୀୟ ଯୋଗାଯୋଗର ଅବଧାରଣା ଓ ପରିସର

ୟୁନିଟ୍-୧ ଅନ୍ତର୍ଜାତୀୟ ଯୋଗାଯୋଗ
ୟୁନିଟ୍ -୨ ସୂଚନାର ଅନ୍ତର୍ଜାତୀୟ ପ୍ରବାହ
ୟୁନିଟ୍ -୩ ଅନ୍ତର୍ଜାତୀୟ ସମ୍ବାଦ ସରବରାହ ସଂସ୍ଥା
ୟୁନିଟ୍ -୪ ନାମ୍,ଏବଂ ଅଣ-ସଂଗଠିତ ସମ୍ବାଦ ସରବରାହ ସଂସ୍ଥା ସମୂହ

## ବିଶେଷଜ୍ଞ କମିଟି

**ଡ. ମୃଣାଳ ଚାଟାର୍ଜୀ**
ପ୍ରଫେସର ଓ ମୁଖ୍ୟ, ଭାରତୀୟ ଜନସଂଚାର ସଂସ୍ଥାନ, ଢେ଼ଙ୍କାନାଳ **-ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ,** ଆସିଷ୍ଟାଣ୍ଟ ପ୍ରଫେସର ( କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **-ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ,**ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି,** ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡ. ଶ୍ରୀମୟ ପାତ୍ର,** ଶିକ୍ଷାବିତ୍, ଇର୍ମଜିଙ୍ଗ୍ ମିଡିଆ **-ସଭ୍ୟ**

**ଡ. ଦୀପକ ସାମନ୍ତରାୟ**
ନିର୍ଦ୍ଦେଶକ, ନ୍ୟାସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଡ. ଜ୍ୟୋତି ପ୍ରକାଶ ମହାପାତ୍ର,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ,
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ **- ଆବାହକ**

## ମୂଳ ଇଂରାଜୀ ଅନୁବାଦ ସମ୍ପାଦନା

**ଡଃ ପି. ଚିତ୍ରା,** ଆସିଷ୍ଟାଣ୍ଟ ପ୍ରଫେସର, ସ୍କୁଲ୍ ଅଫ୍ ଜର୍ଣ୍ଣାଲିଜିମ୍ ଆଣ୍ଡ ନ୍ୟୁ ମିଡିଆ ଷ୍ଟଡିଜ୍, ତାମିଲନାଡୁ ମୁକ୍ତ ବିଶ୍ୱବିଦ୍ୟାଳୟ
**ଅନୁବାଦ- ଗୌତମ ବଳୀୟାରସିଂହ,** ପ୍ରଯୋଜକ, ନ୍ୟୁଜ୍ ସେଭେନ୍
**ସମ୍ପାଦନା- ଡକ୍ଟର ସଂଜୟ କୁମାର ବାଗ,** ଆସୋସିଏଟ୍ ପ୍ରଫେସର୍, ଇଷ୍ଟର୍ଣ୍ଣ ରିଜିଓନାଲ୍ ଲାଙ୍ଗୁଏଜ୍ ସେଣ୍ଟର୍, ଭୁବନେଶ୍ୱର

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

OSOU, 2021. ***Concept & Scope of International Communication*** is made available under a Creative Commons Attribution-Share Alike 4.0
http://creativecommons.org/licences/by-sa/4.0

Printed by :

# ୟୁନିଟ୍– ୧ : ଅନ୍ତର୍ଜାତୀୟ ଯୋଗାଯୋଗ


୧.୦: ବିଷୟର ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ବିଷୟ ପରିଚୟ

୧.୩: ଅନ୍ତର୍ଜାତୀୟ ଯୋଗାଯୋଗର ଅର୍ଥନୈତିକ ଓ ସାଂସ୍କୃତିକ ଦିଗ

୧.୪: ସମାନତା ଓ ଶୋଷଣର ସାଧନ ହୋଇପାରେ ଯୋଗାଯୋଗ ଓ ସୂଚନା

୧.୪.୧: ଅନ୍ତର୍ଜାତୀୟ ଯୋଗାଯୋଗର ଐତିହାସିକ ପ୍ରସଙ୍ଗ

୧.୪.୨: ଯୋଗାଯୋଗ ଓ ସାମ୍ରାଜ୍ୟ

୧.୪.୩: ଟେଲିଗ୍ରାଫ୍‌ର ବିକାଶ

୧.୪.୪: ଲୋକପ୍ରିୟ ଗଣମାଧ୍ୟମର ଆଗମନ

୧.୪.୫: ବେତାର ଓ ଅନ୍ତର୍ଜାତୀୟ ଯୋଗାଯୋଗ

୧.୪.୬: ବିବିସି

୧.୪.୭: ତୃତୀୟ ବିଶ୍ୱରେ ଶୀତଳ ଯୁଦ୍ଧର ପ୍ରସାର

୧.୪.୮: ବିଶ୍ୱସ୍ତରୀୟ ଯୋଗାଯୋଗ ଭିତ୍ତିଭୂମି ନିର୍ମାଣ

୧.୪.୯: ସୂଚନା

୧.୪.୧୦: ଯୋଗାଯୋଗକୁ କ'ଣ ହେଲା ?

୧.୪.୧୧: ସିଦ୍ଧାନ୍ତ ସମ୍ପର୍କିତ

୧.୪.୧୨: ଧର୍ମନିରପେକ୍ଷ ଧର୍ମଶାସ୍ତ୍ର

୧.୪.୧୩: ଅନ୍ତର୍ଜାତୀୟ ଯୋଗାଯୋଗ

୧.୫: ଆସ ପ୍ରଗତି ମାପିବା


## ୧.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ପଢ଼ିବା ପରେ ଶିକ୍ଷାର୍ଥୀ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇପାରିବେ:

- ଅନ୍ତର୍ଜାତୀୟ ଯୋଗାଯୋଗ କ'ଣ ?
- ଅନ୍ତର୍ଜାତୀୟ ଯୋଗାଯୋଗର ବିଭିନ୍ନ ଆର୍ଥନୀତିକ ଓ ସାଂସ୍କୃତିକ ଦିଗ କ'ଣ ସବୁ ରହିଛି ?
- ଯୋଗାଯୋଗର ଭିନ୍ନ ଭିନ୍ନ ସ୍ୱରୂପ କ'ଣ, ଏବଂ ଯୋଗାଯୋଗ କିପରି ଅସମାନତା ଓ ଶୋଷଣର ସାଧନ ହୋଇପାରେ ?

## ୧.୨: ବିଷୟ ପରିଚୟ

ଅନ୍ତର୍ଜାତୀୟ ଯୋଗାଯୋଗ ହେଉଛି ବିଶ୍ୱ ବା ଦେଶ ଦେଶ ମଧ୍ୟରେ ସଂଘଟିତ ହେଉଥିବା ଯୋଗାଯୋଗର ଅଧ୍ୟୟନ। ଏହି ଯୋଗାଯୋଗ ଅନ୍ତରାଷ୍ଟ୍ରୀୟ ସୀମାସରହଦ ପାର କରିପାରେ। ଯୋଗାଯୋଗ ଅଧ୍ୟୟନର ଏକ ଶାଖା ହେଲା- ଅନ୍ତର୍ଜାତୀୟ ଯୋଗାଯୋଗ; ଯାହା ସରକାରଠାରୁ ସରକାର, ବ୍ୟାପାରରୁ ବ୍ୟାପାର ଏବଂ ଜନତାଙ୍କଠାରୁ ଜନତାଙ୍କ ପର୍ଯ୍ୟନ୍ତ ଯୋଗାଯୋଗ ଜନିତ ଅଧ୍ୟୟନ ନିମନ୍ତେ କ୍ଷେତ୍ର ଯୋଗାଏ। ରାଜନୀତିତ, ସାମାଜିକ, ସାଂସ୍କୃତିକ ଓ ସାମରିକ ପ୍ରସଙ୍ଗ ଅନ୍ତର୍ଜାତୀୟ ଯୋଗାଯୋଗର ଅଂଶ ବିଶେଷ।

## ୧.୩: ଅନ୍ତର୍ଜାତୀୟ ଯୋଗାଯୋଗର ଆର୍ଥନୀତିକ ଓ ସାଂସ୍କୃତିକ ଦିଗ

ଯେତେବେଳେ ଉତ୍ପାଦକ ସମ୍ବଳ, ଗ୍ରାହକଙ୍କ ଚାହିଦା ଓ ତାହା ଉପରେ ପ୍ରଭାବ ପକାଉଥିବା ଅନ୍ତର୍ଜାତୀୟ ସଂଗଠନ ଯୋଗୁଁ ସୃଷ୍ଟି ହେଉଥିବା ଅନ୍ତର୍ଜାତୀୟ ଅସମାନତା ଆର୍ଥନୀତିକ ଗତିବିଧିକୁ ପ୍ରଭାବିତ କରେ ସେତେବେଳେ ଅନ୍ତର୍ଜାତୀୟ ଅର୍ଥନୀତି ଚିନ୍ତା ବ୍ୟକ୍ତ କରିଥାଏ। ଏହା ସେହି ସମୟରେ ଭିନ୍ନ ଭିନ୍ନ ଦେଶବାସୀଙ୍କ ମଧ୍ୟରେ ଗତିଶୀଳ ରହିଥିବା ବ୍ୟାପାର, ପୁଞ୍ଜି ନିବେଶ ଏବଂ ନେଣଦେଣ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକୁ ବିଚାର କରିଥାଏ।

ଅନ୍ତର୍ଜାତୀୟ ବ୍ୟାପାର ଦେଶର ସୀମା ସେପଟେ ହେଉଥିବା ଉତ୍ପାଦ ଓ ସେବାର ପ୍ରବାହକୁ ଅଧ୍ୟୟନ କରେ। ଏହା ଚାହିଦା ଓ ଯୋଗାଣ ସାଧନ, ଆର୍ଥନୀତିକ ସମନ୍ୱୟ, ଟାରିଫ୍ ରେଟ୍ ଏବଂ ଟ୍ରେଡ୍ କୋଟା ପରି ନୀତିଗତ ବସ୍ତୁ ସମୂହକୁ ଅନୁଶୀଳନ କରିଥାଏ।

ଅନ୍ତର୍ଜାତୀୟ ଅର୍ଥ ଅଧ୍ୟୟନ ସାମଗ୍ରୀ ଓ ସେବା ଅନ୍ତର୍ଜାତୀୟ ଆର୍ଥିକ ବଜାରରେ ପୁଞ୍ଜି ପ୍ରବାହିତ କରେ, ଏବଂ ବିନିମୟ ହାର ଉପରେ ଏହି ଆନ୍ଦୋଳନର ପ୍ରଭାବ ଦେଖାଯାଏ ।

ଅନ୍ତର୍ଜାତୀୟ ମୁଦ୍ରାନୀତି ଓ ଅନ୍ତର୍ଜାତୀୟ ମାଇକ୍ରୋଇକୋନୋମିକ୍ସ ସମଗ୍ର ଦେଶରେ ଅର୍ଥ ପ୍ରବାହ ଓ ଏହାର ଫଳାଫଳ, ପ୍ରଭାବ ତଥା ସାମଗ୍ରିକ ଭାବରେ ସେମାନଙ୍କର ଅର୍ଥନୀତି ଉପରେ ଅଧ୍ୟୟନ କରେ ।

ଅନ୍ତର୍ଜାତୀୟ ରାଜନୀତିକ ଅର୍ଥନୀତି ହେଉଛି ଅନ୍ତର୍ଜାତୀୟ ସମ୍ପର୍କର ଏକ ଉପ-ବିଭାଗ। ଅନ୍ତର୍ଜାତୀୟ ସଂଘର୍ଷ, ସମାଧାନ, ଅନୁମୋଦନ ତଥା ଜାତୀୟ ସୁରକ୍ଷା, ଆର୍ଥନୀତିକ ରାଷ୍ଟ୍ରବାଦ ଏବଂ ଅନ୍ତର୍ଜାତୀୟ ବୁଝାମଣା, ତାହାର ପାଳନ ଜନିତ ପ୍ରସଙ୍ଗ ଏବଂ ପ୍ରଭାବକୁ ଏହା ଅଧ୍ୟୟନ କରିଥାଏ।

## ୧.୪: ସମାନତା ଓ ଶୋଷଣର ସାଧନ ହୋଇପାରେ ଯୋଗାଯୋଗ ଓ ସୂଚନା

୧୯୮୦ ଓ ୯୦ ଦଶକରେ ଫାଇବର୍ ଅପ୍ଟିକ୍ କେବଲ୍, ସାଟେଲାଇଟ୍ ଓ ଇଣ୍ଟରନେଟ୍‌ର ଅଭ୍ୟୁଦୟ ଓ ବିକାଶ ଫଳରେ ସ୍ଥାନ ଆଉ ସମୟ ଜନିତ ପ୍ରତିବନ୍ଧକ ହଟିବା ସହିତ ସୂଚନା ପ୍ରସାର ଜନିତ ଖର୍ଚ୍ଚ ବି ଅନେକାଂଶରେ କମିଯାଇଛି। ଏହି ଧାରାଟି ଅନ୍ତର୍ଜାତୀୟ ଯୋଗାଯୋଗ ଅଧ୍ୟୟନକୁ ଢେର୍ ପ୍ରୋତ୍ସାହନ ଦେଇଛି।

ବିଶ୍ୱବ୍ୟାପୀ ଯୋଗାଯୋଗ ଏକ ବହୁ ବିଷୟଗତ କ୍ଷେତ୍ର ଯାହା ଦେଶ ଦେଶ ମଧ୍ୟରେ ଯୋଗାଯୋଗ ଅଥବା ଭୌଗୋଳିକ, ରାଜନୀତିକ, ଆର୍ଥନୀତିକ, ସାମାଜିକ ଏବଂ ସାଂସ୍କୃତିକ ବିଭାଜନ ସତ୍ୱେ ଲୋକମାନେ କିପରି ପରସ୍ପର ସହିତ ଯୋଡ଼ିହୁଅନ୍ତି, ଭାବର ଆଦାନପ୍ରଦାନ କରନ୍ତି, ସମ୍ପର୍କରେ ଆସନ୍ତି, ସଂଗଠିତ ତଥା ଏକତ୍ରିତ ହୁଅନ୍ତି; ସେସବୁ ପ୍ରସଙ୍ଗ ଉପରେ କେନ୍ଦ୍ରୀଭୂତ କରିଥାଏ। ବିଶ୍ୱବ୍ୟାପୀ ଯୋଗାଯୋଗର ଅର୍ଥ ହେଉଛି କ୍ଷମତାର କେନ୍ଦ୍ରରୁ ସୀମାନ୍ତ ଅଞ୍ଚଳକୁ ଜ୍ଞାନ ଓ ବିଚାରର ସ୍ଥାନାନ୍ତର ଏବଂ ଏକ ନୂତନ ସାଂସ୍କୃତିକ ପ୍ରଭାବଯୁକ୍ତ ଅଧିରୋପଣ, ଯେଉଁଥିରେ ବିଶ୍ୱ ସମ୍ବାଦ ଓ ମନୋରଞ୍ଜନର "ମୃଦୁ ଶକ୍ତି" ନିହିତ ଥାଏ।

### ୧.୪.୧: ଅନ୍ତର୍ଜାତୀୟ ଯୋଗାଯୋଗର ଐତିହାସିକ ପ୍ରସଙ୍ଗ

ଆର୍ଥନୀତିକ, ସାମରିକ ଓ ରାଜନୀତିକ ସମ୍ପର୍କ ସଦାସର୍ବଦା ଉନ୍ନତ ଓ କୁଶଳ ଯୋଗାଯୋଗ ବ୍ୟବସ୍ଥା ଉପରେ ନିର୍ଭରଶୀଳ; ଯେମିତିକି- ପତାକା, ସଙ୍କେତ ଦୀପ, ସନ୍ଦେଶବାହକ, ଜାହାଜ, ଟେଲିଗ୍ରାଫ୍ ତାର ତଥା ସାମ୍ପ୍ରତିକ ପରିସ୍ଥିତିରେ ସାଟେଲାଇଟ୍ ଓ କେବଲ୍। ଊନବିଂଶ ଶତାବ୍ଦୀରେ ଟେଲିଗ୍ରାଫିକ୍ ଯୋଗାଯୋଗ ଓ ସାମ୍ରାଜ୍ୟର ଅଭ୍ୟୁଦୟ ଏହି ପାରସ୍ପରିକ ସମ୍ପର୍କର ଉଦାହରଣ ସାଜିଛି। ଦୁଇଟି ବିଶ୍ୱଯୁଦ୍ଧ ଏବଂ ଶୀତଳ ଯୁଦ୍ଧ ସମୟରେ, ନୂତନ ଗଣମାଧ୍ୟମ- ବେତାର ଓ ପରବର୍ତ୍ତୀ ସମୟରେ ଟେଲିଭିଜନର ଆଗମନ ଫଳରେ ଅନ୍ତର୍ଜାତୀୟ ଯୋଗାଯୋଗର ପ୍ରତିଫଳନ ଦେଖିବାକୁ ମିଳିଛି। ଦେଶଦେଶ ମଧ୍ୟରେ ପ୍ରଚାର-ପ୍ରସାର ଦର୍ଶାଇବା ସହିତ ସାମାଜିକ-ଆର୍ଥନୀତିକ ବିକାଶର ବାହକ ରୂପରେ ଅନ୍ତର୍ଜାତୀୟ ଯୋଗାଯୋଗ ସଫଳତାପୂର୍ବକ କାର୍ଯ୍ୟକରିଛି।

### ୧.୪.୨: ଯୋଗାଯୋଗ ଓ ସାମ୍ରାଜ୍ୟ

ଦୂରତ୍ୱ ଦୂରକରି ସାମର୍ଥ୍ୟକୁ ପ୍ରତିଷ୍ଠା କରିବା ଓ ବଜାୟ ରଖିବାରେ ଯୋଗାଯୋଗ ସବୁବେଳେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇଆସିଛି। ପାର୍ସୀ, ଗ୍ରୀକ୍ ଓ ରୋମାନ୍ ସାମ୍ରାଜ୍ୟଠାରୁ ଆରମ୍ଭକରି ବ୍ରିଟିଶ୍ ସାମ୍ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ପ୍ରଭାବଶାଳୀ ଯୋଗାଯୋଗ ବ୍ୟବସ୍ଥାକୁ ଜରିଆକରି ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲା। ଏଥି ସହିତ ଅନ୍ତର୍ଜାତୀୟ ବ୍ୟାପାର ଓ ବାଣିଜ୍ୟର ଅଭ୍ୟୁଦୟ ଘଟିଥିଲା, ଯାହା ଉପରେ ପର୍ଯ୍ୟବସିତ ଥିଲା ତମାମ ସାମ୍ରାଜ୍ୟ। ବିଭାଜିତ ସରକାର, ସାମରିକ ଅଭିଯାନ ଓ ବ୍ୟାପାର ଜନିତ ଗତିବିଧିର ଚାବିକାଠି ଥିଲା ଯୋଗାଯୋଗ ବ୍ୟବସ୍ଥା ଓ କୌଶଳ। ଗ୍ରୀକ୍ ଐତିହାସିକ ଡିଓଡୋରସ୍ କ୍ରୋନସ୍ (ଖ୍ରୀ:ପୂ ଚତୁର୍ଥ ଶତାବ୍ଦୀ) କହିଥିଲେ- ପାର୍ସୀ ସମ୍ରାଟ ଡେରିୟସ (ଖ୍ରୀ:ପ୍ ୫୨୨-୪୮୬), ଯିଏକି ଡେନ୍ୟୁବଠାରୁ ସିନ୍ଧୁ ପର୍ଯ୍ୟନ୍ତ ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲେ, ରାଜଧାନୀରୁ ବିଭିନ୍ନ ପ୍ରାନ୍ତକୁ ସମ୍ବାଦ ପଠାଇବା ନିମନ୍ତେ ଡଗରମାନଙ୍କୁ ନିୟୋଜିତ କରିଥିଲେ। ଡଗରମାନେ ଉଚ୍ଚସ୍ଥାନରେ ରହି ସମ୍ବାଦ ପାଠ କରୁଥିଲେ।

ଏପରି ପ୍ରସାରଣ ସନ୍ଦେଶ ବାହକଙ୍କ କାର୍ଯ୍ୟ ତୁଳନାରେ ୩୦ଗୁଣ ଦ୍ରୁତଗାମୀ ଥିଲା। 'ଡେ ବେଲୋ ଗାଲିସୋ'ରେ ଜୁଲିୟସ୍ ସେସାର୍ (ଖ୍ରୀ:ପୂ ୧୧୪-୧୦୦) ଉଲ୍ଲେଖ କରିଛନ୍ତି- ମାନବ ସ୍ୱର ବ୍ୟବହାରକରି ଫରାସୀ ଶାସକମାନେ ତାଙ୍କର ସୈନିକମାନଙ୍କୁ ମାତ୍ର ୩ ଦିନ ମଧ୍ୟରେ ଯୁଦ୍ଧପାଇଁ ଡାକିପାରୁଥିଲେ। ଗ୍ରୀକ୍ ଶାସକମାନେ ଶିଳାଲେଖ ବ୍ୟବହାର କରି ଜନତାଙ୍କୁ ସୂଚନା ଯୋଗାଉଥିଲେ। ଦୂର ସ୍ଥାନରେ ଥାଇ ସମ୍ବାଦ ପ୍ରେରଣ ନିମନ୍ତେ ଲିଖନ ଥିଲା ଏକ ଅନୁରୂପ ଓ ପ୍ରଭାବଶାଳୀ ଉପାୟ। ରୋମ୍, ପର୍ସିଆ ସମେତ ଚେଙ୍ଗିସ୍ ଖାନ୍ ପ୍ରଭୃତି ପ୍ରଶାସନିକ ଡାକ ତାର ପ୍ରଚଳନ କରିଥିଲେ। ଏଥିରେ ସବୁକିଛି ବିସ୍ତୃତ ଭାବରେ ଲେଖାଯାଉଥିଲା। ଶୁଣିବାକୁ ମିଳେ- ଜୁଲିୟସ୍ ସେସାର୍ ଏବଂ ଆଧୁନିକ ସମ୍ବାଦ ଗଣମାଧ୍ୟମର କେତେଜଣ ପୂର୍ବଜଙ୍କଦ୍ୱାରା ପ୍ରତିଷ୍ଠିତ ଆକ୍ଟାଡିଉର୍ଣ୍ଣା (ତତ୍କାଳୀନ ଦୈନିକ ଶିଳାଲେଖ) ରୋମାନ ସାମ୍ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଖଞ୍ଜା ଯାଉଥିଲା। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଭାରତୀୟ ସମ୍ରାଟ ଅଶୋକଙ୍କ ଅଧ୍ୟାଦେଶ ମଧ୍ୟ ଶିଳାଲେଖ ଜରିଆରେ ପ୍ରକାଶ ପାଉଥିଲା, ଯାହା ଦକ୍ଷିଣ ଏସିଆ, ଆଫଗାନିସ୍ତାନ ଓ ଶ୍ରୀଲଙ୍କାରେ ଅଦ୍ୟାବଧି ବିଦ୍ୟମାନ। ତାଙ୍କ ଶାସନ ସମୟରେ ଦରବାରରେ ଲେଖକମାନଙ୍କର ବିଶିଷ୍ଟ ସ୍ଥାନ ରହିଥିଲା। ଶିଳାଲେଖ ମୁଖ୍ୟତଃ ବ୍ରାହ୍ମୀ ଲିପିରେ ଲେଖାଯାଉଥିଲେ ବି ପଢ଼ିବା ସମୟରେ ପ୍ରାକୃତ ଭାଷାର ପ୍ରୟୋଗ ହେଉଥିଲା। କହିବା ବାହୁଲ୍ୟ, ଏପରି ଜନ ଯୋଗାଯୋଗ ବହୁ ସଂଖ୍ୟକ ଜନତାଙ୍କ ନିକଟରେ ପହଞ୍ଚି ପାରୁଥିଲା। ଭାରତ ଇତିହାସରେ ମୋଗଲ ଶାସନ (୧୫୨୬-୧୮୫୮) ସମୟରେ ସାମ୍ରାଜ୍ୟର ବିକାଶ ସମ୍ପର୍କରେ ଶାସକଙ୍କୁ ସୂଚନାଦେବା ନିମନ୍ତେ ସମ୍ବାଦ ଲେଖକମାନଙ୍କୁ ନିଯୁକ୍ତି ଦିଆଯାଉଥିଲା। ଉଭୟ ଅଶ୍ୱଚାଳକ ଓ ସନ୍ଦେଶବାହକ ସମ୍ବାଦ ଓ ବିବରଣୀଗୁଡ଼ିକୁ ସଂଚାରିତ କରୁଥିଲେ। ଚୀନରେ ଟ୍ୟାଙ୍ଗ୍ ରାଜବଂଶ ଏକ ଔପଚାରିକ ହସ୍ତଲିଖିତ ପ୍ରକାଶନ ଆରମ୍ଭ କରିଥିଲେ। ଟିପାଓ ବା ଆଧିକାରିକ ସମ୍ବାଦପତ୍ର ଭାବରେ ଜଣାଶୁଣା ଏହି ପ୍ରକାଶନ ସମ୍ଭ୍ରାନ୍ତବର୍ଗଙ୍କୁ ସୂଚନା ଯୋଗାଉଥିଲା। କ୍ୱିଙ୍ଗ୍ ରାଜୁତି (୧୬୪୪-୧୯୧୧) ସମୟରେ ବ୍ୟକ୍ତିଗତ ସମ୍ବାଦ କାର୍ଯ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା, ଯାହା ଆଧିକାରିକ ସମ୍ବାଦଗୁଡ଼ିକୁ ଛାପା ଅକ୍ଷରରେ ଲେଖି ତାହାର ପ୍ରସାର ମଧ୍ୟ କରୁଥିଲା। ଏହି ଛାପା ମେସିନ୍ ଚିଙ୍ଗ୍‌ପାଓ (Chingpao) ନାମରେ ଜଣାଯାଉଥିଲା। ଯୋଗାଯୋଗର ଆଧିକାରିକ ବ୍ୟବସ୍ଥାକୁ ବାଦ୍‌ଦେଲେ ଯାତ୍ରୀ ଓ ବ୍ୟବସାୟୀଙ୍କୁ ନେଇ ଗଠିତ କିଛି ଅନୌପଚାରିକ ବ୍ୟବସ୍ଥା ବି ରହିଥିଲା।

ଅନ୍ତର୍ଜାତୀୟ ଯୋଗାଯୋଗ ଓ ସାର୍ବଭୌମିକତାର ବୈଷୟିକ ଦିଗଗୁଡ଼ିକ ସମସାମୟିକ ବିଷୟ ହୋଇପାରେ, କିନ୍ତୁ ବ୍ୟାପାର ଓ ସାଂସ୍କୃତିକ ବିନିମୟ ଦୁଇ ନିୟୁତରୁ ଅଧିକ ବର୍ଷ ହେଲାଣି ବିଶ୍ୱରେ ରହିଆସିଛି। ଗ୍ରୀକ୍-ରୋମାନଠାରୁ ଆରମ୍ଭ କରି ଆରବ୍ୟ, ଇରାନ, ଭାରତ ଓ ଚୀନ ମଧ୍ୟରେ ଏହା ସଂଘଟିତ ହୋଇଆସିଛି।

ଭାରତର ପଣ୍ୟବସ୍ତୁ ସୁଦୂର ପର୍ସିଆ, ମେସୋପଟାମିଆ, ଆଭ୍ୟନ୍ତରୀଣ ଉପକୂଳ ତଥା ଇଉରୋପକୁ ରପ୍ତାନୀ ହୋଇଛି। ପ୍ରାଚୀନ କାଳରେ ବ୍ୟାପାର ହିଁ ବ୍ୟାପକ ଭାବରେ ଭାରତ ସହିତ ଚୀନ ତଥା ଆରବ୍ୟ ପରି ଏସୀୟ ଦେଶଗୁଡ଼ିକୁ ଯୋଡ଼ି ପାରିଥିଲା। ମଧ୍ଯ ଏସିଆର ସିଲ୍କମାର୍ଗକୁ ଜରିଆକରି ଚୀନ, ଭାରତ ଓ ପର୍ସିଆ ଇଉରୋପ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିପାରୁଥିଲେ। ମହାଦେଶ ପରେ ମହାଦେଶ ପାରହୋଇ ସୂଚନା ଓ ବିଚାର ସଂଚାରିତ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ବୌଦ୍ଧ, ଖ୍ରୀଷ୍ଟ ଏବଂ ଇସଲାମ ଧର୍ମର ପ୍ରସାର କରାଇଛି। ଯୋଗାଯୋଗର ମାଧ୍ୟମ ମେସୋପଟାମିଆର ମାଟିଗୋଳା, ପ୍ରାଚୀନ ମିଶର ଓ ଗ୍ରୀସ୍‌ର ପାପିରସ୍ ରୋଲ୍ ଏବଂ ରୋମାନର ଚର୍ମପତ୍ର ପାଣ୍ଡୁଲିପିରୁ ବିକଶିତ ହୋଇଥିଲା। ଅଷ୍ଟମ ଶତାବ୍ଦୀରେ ଚୀନଦ୍ୱାରା ଆରମ୍ଭ ହେଲା କାଗଜର ବ୍ୟବହାର, ଯାହା ଇସଲାମ ଦେଶଗୁଡ଼ିକରେ ଚର୍ମପତ୍ରକୁ ସ୍ଥାନାନ୍ତର କରିଥିଲା। ପରବର୍ତ୍ତୀ ସମୟରେ ଏହା ମଧ୍ୟ ଇଉରୋପରେ ପ୍ରସାରିତ ହୋଇଛି। ସେହିପରି ଚୀନର ଏକଚାଟିଆ ଅଧିକାରକୁ ହଟାଇ ଇଉରୋପରେ ମଧ୍ୟ ଛାପାକାର୍ଯ୍ୟ ଧୀରେଧୀରେ ଦେଖିବାକୁ ମିଳିଲା, ସ୍ପେନରେ ଥିବା ଆରବ୍ୟ କର୍ମଜୀବୀ ଏଥିରେ ସହାୟକ ହେଲେ। ତେବେ, ପଞ୍ଚଦଶ ଶତାବ୍ଦୀ ପରେ ଯେତେବେଳେ ଜନ୍ ଗୁଟେନ୍‌ବର୍ଗ୍ (Johann Gutenberg)ଙ୍କଦ୍ୱାରା ଲେଟର୍ ପ୍ରେସ୍ ପ୍ରତିଷ୍ଠା ପାଇଲା, ଯୋଗାଯୋଗର ପରିଭାଷା ସମ୍ପୂର୍ଣ୍ଣ ରୂପେ ବଦଳିଗଲା। ଷୋଡ଼ଶ ଶତାବ୍ଦୀ ଆରମ୍ଭରେ ସମସ୍ତ ପ୍ରମୁଖ ଇଉରୋପୀୟ ଭାଷାରେ ହଜାର ହଜାର ସଂଖ୍ୟାରେ ପୁସ୍ତକ ମୁଦ୍ରଣ ହେବାକୁ ଲାଗିଲା। ପ୍ରଥମ ଥର ପାଇଁ ଖ୍ରୀଷ୍ଟ ଧର୍ମର ପବିତ୍ର ଗ୍ରନ୍ଥ ବାଇବେଲ ଲାଟିନ୍ ଭାଷାକୁ ବାଦ୍ ଅନ୍ୟାନ୍ୟ ଭାଷାରେ ଉପଲବ୍ଧ ହେଲା, ଯାହା ଫଳରେ ଧର୍ମଯାଜକ, ରାଜନୀତିକ ଓ ସାଂସ୍କୃତିକ କ୍ଷେତ୍ରରେ କାର୍ଯ୍ୟକରୁଥିବା ବ୍ୟକ୍ତି ବିଶେଷଙ୍କ ଦୌରାତ୍ମ୍ୟ କମିବାରେ ଲାଗିଲା। ଫଳ ସ୍ୱରୂପ, ଇଉରୋପରେ ପ୍ରଚଳିତଥିବା ତଥାକଥିତ ସଂଗଠିତ ଲାଟିନ୍ ସଂସ୍କୃତି ଭଙ୍ଗହେଲା ଓ ପୁଣିଥରେ ସ୍ଥାନୀୟ ଭାଷାଗୁଡ଼ିକର ଅଭ୍ୟୁଦୟ ହୋଇଥିଲା। ମୁଦ୍ରଣ କ୍ଷେତ୍ରରେ ଆସିଥିବା ବିପ୍ଳବ ଜାତିର ସୁଧାର ଓ ବିକାଶ ନିମନ୍ତେ ଭିତ୍ତିଭୂମି ଯୋଗାଇବା ସହିତ ଆଧୁନିକ ପୁଞ୍ଜିବାଦକୁ ବିକଶିତ କରିବାରେ ସହାୟକ ହେଲା। ବିଶେଷକରି ପର୍ତ୍ତୁଗୀଜ୍, ସ୍ପାନିଶ୍, ଇଂରାଜୀ ଓ ଫ୍ରେଞ୍ଚ୍ ପରି ଇଉରୋପୀୟ ଭାଷାରେ ମୁଦ୍ରଣ ବିଶ୍ୱରେ ଥିବା ଇଉରୋପ ଉପନିବେଶଗୁଡ଼ିକରେ ଯୋଗାଯୋଗର ପ୍ରମୁଖ ମାଧ୍ୟମ ରୂପରେ ମୁଣ୍ଡଟେକିଲା। ବିଶ୍ୱବ୍ୟାପୀ ଇଉରୋପ ଅଧିକୃତ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଏପରି ପ୍ରତ୍ୟାରୋପଣ ଭାଷା ଓ ସଂସ୍କୃତି କ୍ଷେତ୍ରରେ ଏକ ନୂତନ ଅନୁକ୍ରମ ସୃଷ୍ଟିକଲା। ପର୍ତ୍ତୁଗୀଜ୍ ସାମ୍ରାଜ୍ୟ ପ୍ରଥମ ଥର ପାଇଁ ନିଜର ଉପନିବେଶ ଗୁଡ଼ିକରେ ଏ ବ୍ୟବସ୍ଥାର ପ୍ରଚଳନ କରିଥିଲେ, ଶାସକମାନେ ଜାହାଜ ଯୋଗେ ପୁସ୍ତକ ପଠାଉଥିଲେ। ଅଧିକୃତ ଅଞ୍ଚଳରେ ସେମାନେ ଛାପାଖାନା ଖୋଲିବା ଆରମ୍ଭ କଲେ- ପ୍ରଥମ କରି ୧୫୫୭ ମସିହାରେ ଗୋଆରେ ଓ ୧୫୮୮ ମସିହାରେ ମକାଓ (Macao)ଠାରେ ଛାପାଖାନା ପ୍ରତିଷ୍ଠା ପାଇଲା।

ଅନ୍ୟାନ୍ୟ ଇଉରୋପୀୟ ଦେଶଗୁଡ଼ିକ ମଧ୍ୟ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଛାପା ପୁସ୍ତକକୁ ନିଜର ଏସୀୟ ଉପନିବେଶଗୁଡ଼ିକରେ ପହଞ୍ଚାଇ ଥିଲେ। ବାଇବେଲକୁ ଅନୁବାଦ କରାଯାଇ ଧର୍ମଯାଜକମାନଙ୍କଦ୍ୱାରା ସ୍ଥାନୀୟ ଜନତାଙ୍କୁ ବଣ୍ଟା ଯାଉଥିଲା। ଉପନିବେଶ ଗଠନ ଫଳରେ ବିକଶିତ ହୋଇଥିବା ଅନ୍ତର୍ଜାତୀୟ ବାଣିଜ୍ୟକୁ ଆଧାରକରି ପଶ୍ଚିମ ଇଉରୋପରେ ଶିଳ୍ପ ବିପ୍ଳବ ଯୋଗାଯୋଗର ବିଶ୍ୱବ୍ୟାପୀ ପ୍ରସାରକୁ ତ୍ୱରାନ୍ୱିତ କରିଥିଲା। ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ବ୍ୟବହୃତ ସମୁଦ୍ର ମାର୍ଗରେ ବ୍ରିଟେନର ପ୍ରଭୁତ୍ୱ ରହୁଥିଲା, ଯେହେତୁ ତାହାର ନାବିକ ଓ ବ୍ୟବସାୟୀ ସମୁଦାୟ ଅତ୍ୟନ୍ତ ଉଚ୍ଚମାନର ଥିଲେ, ଅଷ୍ଟାଦଶ ଶତାବ୍ଦୀରେ ଜେମ୍ସ କୁକ୍ (James Cook)ଙ୍କ ପରି ନାବିକ ନୌବାଣିଜ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିଥିଲେ। ଷ୍ଟିମ୍ ଇଞ୍ଜିନ୍, ଆଇରନ୍ ସିପ୍, ଇଲେକ୍ଟ୍ରିକ୍ ଟେଲିଗ୍ରାଫ୍ ପରି ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ବ୍ରିଟେନକୁ ସଦାସର୍ବଦା ତାହାର ପ୍ରତିଦ୍ୱନ୍ଦ୍ୱୀ ଦେଶମାନଙ୍କଠାରୁ ଆଗରେ ରଖୁଥିଲା। ଅନ୍ତର୍ଜାତୀୟ ବ୍ୟାପାର ଓ ପୁଞ୍ଜିନିବେଶର ବିକାଶ ନିମନ୍ତେ ଆବଶ୍ୟକ ହେଉଥିବା ଆର୍ଥନୀତିକ ଗତିବିଧି ବାବଦରେ ନିରନ୍ତର ବିଶ୍ୱସନୀୟ ତଥ୍ୟ, ଯେତେବେଳେ ରାଜନୀତିକ ସନ୍ଧି ଓ ସାମରିକ ସୁରକ୍ଷାକୁ ବଜାୟ ରଖିବା ନିମନ୍ତେ ବିଶ୍ୱସନୀୟ ସୂଚନାର ପ୍ରସାର ବ୍ରିଟିଶ ସାମ୍ରାଜ୍ୟପାଇଁ ଜରୁରୀ ଥିଲା। ଶିଳ୍ପାୟନ ଫଳରେ ଘଟିଥିବା ବିସ୍ଥାପନ ପ୍ରକ୍ରିୟା ଘରେ ଓ ଦୂର ବିଦେଶରେ ରହୁଥିବା ସମ୍ପର୍କୀୟଙ୍କ ବାବଦରେ ସୂଚନା ପ୍ରାପ୍ତ କରିବାର ଆଗ୍ରହକୁ ବଢ଼ାଇବାରେ ସହାୟକ ହେଲା । ଏ ନେଇ ଅନ୍ତର୍ଜାତୀୟ ସଚେତନତାର ଏକ ପରିବେଶ ସୃଷ୍ଟି ହୋଇଥିଲା। ଫଳ ସ୍ୱରୂପ, ୧୮୪୦ ମସିହାରେ ଇଂଲଣ୍ଡରେ ଆରମ୍ଭହେଲା ଡାକ ସେବା, ପୋଷ୍ଟମାଷ୍ଟର ଜେନେରାଲ ଭାବରେ ଏହାକୁ ତ୍ୱରାନ୍ୱିତ କରିଥିଲେ ପ୍ରଖ୍ୟାତ ଲେଖକ ଆନ୍ଥୋନୀ ଟ୍ରଲୋପ୍ (Anthony Trollope)। ସେହି ସମୟରେ ଏକ ପଇସା ମୂଲ୍ୟର ଡାକ ଟିକଟ (ପେନି ବ୍ଲାକ୍) ପ୍ରଚଳନ ହେଲା, ଦୂରତାର ବ୍ୟବଧାନ ହଟାଇ ଡାକ ବ୍ୟବସ୍ଥାରେ ଯାହା ଏକ ପ୍ରକାର ବିପ୍ଳବ ଆଣିଥିଲା। ପରବର୍ତ୍ତୀ ସମୟରେ ୧୮୭୫ ମସିହାରେ ସ୍ୱିଜରଲ୍ୟାଣ୍ଡ ସ୍ଥିତ ବର୍ନ ସହରରେ ପ୍ରତିଷ୍ଠା ପାଇଲା ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନ, ଯାହାକି ୟୁନିଭର୍ସାଲ ପୋଷ୍ଟାଲ କନଭେନସନ (୧୮୭୪) ଅନ୍ତର୍ଗତ। ପ୍ରତିଷ୍ଠା ପଛରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା- ଅନ୍ତର୍ଜାତୀୟ ଡାକସେବା ମୂଲ୍ୟକୁ କୋହଳ କରିବା ସହିତ ପ୍ରେରକଙ୍କ ସନ୍ଦେଶ ବାର୍ତ୍ତାରେ ଗୋପନୀୟତା ରକ୍ଷା କରିବା। ରେଳ ଓ ଜାହାଜ ପରିବହନର ବିକାଶ ସହିତ ଅନ୍ତର୍ଜାତୀୟ ସମ୍ପର୍କ ଆହୁରି ମଜବୁତ ହେଲା। ଏହି ପରିପ୍ରେକ୍ଷୀରେ ଇଉରୋପୀୟ ବାଣିଜ୍ୟ ଏବଂ ଉପନିବେଶ ସାମ୍ରାଜ୍ୟ ଗଠନ ସମତାଳରେ ଆଗେଇ ଚାଲିଲା।

### ୧.୪.୩: ଟେଲିଗ୍ରାଫ୍‌ର ବିକାଶ

ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଇଲେକ୍ଟ୍ରିକ୍ ଟେଲିଗ୍ରାଫ୍ ଯୋଗେ ରାଜ ଯୋଗାଯୋଗ ବ୍ୟବସ୍ଥାର ପ୍ରସାର ସମ୍ଭବ ହୋଇଥିଲା। ଆଧୁନିକ ଇଣ୍ଟରନେଟ୍ ପରି ସମାନ୍ତରାଳ ଗତିରେ ଏହା ବିଶ୍ୱବ୍ୟାପୀ

ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିଥିଲା। ୧୮୩୭ ମସିହାରେ ସାମୁଏଲ ମୋର୍ସ (Samuel Morse)ଙ୍କଦ୍ୱାରା ଉଦ୍ଭାବିତ ଟେଲିଗ୍ରାଫ୍ ସୂଚନାର ଦ୍ରୁତ ପ୍ରସାର କରିବା ସହିତ ଗୋପନୀୟତା ଓ ସୁରକ୍ଷାକୁ ବି ସୁନିଶ୍ଚିତ କରିପାରୁଥିଲା। ସର୍ବପ୍ରଥମେ ବାଣିଜ୍ୟ ସମ୍ପ୍ରଦାୟ ଏହି ନୂତନ କୌଶଳକୁ ବ୍ୟବହାର କରିଥିଲେ। ଟେଲିଗ୍ରାଫିର ତୀବ୍ରତା ଓ ବିଶ୍ୱସନୀୟତା ହିଁ ବ୍ୟାପାରକୁ ଲାଭଜନକ କରିବା ସହ ଆର୍ଥନୀତିକ ଅଭିବୃଦ୍ଧିରେ ସହାୟକ ହୋଇଥିଲା। ଟେଲିଗ୍ରାଫ୍‌ର ଦ୍ରୁତ ବିକାଶ ବ୍ରିଟିଶ୍ ସାମ୍ରାଜ୍ୟକୁ ଏକୀକୃତ କରିବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ପ୍ରଥମ ବାଣିଜ୍ୟିକ ଟେଲିଗ୍ରାଫ୍ ସଂଯୋଗ ୧୮୩୮ ମସିହାରେ ବ୍ରିଟେନରେ ପ୍ରତିଷ୍ଠା ହେଲା। ୧୮୫୧ ସୁଦ୍ଧା ଟେଲିଗ୍ରାଫିକ୍ ମନିଅର୍ଡର୍ ବ୍ୟବସ୍ଥାଯୁକ୍ତ ଏକ ପ୍ରଶାସନିକ ଟେଲିଗ୍ରାଫ୍ ସେବାର ଆରମ୍ଭ ହୋଇଥିଲା। ଫଳ ସ୍ୱରୂପ, ଶତାବ୍ଦୀ ଶେଷ ସୁଦ୍ଧା ଟେଲିଗ୍ରାଫ୍ ବ୍ୟବସ୍ଥାକୁ ଜରିଆକରି ଉପନିବେଶ କାର୍ଯ୍ୟାଳୟ ଓ ଭାରତରେ ଥିବା କାର୍ଯ୍ୟାଳୟ ସାମ୍ରାଜ୍ୟ ରାଷ୍ଟ୍ର ସହିତ ଅଳ୍ପ କ୍ଷଣ ମଧ୍ୟରେ ସିଧାସଳଖ ଯୋଗାଯୋଗ କରିପାରୁଥିଲେ। ପୂର୍ବରୁ ସମୁଦ୍ରଯୋଗେ ଡାକଦ୍ୱାରା ସମ୍ପର୍କ ସ୍ଥାପନ କରିବାରେ ମାସ ମାସ ଲାଗିଯାଉଥିଲା। ତୁଳା ଭଳି ପଣ୍ୟବସ୍ତୁର ମହଜୁଦ ମୂଲ୍ୟ ପ୍ରକାଶକରି ଟେଲିଗ୍ରାଫ୍ ବ୍ରିଟିଶ ବ୍ୟବସାୟୀମାନଙ୍କୁ ଭାରତ ବା ମିଶର ପ୍ରଭୃତି ଦେଶରୁ ଇଂଲଣ୍ଡକୁ ତୁଳା ରପ୍ତାନୀ କରାଇବାରେ ସହାୟକ ହେଉଥିଲା, ଯାହାଦ୍ୱାରା ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇବା ଖୁବ୍ ସହଜ ହୋଇଯାଇଥିଲା। ସାମରିକ କ୍ଷେତ୍ରରେ ବି ଏହି ନୂତନ କୌଶଳର ମହତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ୧୮୪୨ ମସିହାରେ ଆଲଜେରିଆରେ ଖଞ୍ଜା ଯାଇଥିବା ଓଭରହେଡ୍ ଟେଲିଗ୍ରାଫ୍ ଫରାସୀ ସେନା ନିମନ୍ତେ ଏକ ନିର୍ଣ୍ଣୟକାରୀ ସହାୟକ ସାବ୍ୟସ୍ତ ହୋଇଥିଲା, ଯେତେବେଳେ ଆଲଜେରିଆ ଥିଲା ଫରାସୀ ଉପନିବେଶ। କ୍ରିମିନ୍ (Crimean) ବିବାଦ (୧୮୫୪-୫୬) ସମୟରେ ବ୍ରିଟେନ ଓ ଫ୍ରାନ୍ସ ଏକତ୍ର ହୋଇ ଋଷ୍‌କୁ ପଶ୍ଚିମତଟ ଅକ୍ତିଆର କରିବାରୁ ରୋକିପାରିଥିଲେ, ଯାହା ବ୍ଲାକ୍ ସି ମଧ୍ୟରେ ବ୍ରିଟେନଦ୍ୱାରା ଅନ୍ତର୍ଜଳୀୟ (under water) ତାର ଜରିଆରେ ସେନାବାହିନୀକୁ ସମ୍ବାଦ ଯୋଗାଇବା ଫଳରେ ସମ୍ଭବ ହୋଇଥିଲା। କ୍ରିମିନ୍ ବିବାଦ କାଳୀନ ସମ୍ବାଦକୁ ଦ ଟାଇମ୍ସ ଅଫ ଲଣ୍ଡନରେ ପ୍ରକାଶ କରି ପ୍ରଖ୍ୟାତ ହୋଇପାରିଥିଲେ ଆୟର୍ଲାଣ୍ଡର ସାମ୍ବାଦିକ ୱିଲିୟମ ହୋୱାର୍ଡ ରସେଲ (William Howard Russell), ଯିଏ ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ ସାମ୍ବାଦିକତା କ୍ଷେତ୍ରରେ ପ୍ରଥମ ଚର୍ଚ୍ଚିତ ନାମ ହୋଇଗଲେ। ସେହିପରି ଯୁକ୍ତରାଷ୍ଟ୍ର ଆମେରିକାରେ ଗୃହଯୁଦ୍ଧ (୧୮୬୧-୬୫) ଚାଲିଥିବାବେଳେ ୬.୫ ନିୟୁତରୁ ଅଧିକ ଟେଲିଗ୍ରାମ୍ ପଠାଇବା ନିମନ୍ତେ ୨୪,୦୦୦ କିଲୋମିଟରରୁ ଅଧିକ କେବଲ୍ ତାର ସଂଯୋଗ କରାଯାଇଥିଲା। ଆମେରିକା ଗୃହଯୁଦ୍ଧ କେବଳ ଏକ ଯୁଦ୍ଧ ନଥିଲା ଯାହାର ବିସ୍ତୃତ ବିବରଣୀ ପ୍ରଥମକରି ଗଣମାଧ୍ୟମରେ ପ୍ରକାଶ ପାଇଥିଲା, ବରଂ ଏହା ଥିଲା ଏପରି ଏକ ପ୍ରକ୍ରିୟା ଯାହା ପ୍ରଥମ ଥର ପାଇଁ ଆମେରିକୀୟ ଏବଂ ଇଉରୋପୀୟ ସାମ୍ବାଦିକମାନଙ୍କୁ ସମ୍ବାଦ ସଂଗ୍ରହ

ନିମନ୍ତେ ଏକାଠି କରିଥିଲା। ପାରସ୍ପରିକ ସହଯୋଗ ସହିତ ସେମାନେ କାର୍ଯ୍ୟକୁ ଆଗେଇ ନେଇଥିଲେ। ଏଠାରେ ଫଟୋ ସାମ୍ବାଦିକତାର ବ୍ୟବହାର ମଧ୍ୟ ଦେଖିବାକୁ ମିଳିଥିଲା। ବ୍ରିଟେନ ଓ ଫ୍ରାନ୍ସକୁ ସଂଯୁକ୍ତ କରୁଥିବା ପ୍ରଥମ ଅନ୍ତର୍ଜଳୀୟ ଟେଲିଗ୍ରାଫିକ୍ ତାର ୧୮୫୧ ମସିହାରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଆଟଲାଂଟିକ୍ ମହାସାଗର ପାରହୋଇ ବ୍ରିଟେନ ସହିତ ଯୁକ୍ତରାଷ୍ଟ୍ର ଆମେରିକାକୁ ସଂଯୁକ୍ତ କରୁଥିବା ପ୍ରଥମ ତାର ୧୮୬୬ ମସିହାରେ ଖଞ୍ଜା ଯାଇଥିଲା। ୧୮୫୧ରୁ ୧୮୬୮ ମସିହା ମଧ୍ୟରେ ଉତ୍ତର ଆଟ୍ଲାଣ୍ଟିକ୍, ଭୂମଧ୍ୟସାଗର, ଭାରତ ମହାସାଗର ଓ ପର୍ସିଆରେ ଅନ୍ତର୍ଜଳୀୟ ତାର ସଂଯୁକ୍ତ କରାଯାଇଥିଲା। ୧୮୬୦ରୁ ୧୮୭୦ ଦଶକ ମଧ୍ୟରେ ଲଣ୍ଡନ ତାରଯୋଗେ ନିଜ ସାମ୍ରାଜ୍ୟର ପ୍ରମୁଖ ଅଞ୍ଚଳଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରିପାରୁଥିଲା। ୧୮୬୫ ମସିହାରେ ତୁର୍କୀଦେଇ ଇଉରୋପ ଓ ଭାରତ ମଧ୍ୟରେ ପ୍ରଥମ ଅନ୍ତର୍ଜଳୀୟ ତାର ଖଞ୍ଜା ଯାଇଥିଲା। ଭାରତକୁ ସଂଯୁକ୍ତ ହୋଇଥିବା ଅନ୍ୟ ଦୁଇଟି ତାର ହେଉଛି- ଗୋଟିଏ ସ୍ଥଳ ମାର୍ଗଦେଇ ଋଷ୍ ପର୍ଯ୍ୟନ୍ତ ଓ ଅନ୍ୟଟି ଆଲେକ୍‌ଜାଣ୍ଡ୍ରିଆ ଏବଂ ଆଡେନ୍ ଦେଇ ଭୂତଳ ଜଳ ମଧ୍ୟରେ । ଏହି ଦୁଇଟିଯାକ ୧୮୭୦ ମସିହାରେ ଖଞ୍ଜା ଯାଇଥିଲା। ଭାରତ ଏହିପରି ହଙ୍ଗ୍‌କଙ୍ଗ୍ ସହିତ ୧୮୭୧ ମସିହାରେ ଯୋଡ଼ି ହୋଇଥିବାବେଳେ ଅଷ୍ଟ୍ରେଲିଆ ସହିତ ୧୮୭୨ ମସିହାରେ ଯୋଡ଼ି ହୋଇଥିଲା। ୧୮୭୩ ସୁଦ୍ଧା ସାଂଘାଇ ଓ ଟୋକିଓ ପରସ୍ପର ସହ ସଂଯୁକ୍ତ ହୋଇଥିଲେ। ୧୮୭୦ ଦଶକ ସୁଦ୍ଧା ଟେଲିଗ୍ରାଫ୍ ତାର ଅଧିକାଂଶ ଏସୀୟ ଦେଶରେ କାର୍ଯ୍ୟକ୍ଷମ ଥିଲା ଏବଂ ଅନ୍ତର୍ଜାତୀୟ ଯୋଗାଯୋଗ କ୍ଷେତ୍ରରେ ବ୍ରିଟେନ ଉପରେ ନିର୍ଭରଶୀଳତା କମିବାରେ ଲାଗିଲା। ଅନ୍ତର୍ଜାତୀୟ ଟେଲିଗ୍ରାଫ୍ ବ୍ୟବସ୍ଥାର ବିକାଶରେ ସମ୍ବାଦପତ୍ରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଟେଲିଗ୍ରାଫ୍‌କୁ ଭରସା କରି ସମ୍ବାଦ ପ୍ରତି ଆଗ୍ରହ ଓ ଜିଜ୍ଞାସା ଦ୍ରୁତଗତିରେ ବୃଦ୍ଧି ପାଇଥିଲା, ବିଶେଷକରି ଅନ୍ତର୍ଜାତୀୟ ବ୍ୟାପାରକୁ ତଦାରଖ କରିବା ନିମନ୍ତେ ଆର୍ଥିକ ସୂଚନା ବାବଦରେ ଜାଣିବାକୁ ସମସ୍ତେ ଅନେଇ ବସିଥିଲେ। ଊନବିଂଶ ଶତାବ୍ଦୀରେ ସମ୍ବାଦ ସରବରାହ ସଂସ୍ଥାର ପ୍ରତିଷ୍ଠା ଥିଲା ସମ୍ବାଦପତ୍ର ଶିଳ୍ପ କ୍ଷେତ୍ରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିକାଶ ଧାରା। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସମ୍ବାଦ ପ୍ରସାରଣର ପ୍ରକ୍ରିୟାକୁ ଏହା ବଦଳାଇଦେଲା। ବ୍ୟବସାୟୀ ଗୋଷ୍ଠୀଙ୍କ ମଧ୍ୟରେ ବଢ଼ି ଚାଲିଥିବା ଆଗ୍ରହ ବ୍ୟବସାୟ, ଭଣ୍ଡାର, ମୁଦ୍ରା, ଜିନିଷ, ଉତ୍ପାଦ ଆଦି ବିଷୟରେ ସୂଚନା ହାସଲ କରିବା ନିମନ୍ତେ ସୁନିଶ୍ଚିତ କଲା ଯେ- ସମ୍ବାଦ ସରବରାହ ସଂସ୍ଥାର ସାମର୍ଥ୍ୟ ଓ ପହଞ୍ଚ ଢେର୍ ବିକଶିତ ହେବାରେ ଲାଗିଛି। ଦ ଫ୍ରେଞ୍ଚ୍ ହୱସ୍ ଏଜେନ୍ସି (ଏଜେନ୍ସି ଫ୍ରାନ୍ସ ପ୍ରେସ୍ ବା ଏଏଫ୍‌ପି) ୧୮୩୫ ମସିହାରେ ସ୍ଥାପିତ ହେଲା, ଦ ଜର୍ମାନ ଏଜେନ୍ସି ଉଲ୍ଫ ୧୮୪୯ ମସିହାରେ, ଓ ବ୍ରିଟିଶ ରଏଟର୍ସ ୧୮୫୧ ମସିହାରେ ପ୍ରତିଷ୍ଠିତ ହେଲା। ଦ ୟୁଏସ୍ ଏଜେନ୍ସି ଆସୋସିଏଟେଡ୍ ପ୍ରେସ୍ (ଏପି) ୧୮୪୮ ମସିହାରେ ଗଠନ କରାଯାଇଥିଲା।

ଆରମ୍ଭ ହେବା ଦିନରୁ ବାଣିଜ୍ୟିକ ଓ ଆର୍ଥିକ ସୂଚନା ଯୋଗାଇ ଦେବା କ୍ଷେତ୍ରରେ ରଏଟର୍ସର ବିଶେଷତା ରହିଆସିଛି। ସେହିପରି, ହଭ୍ୱସ୍ ସୂଚନା ସହିତ ବିଜ୍ଞାପନକୁ ଯୋଡ଼ିବା ଦିଗରେ ଗୁରୁତ୍ୱ ଦେଇଆସିଛି।

୩ଟି ଇଉରୋପୀୟ ସମ୍ବାଦ ସରବରାହ ସଂସ୍ଥା ହଭ୍ୱସ୍, ଉଲ୍ଫ ଓ ରଏଟର୍ସ ନିଜନିଜ ସରକାରଙ୍କ ନିକଟରୁ ଆର୍ଥିକ ସହାୟତା ପାଉଥିଲେ, ଇଉରୋପର ସୂଚନା ବଜାରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ନିଜର କାର୍ଯ୍ୟକାରିତା ବଢ଼ାଇବାକୁ ଯାଇ ଇଉରୋପ ମହାଦେଶ ବ୍ୟତୀତ ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବିଚାରକୁ ନେଇଥିଲେ। ୧୮୭୦ ମସିହାରେ ଏକ ସନ୍ଧିପତ୍ରରେ ସ୍ୱାକ୍ଷରକରି ଉପରୋକ୍ତ ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକ ସଂପୂର୍ଣ୍ଣ ବିଶ୍ୱ ବଜାରକୁ ନିଜନିଜ ମଧ୍ୟରେ ଭାଗ କରିଥିଲେ। ଏଥିରୁ ଏକ ୩୦ ସଦସ୍ୟଯୁକ୍ତ ସମ୍ବାଦ  ସରବରାହ ସମିତି ଗଠିତହେଲା, ଯାହା ମଧ୍ୟରେ ସାମିଲ- ଦ ଲିଗ୍ ଅଫ୍ ଆଲାଏଡ୍ ଏଜେନ୍ସିଜ୍, ଦ ୱାର୍ଲ୍ଡ୍ ଲିଗ୍ ଅଫ୍ ପ୍ରେସ୍ ଆସୋସିଏସନ୍ସ, ଦ ନ୍ୟାସନାଲ୍ ଏଜେନ୍ସିଜ୍ ଆଲାଏନ୍‌ସେସ୍, ଏବଂ ଦ ଗ୍ରାଣ୍ଡ୍ ଆଲାଏନ୍ସ ଅଫ୍ ଏଜେନ୍ସିଜ୍। ଏହି ସମିତି ସାଧାରଣତଃ ରିଙ୍ଗ୍ କମ୍ବିନେସନ୍ ନାମରେ ଜଣାଶୁଣା। କେତେଙ୍କ ମତରେ କିନ୍ତୁ ଏଗୁଡିକ ଥିଲା ଏକ ଉତ୍ପାଦକ ସଂଘ, ଯାହାର ବିଶ୍ୱବ୍ୟାପୀ ପ୍ରଭାବକୁ ସରକାର ନିଜର ଉଦ୍ଦେଶ୍ୟ ସାଧିତ କରିବା ନିମନ୍ତେ ବ୍ୟବହାର କରୁଥିଲେ।

୧୮୭୦ ମସିହାରେ ହୋଇଥିବା ମୂଳ ଚୁକ୍ତି ଅନୁଯାୟୀ, ତିନୋଟି ସମ୍ବାଦ ସରବରାହ ସଂସ୍ଥାର ନିଜସ୍ୱ ଆରକ୍ଷିତ କ୍ଷେତ୍ର ରହିଥିଲା। ପ୍ରତ୍ୟେକ ଏଜେନ୍ସି ତଥା ସମ୍ବାଦ ସରବରାହ ସଂସ୍ଥା ଜାତୀୟ ଏଜେନ୍ସି ବା ନିଜ କ୍ଷେତ୍ର ପରିସର ମଧ୍ୟରେ ଥିବା ଅନ୍ୟାନ୍ୟ ଉପଭୋକ୍ତାଙ୍କ ସହିତ ନିଜର ଅଲଗା ଅଲଗା ଚୁକ୍ତି କରିଥିଲେ। କେତୋଟି କ୍ଷେତ୍ରକୁ ପରସ୍ପର ମଧ୍ୟରେ ବାଣ୍ଟିବାର ସୁବିଧା ବି ରହିଥିଲା, ଯେଉଁଥିରେ ଦୁଇ ବା କେତେକାଂଶରେ ତିନିଟି ସମ୍ବାଦ ସରବରାହ ସଂସ୍ଥାର ସମାନ ଅଧିକାର ଥିଲା। କିନ୍ତୁ ବାସ୍ତବରେ ଏହି ବିଚାରର ପ୍ରକୃତ ପ୍ରଣେତା ରଏଟର୍ସ ହିଁ ରିଙ୍ଗ୍ କମ୍ବିନେସନ୍ ଉପରେ ପ୍ରଭୁତ୍ୱ ଚଳାଇଥିଲା। ରଏଟର୍ସ୍‌ର ପ୍ରଭାବ ସର୍ବାଧିକ ଥିଲା କାରଣ- ଅଧିକରୁ ଅଧିକ କ୍ଷେତ୍ରକୁ ସାମିଲ କରିବା ସହିତ ଏହା ଜରିଆରେ ପ୍ରାପ୍ତ ହେଉଥିବା ସମ୍ବାଦ ଅନ୍ୟ ଦୁଇଟି ଏଜେନ୍ସି ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିରେ ବିଶ୍ୱବ୍ୟାପୀ ଅଧିକ କର୍ମଚାରୀ ଓ ପ୍ରତିନିଧି ନିଯୁକ୍ତ ହୋଇଥିଲେ, ଏଣୁ ଜନସମୂହକୁ ଏହା ଅଧିକରୁ ଅଧିକ ନିଚ୍ଛକ ସମ୍ବାଦ ଯୋଗାଇ ଦେଉଥିଲା। କେବଳ ସଂଯୋଗ ଉପରେ ବ୍ରିଟେନର ନିୟନ୍ତ୍ରଣ ଯୋଗୁଁ ବିଶ୍ୱ ସମ୍ବାଦ ସରବରାହ ନିମନ୍ତେ ଲଣ୍ଡନ ଥିଲା ଏକ ଅପ୍ରତିଦ୍ୱନ୍ଦ୍ୱୀ କେନ୍ଦ୍ର। ବ୍ରିଟେନର ପ୍ରସାରିତ ବାଣିଜ୍ୟିକ, ଆର୍ଥିକ ଓ ସାମ୍ରାଜ୍ୟବାଦ ଗତିବିଧି ମଧ୍ୟ ଏହାକୁ ପ୍ରୋତ୍ସାହନ ଦେଇଥିଲା।

୧୮୯୦ ମସିହାରେ ଉଲ୍ଫ, ରଏଟର୍ସ୍ ଓ ହଓ୍ୱସ୍ ପୁନର୍ବାର ଏକ ୧୦ ବର୍ଷିଆ ସନ୍ଧିପତ୍ରରେ ସ୍ୱାକ୍ଷର କରିଥିଲେ। ଏଥର ହଓ୍ୱସ୍ ବେଶ୍ ପ୍ରଭାବଶାଳୀ ହୋଇପାରିଥିଲା, ଦକ୍ଷିଣ ଆମେରିକା ଓ ଭାରତ-ଚୀନକୁ ନିଜର ଏକଚାଟିଆ କ୍ଷେତ୍ର କରିବାରେ ଏହା ସକ୍ଷମ ହେଲା। କିନ୍ତୁ ମିଶରକୁ ଅକ୍ତିଆର କରିବା ଥିଲା ହଓ୍ୱସ୍ ନିମନ୍ତେ ଏକ ଆହ୍ୱାନ, ଯାହା ରଏଟର୍ସର ବିଶେଷ କ୍ଷେତ୍ର ରହିଥିଲା। ତେବେ, ବେଲଜିୟମ୍ ଏବଂ ମଧ୍ୟ-ଆମେରିକାକୁ ଉଭୟ ଉଭୟ ହଓ୍ୱସ୍ ଓ ରଏଟର୍ସ୍ ନିଜନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ପ୍ରମୁଖ ଇଉରୋପୀୟ ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକ ଦେଶର ରାଜଧାନୀ ମଧ୍ୟରେ ହିଁ ଗଢ଼ିଉଠିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ଉଲ୍ଫ ଯଦିଓ ଏକ ବିଶ୍ୱସ୍ତରୀୟ ଏଜେନ୍ସି ହୋଇଥିଲା, ଅନ୍ତର୍ଜାତୀୟ ସମ୍ବାଦର ପ୍ରସାର କ୍ଷେତ୍ରରେ ସରକାର ହିଁ ହସ୍ତକ୍ଷେପ କରୁଥିଲେ। ତେବେ, ପ୍ରଥମ ଥର ପାଇଁ ଏହି ଏକଚାଟିଆ ଅଧିକାରକୁ ବିରୋଧ କରିଥିଲା ସମ୍ବାଦ ସରବରାହ ସଂସ୍ଥା ଏ.ପି। ୧୯୩୦ ଦଶକରେ ଲାଟିନ୍ ଆମେରିକାକୁ ସମ୍ବାଦ ଯୋଗାଇବା ପୂର୍ବରୁ ଗଠିତ ହୋଇଥିବା ଅନ୍ତର୍ଜାତୀୟ ସଂଘର ନିୟମକୁ ଏହା ଭାଙ୍ଗିଥିଲା। ଏ.ପି ଏବଂ ୟୁନାଇଟେଡ୍ ପ୍ରେସ୍ (ୟୁପି- ୧୯୦୭ରେ ଗଠିତ) ପରି ଅନ୍ୟାନ୍ୟ ଆମେରିକୀୟ ସମ୍ବାଦ ସରବରାହ ସଂସ୍ଥା ନିଜ ନିଜର କ୍ଷେତ୍ର ପ୍ରସ୍ତୁତ କଲେ। ପରବର୍ତ୍ତୀ ସମୟରେ ଏପି ଅନ୍ତର୍ଜାତୀୟ ସ୍ତରରେ ଖୁବ୍ ପ୍ରସାରିତ ହୋଇପାରିଛି।

### ୧.୪.୪: ଲୋକପ୍ରିୟ ଗଣମାଧ୍ୟମର ଆଗମନ

ଊନବିଂଶ ଶତାବ୍ଦୀରେ ଛାପାଖାନାର ପ୍ରସାର ଓ ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକର ଅନ୍ତର୍ରାଷ୍ଟ୍ରୀୟତା ଥିଲା ବିଶ୍ୱବ୍ୟାପୀ ସମ୍ବାଦପତ୍ର ଶିଳ୍ପର ବିକାଶ କ୍ଷେତ୍ରରେ ପ୍ରମୁଖ ଉପାଦାନ। ୧୮୩୮ ମସିହାରେ ଦ ଟାଇମ୍ସ ଅଫ୍ ଇଣ୍ଡିଆ ପ୍ରତିଷ୍ଠା ପାଇଲା, ଦକ୍ଷିଣ-ପୂର୍ବ ଏସିଆର ପ୍ରଥମ ସମ୍ବାଦପତ୍ର ଦ ଷ୍ଟ୍ରେଟ୍ସ ଟାଇମ୍ସ ୧୮୫୮ ମସିହାରେ ଏକ ଦୈନିକ ସମ୍ବାଦପତ୍ର ରୂପରେ ସିଙ୍ଗାପୁରରୁ ପ୍ରକାଶ ପାଇଲା। ଛାପା କାର୍ଯ୍ୟରେ ଦେଖାଦେଇଥିବା ବୈଷୟିକ ବିକାଶ ସୁନିଶ୍ଚିତ କଲା ଯେ’ ଅଣ-ଇଉରୋପୀୟ ଭାଷାରେ ପ୍ରକାଶ ପାଉଥିବା ସମ୍ବାଦପତ୍ର ବି ମୁଦ୍ରଣ ହୋଇପାରେ ଆଉ ପ୍ରସାର କରାଯାଇପାରେ। ଶତାବ୍ଦୀ ଆରମ୍ଭରେ ଯୁକ୍ତରାଷ୍ଟ୍ର ଆମେରିକାର ବିଜ୍ଞାପନ ଖର୍ଚ୍ଚ ୦.୪୫ ବିଲିୟନ ଡଲାର ରହିଥିବା ବେଳେ ଶତାବ୍ଦୀ ଶେଷ ସୁଦ୍ଧା ତାହା ୨୧୨ ବିଲିୟନ ଡଲାରରେ ପହଞ୍ଚି ଥିଲା। ବିଂଶ ଶତାବ୍ଦୀରେ ଅନ୍ତର୍ଜାତୀୟ ଯୋଗାଯୋଗ କ୍ଷେତ୍ରରେ ବିଜ୍ଞାପନର ଗୁରୁତ୍ୱ ଢେର୍ ବଢ଼ିବାରେ ଲାଗିଲା। ରେଡିଓ ଓ ଟେଲିଭିଜନର ବିକାଶ ଫଳରେ ଏହି ଧାରାଟି ଆହୁରି ଶକ୍ତିଶାଳୀ ହୋଇଥିଲା। ଦ ଆମେରିକାନ୍ କାଓବଏ ଆଣ୍ଡ୍ ମାସ୍କୁଲାଇନ୍ ଟ୍ରେଡମାର୍କ୍ ଅଫ୍ ଦ ମାର୍ଲବୋରୋ ମ୍ୟାନ୍ ସ୍ଲୋଗାନ ସହିତ ୧୯୫୫ ମସିହାରେ ପ୍ରତିଷ୍ଠା ପାଇଥିବା ଫିଲିପ୍ ମୋରିସ୍ (Philips Morris)ଙ୍କ ଦ୍ୱାରା ନିର୍ମିତ ମାର୍ଲବୋରୋ ସିଗାରେଟ୍ ବିଶ୍ୱ ବିଜ୍ଞାପନ କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କଲା।

ଫଳ ସ୍ୱରୂପ, ମାର୍ଲବୋରୋ ହେଲା ବିଶ୍ୱର ସର୍ବାଧିକ ବିକ୍ରି ହେଉଥିବା ସିଗାରେଟ୍। ଯଦିଓ ୧୯୭୧ ମସିହାରେ ଆମେରିକୀୟ ଟେଲିଭିଜନରେ ତମାଖୁର ବିଜ୍ଞାପନକୁ ବର୍ଜନ କରାଯାଇଥିଲା । ବିଭିନ୍ନ ସ୍ୱାସ୍ଥ୍ୟ ସଂଗଠନ ସଫଳତାର ସହିତ ଏହାର ପ୍ରଚାରକୁ ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶରେ ବିରୋଧ କରିଥିଲେ, ତଥାପି ୟୁଏସ୍ ଟ୍ରେଡ୍ ଜର୍ଣ୍ଣାଲ୍ ଆଡ୍‌ଭର୍ଟାଇଜିଂ ଏଜ୍ ଇଣ୍ଟରନ୍ୟାସନାଲ୍ ଦ୍ୱାରା 'ଦ ମାର୍ଲବୋରୋ ମ୍ୟାନ୍' ବିଂଶ ଶତାବ୍ଦୀର ଆଇକନ୍ ରୂପରେ ମନୋନୀତ ହୋଇଥିଲା।

**୧.୪.୫: ବେତାର ଓ ଅନ୍ତର୍ଜାତୀୟ ଯୋଗାଯୋଗ**

ଅନ୍ୟାନ୍ୟ ନୂତନ ବୈଷୟିକ ଜ୍ଞାନକୌଶଳ ଆପଣାଇବା ପରି ବେତାର ଯୋଗାଯୋଗର ଗୁରୁତ୍ୱ ବି ପାଶ୍ଚାତ୍ୟ ଦେଶଗୁଡ଼ିକ ପ୍ରଥମେ ବୁଝିପାରିଥିଲେ ଓ ତଦନୁଯାୟୀ ଯୋଜନାଗତ ଭାବରେ ତାହାକୁ ବ୍ୟବସ୍ଥିତ କରିଥିଲେ। ବେତାର ବା ରେଡିଓ ଉପକରଣ ଟେଲିଗ୍ରାମ୍ କେବଲ୍ ତୁଳନାରେ ଅତ୍ୟନ୍ତ ଶସ୍ତା ଓ ବହୁ ପରିମାଣରେ ଏହାକୁ କ୍ରୟ କରାଯାଇପାରୁଥିଲା। ରେଡିଓକୁ ଯଦି ଉତ୍ତମରୂପେ ବିକଶିତ ଓ ନିୟନ୍ତ୍ରିତ କରାଯାଇପାରିବ, ବ୍ରିଟିଶ-ପରିଚାଳିତ ବ୍ୟୟବହୁଳ ଅନ୍ତର୍ଜାତୀୟ କେବଲ୍ ବ୍ୟବସ୍ଥାକୁ ହଟାଇବାରେ ତାହା କିପରି ସହାୟକ ହେବ ସେଥିପାଇଁ ଆମେରିକୀୟ ବ୍ୟାପାର କ୍ଷେତ୍ରରେ ଏ ନେଇ ସଚେତନତା ସୃଷ୍ଟିହେଲା (ଲୁଥର, ୧୯୮୮)। ସେମାନେ ଅନୁଭବ କଲେ- ଗଭୀର ସମୁଦ୍ର ଭିତରେ ତାର ଖଞ୍ଜିବା ବେଳେବେଳେ ଅସୁରକ୍ଷିତ ହୋଇପାରେ ଓ ଏ ନେଇ ସ୍ଥାନ ନିରୂପଣ ନିମନ୍ତେ ଦେଶଦେଶ ମଧ୍ୟରେ ଦ୍ୱିପାକ୍ଷିକ ବୁଝାମଣାର ଆବଶ୍ୟକତା ରହିଛି। ଅନ୍ୟ ପକ୍ଷରେ ରାଜନୀତିକ ଓ ଭୌଗୋଳିକ ପ୍ରତିରୋଧକୁ ପାରକରି ବେତାର ସଂକେତ ସବୁଠି ପହଞ୍ଚି ପାରିଥାଏ।

୧୯୦୬ ମସିହାରେ ବର୍ଲିନଠାରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ରେଡିଓ ଟେଲିଗ୍ରାଫ୍ ସମ୍ମିଳନୀରେ୨୮ଟି ରାଜ୍ୟ ରେଡିଓ ଉପକରଣର ଗୁଣବତା ଓ ବ୍ୟବହାର ବାବଦରେ ଯାହାକୁ ଭରସାକରି ବିରୋଧାଭାସକୁ ଦୂରକରି ହେବ ସେ ବିଷୟରେ ବିଚାରବିମର୍ଶ କରିଥିଲେ। ରେଡିଓ ବ୍ୟବହାର କରୁଥିବା ସଶକ୍ତ ସାମୁଦ୍ରିକ ଦେଶ ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଆମେରିକା ଓ ଋଷ୍ ରେଡିଓ ଫ୍ରିକ୍ୱେନ୍ସି ନିର୍ଦ୍ଧାରଣକୁ ନେଇ ଏକ ବ୍ୟବସ୍ଥାର ସୂତ୍ରପାତ କଲେ। ବିଶ୍ୱବ୍ୟାପୀ ରେଡିଓ ପ୍ରସାରଣ ବଢ଼ିବା ପରେ, ଦେଶର ସୀମା ସେପଟେ ସଂଚାରିତ ହେଉଥିବା ରେଡିଓ ଷ୍ଟେସନ୍ ଏବେ ଏକ ନିର୍ଦ୍ଦିଷ୍ଟ ୱେଭ୍ ଲେନ୍ଥ ମଧ୍ୟରେ ନିଜର ପ୍ରସାରଣ ଜାରିରଖିଲେ। ଏ ନେଇ ୧୯୧୨ ମସିହାରେ ଲଣ୍ଡନଠାରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ବିଶ୍ୱର ପ୍ରଥମ ସଂକ୍ଷିପ୍ତ-ୱେଭ୍ ରେଡିଓ ପ୍ରସାରଣ ୧୯୨୫ ମସିହାରେ ମସ୍କୋରୁ କରାଯାଇଥିଲା। ୫ ବର୍ଷ ମଧ୍ୟରେ ଅଲ୍ ୟୁନିୟନ୍ ରେଡିଓ ଲଗାତାର ଭାବରେ ଜର୍ମାନ୍, ଫ୍ରେଞ୍ଚ, ଡଚ୍ ଓ ଇଂରାଜୀ ଭାଷାରେ କମ୍ୟୁନିଷ୍ଟ ଦଳର ପ୍ରଚାର କରିବାକୁ ଲାଗିଲା।

ସେହି ସମୟରେ ୧୯୩୩ ମସିହାରେ ଜର୍ମାନୀରେ ନାଜି ଦଳ କ୍ଷମତାରେ ଥିଲା। ତେଣୁ ରେଡିଓ ପ୍ରସାରଣ ଅନ୍ତର୍ଜାତୀୟ କୂଟନୀତିର ବ୍ୟାପକ ପ୍ରୟୋଗ ଦେଖିବାକୁ ମିଳିଲା। ହିଟଲରଙ୍କ ପ୍ରଚାର ମନ୍ତ୍ରଣାଳୟର ମୁଖ୍ୟ ଜୋସେଫ ଗୋବେଲସ (Josef Goebbels)ଙ୍କ ବିଶ୍ୱାସ ଥିଲା, ପ୍ରଚାରପ୍ରସାର ନିମନ୍ତେ ରେଡିଓ ପ୍ରସାରଣ ନିଶ୍ଚିତ ରୂପେ ସତ୍ୟର ପ୍ରକୃତ ପ୍ରଚାର ଓ ପ୍ରସାରଣ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ। ପ୍ରଚାରପ୍ରସାରର ଅର୍ଥ ହେଉଛି ସମସ୍ତ ଯୁଦ୍ଧକ୍ଷେତ୍ରରେ ସାହସର ସହ ଲଢ଼ିବା, ଉତ୍ସାହ ସୃଷ୍ଟି କରିବା, ବହୁଗୁଣିତ କରିବା, ଧ୍ୱଂସ କରିବା, ବିନାଶ କରିବା, ପ୍ରତିଷ୍ଠା କରିବା ଏବଂ ନଷ୍ଟ କରିବା । ୧୯୩୫ ମସିହାରେ ଜର୍ମାନୀରେ ନଜର ଆସିଥିବା ଜାତିବାଦ ଓ ଅଣଇହୁଦୀ ବିଚାରଧାରା (ଥାର୍ଡ୍ ରିଚ୍ ନାମରେ ଖ୍ୟାତ) ଉପରେ ଜର୍ମାନୀ ନାଜି ଦଳର ଧ୍ୟାନ କେନ୍ଦ୍ରୀଭୂତ ହୋଇଥିଲା। ଏହି ସମୟରେ ରେଡିଓ ପ୍ରସାରଣକୁ ଜରିଆକରି ନାଜି ଦଳ ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ ତଥା ବିଦେଶରେ ରହୁଥିବା ଜର୍ମାନ ନାଗରିକଙ୍କୁ ନିଜର ଅଭିଯାନରେ ଯୋଡ଼ିପାରିଥିଲା। ସମସ୍ତ ସଂକ୍ଷିପ୍ତ-ୱେଭ୍ କାର୍ଯ୍ୟକ୍ରମ ଆର୍ଜେଣ୍ଟିନାରେ ବି ପୁନଃପ୍ରସାରିତ ହୋଇଥିଲା, ଆର୍ଜେଣ୍ଟିନା ସେହି ଦେଶ ଯାହା ଅନେକ ଜର୍ମାନ ନାଗରିକଙ୍କର ଦ୍ୱିତୀୟ ଘର ଭାବେ ଜଣାଶୁଣା। ପରବର୍ତ୍ତୀ ସମୟରେ, ନାଜି ଦଳ ଆହୁରି ଅନେକ ଭାଷାରେ ତାହାର ଅନ୍ତର୍ଜାତୀୟ ପ୍ରସାରଣ ଆରମ୍ଭ କରିଥିଲା- ଯାହା ମଧ୍ୟରେ ସାମିଲ ଆଫ୍ରିକୀୟ, ଆରବ୍ୟ ଓ ଭାରତୀୟ; ଏବଂ ୧୯୪୫ ସୁଦ୍ଧା ଜର୍ମାନ ରେଡିଓ ୫୦ରୁ ଅଧିକ ଭାଷାରେ ପ୍ରସାରିତ ହୋଇଥିଲା ।

ବେନିଟୋ ମୁସୋଲିନୀଙ୍କ ନେତୃତ୍ୱରେ ଇଟାଲିରେ ଫାସିବାଦ ପ୍ରଚଳିତ ଥିବା ସମୟରେ ମୁଦ୍ରଣ ଓ ପ୍ରଚାର ମନ୍ତ୍ରଣାଳୟ ପ୍ରତିଷ୍ଠିତ  ହୋଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା- ଫାସିବାଦ ଆଦର୍ଶକୁ ପ୍ରୋତ୍ସାହନ ଦେବା ଓ ଇଥିଓପିଆ ଆକ୍ରମଣ (୧୯୩୫) ସହିତ ସ୍ପେନ୍ ଗୃହଯୁଦ୍ଧ ସମୟରେ ଫାସିବାଦର ସମର୍ଥକ ଫ୍ରାନ୍ସିସ୍କୋ ଫ୍ରାଙ୍କୋଙ୍କୁ ସହାୟତା କରିବାରେ ଜନମତ ହାସଲ କରିବା। ମୁସୋଲିନୀ ଆରବକୁ ମଧ୍ୟ ରେଡିଓ ଯୋଗାଇ ଦେଇଥିଲେ, ଦକ୍ଷିଣ ଇଟାଲିରେ ପ୍ରତିଷ୍ଠା କରିଥିଲେ ସେତେବେଳର ଏକମାତ୍ର ରେଡିଓ ଷ୍ଟେସନ୍ – ରେଡିଓ ବ୍ୟାନ୍। ଏପରି ପ୍ରଚାର-ପ୍ରସାର ବ୍ରିଟିଶ ବୈଦେଶିକ କାର୍ଯ୍ୟାଳୟକୁ ବିବିସି ଆନୁକୂଲ୍ୟରେ ଏକ ନିୟନ୍ତ୍ରିତ ବିଭାଗ ଗଠନ କରିବା ନିମନ୍ତେ ପ୍ରବର୍ତ୍ତାଇଲା, ଯାହା ଅନ୍ତର୍ଜାତୀୟ ପ୍ରସାରଣକୁ ତଦାରଖ କରୁଥିଲା ଓ ପରେପରେ ଆରବିକ୍ ଭାଷାରେ ରେଡିଓସେବା ଆରମ୍ଭ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ବେଳେ ଅନ୍ତର୍ଜାତୀୟ ଯୋଗାଯୋଗ ଏକ ଦ୍ୱିପାକ୍ଷିକ ପ୍ରଚାରପ୍ରସାର ସାଧନ ଭାବରେ ମୁଣ୍ଡ ଟେକିଲା। ଜାପାନର ଯୁଦ୍ଧକାଳୀନ ପ୍ରଚାର ମଧ୍ୟରେ ସାମିଲ ଥିଲା ନିପୋନ ହୋସୋକ୍ୟୋକାଇ (ଏନ୍‌ଏଚ୍‌କେ)ଙ୍କ ସଂକ୍ଷିପ୍ତ-ୱେଭ୍ ଉଦବୋଧନର ପ୍ରସାରଣ।

ଜାପାନ ବ୍ରଡକାଷ୍ଟିଙ୍ଗ୍ କର୍ପୋରେସନ ଜରିଆରେ ଏସିଆର ଦକ୍ଷିଣ-ପୂର୍ବ ଓ ପୂର୍ବ ଭାଗ ସମେତ ଯୁକ୍ତରାଷ୍ଟ୍ର ଆମେରିକାର ପଶ୍ଚିମ ପ୍ରାନ୍ତରେ ବି ଏହା ପ୍ରସାରିତ ହୋଇଥିଲା, ଯେଉଁଠି ବହୁ ସଂଖ୍ୟାରେ ଆମେରିକୀୟ ଜାପାନ ଅଧିବାସୀ ବସବାସ କରୁଥିଲେ। ଅଧିକନ୍ତୁ, ଏନ୍ଏଚ୍କେ ଆହୁରି ଅନେକ ଉଚ୍ଚ ଗୁଣବତ୍ତାପୂର୍ଣ୍ଣ ପ୍ରଚାର କାର୍ଯ୍ୟକ୍ରମର ପ୍ରସାରଣ କରିଥିଲେ। ଏହା ମଧ୍ୟରେ ଥିଲା- 'ଜିରୋ ଆୱାର୍' ଯାହାପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଯୁଦ୍ଧରତ ଆମେରିକୀୟ ସେନାଙ୍କୁ ଜାଗ୍ରତ ରଖିବା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଯଦିଓ ବିବିସି ବ୍ରିଟିଶ ସରକାରଙ୍କଦ୍ୱାରା ସିଧାସଳଖ ନିୟନ୍ତ୍ରିତ ହେଉନଥିଲା, ଯୁଦ୍ଧ ସମୟରେ ସ୍ୱାଧୀନତା ପାଇଁ ଏହାର ଦାବି ବ୍ରିଟିଶ୍ ଗଣମାଧ୍ୟମର ବିଶିଷ୍ଟ ଐତିହାସିକଙ୍କ ଶବ୍ଦରେ ବ୍ରିଟିଶ ଆତ୍ମ-ପ୍ରଶଂସିତ ମିଥ୍ଠାରୁ ଟିକିଏ ଅଧିକ ଥିଲା । ଏହାର ମହାନିର୍ଦ୍ଦେଶକ ଜନ୍ ରିଥ୍ ଥିଲେ ଯିଏ ବିବିସି ପ୍ରତିଷ୍ଠା ପଛରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ରିଥ୍ ୧୯୪୦ ମସିହାରେ କିଛିକାଳ ପାଇଁ ସୂଚନା ମନ୍ତ୍ରୀ ଥିଲେ ଓ ତାଙ୍କୁ ଗୋବେଲ୍ସଙ୍କ ବିପରୀତ ଥିଲେ ବୋଲି ମଧ୍ୟ କୁହାଯାଏ । ବିବିସି ଏମ୍ପାୟାର ସର୍ଭିସ ୯୩୨ ମସିହାରେ ସ୍ଥାପିତ ହୋଇଥିଲା ।

### ୧.୪.୬: ବିବିସି

ଆମେରିକୀୟ ପ୍ରଚାର-ପ୍ରସାରଠାରୁ ଭିନ୍ନ ତଥା ଉତ୍ତମ ଥିଲା ବିବିସି'ର ପ୍ରସାରଣ ସେବା; ଯାହା ଭେଟି ଦେଇଥିଲା ଏକ ପରିପକ୍ୱ, ସନ୍ତୁଳିତ ଦୃଷ୍ଟିକୋଣ। ଅଶାନ୍ତି ତଥା ଅପ୍ରୀତିକର କାର୍ଯ୍ୟକ୍ରମ ପ୍ରସାରଣ କରିବା ପରିବର୍ତ୍ତେ ଏହା ତର୍କସମ୍ମତ ରହି ଶ୍ରୋତାଙ୍କ ମନକୁ ଛୁଇଁ ପାରିଥିଲା। ଏହି ପ୍ରମାଣିତ ନୀତିପୂର୍ଣ୍ଣ ସନ୍ତୁଳନ ହିଁ ବିଶ୍ୱର ଅନ୍ୟାନ୍ୟ ପ୍ରସାରଣ ସଂଗଠନ ଅପେକ୍ଷା ବିବିସିକୁ ଅଧିକ ଅନ୍ତର୍ଜାତୀୟ ସୁନାମ ପ୍ରଦାନ କରିଛି। ବିବିସି ବ୍ରିଟିଶ ସରକାରଙ୍କ ଉପରେ ନିର୍ଭରଶୀଳ ଥିଲା, କାରଣ, ସଂସ୍ଥା ଚଳାଇବା ନିମନ୍ତେ ଆର୍ଥିକ ସହାୟତା ବୈଦେଶିକ ଓ ଔପନିବେଶିକ କାର୍ଯ୍ୟାଳୟ (ବର୍ତ୍ତମାନ ବୈଦେଶିକ ଏବଂ ରାଜ୍ୟଗୋଷ୍ଠୀ କାର୍ଯ୍ୟାଳୟ ନାମରେ ପରିଚିତ)ରୁ ମିଳୁଥିଲା। ସରକାର ମଧ୍ୟ ସ୍ଥିର କରୁଥିଲେ କାର୍ଯ୍ୟକ୍ରମ ନିମନ୍ତେ କେଉଁ ଭାଷା ବ୍ୟବହୃତ ହେବ ଆଉ ଶ୍ରୋତାଙ୍କ ନିମନ୍ତେ ତାହା କେତେ ସମୟ ପର୍ଯ୍ୟନ୍ତ ପ୍ରସାରିତ ହେବ। ଉଦାହରଣ ସ୍ୱରୂପ, ୧୯୪୮-୪୯ ମସିହାରେ ବର୍ଲିନ ବନ୍ଦ ସମୟରେ ବିବିସି ବୈଦେଶିକ ସେବାର ସମଗ୍ର ପ୍ରସାରଣ କମ୍ୟୁନିଷ୍ଟ, ସୋସିଆଲିଷ୍ଟ, ସୋଭିଏତ ବ୍ଲକ୍ ବା ଇଷ୍ଟର୍ଣ୍ଣ ବ୍ଲକ୍ ଦେଶଗୁଡ଼ିକଦ୍ୱାରା ହିଁ ପରିଚାଳିତ ହେଉଥିଲା। ଅଧିକନ୍ତୁ, ବିବିସି ଉପରେ ବ୍ରିଟିଶ ସରକାରଙ୍କର ପରୋକ୍ଷ ପ୍ରଭାବ ଅନୁଭୂତ ହେଉଥିଲା। କିନ୍ତୁ ବିବିସିକୁ ଭିନ୍ନ ସ୍ୱରୂପ ପ୍ରଦାନ କରିଥିଲା ନିଜସ୍ୱ ସରକାରଙ୍କୁ ପରୋକ୍ଷରେ ସମାଲୋଚନା କରିବାର ସାମର୍ଥ୍ୟ। ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରିଟେନ ମଧ୍ୟରେ ଥିବା ସ୍ୱତନ୍ତ୍ର ମଧୁର ସମ୍ପର୍କ ଶୀତଳ ଯୁଦ୍ଧ ସମୟରେ ଅନ୍ତର୍ଜାତୀୟ ପ୍ରସାରଣ କ୍ଷେତ୍ରରେ ବି ଦେଖିବାକୁ ମିଳିଥିଲା।

୧୯୪୬ ମସିହାରେ ଋଷୀୟ ଭାଷାର ଏକ ବିଭାଗ ପ୍ରତିଷ୍ଠାକରି ବିବିସି ବିଶ୍ୱସେବା ଶୀତଳ ଯୁଦ୍ଧର ଏକ ପ୍ରମୁଖ ଅଂଶ ହୋଇପାରିଥିଲା, ବିଶ୍ୱର ଭିନ୍ନ ଭିନ୍ନ ସ୍ଥାନରେ ଥିବା ତାହାର ରିଲେ ଷ୍ଟେସନକୁ ଜରିଆକରି ଯୋଜନାଗତ ଭାବରେ ବିବିସି ନିଜର ପ୍ରସାରଣ ଜାରିରଖିଲା। ଏହିସବୁ ଷ୍ଟେସନ ମଧ୍ୟରେ ଥିଲା- ଆସେନ୍ସନ୍ ଦ୍ୱୀପପୁଞ୍ଜ ଓ ଆଣ୍ଟିଗୁଆ (ପଶ୍ଚିମ ଗୋଲାର୍ଦ୍ଧକୁ ଅକ୍ତିଆରରେ ରଖିବା ନିମନ୍ତେ ଜର୍ମାନ ରେଡିଓ ଷ୍ଟେସନ ଡଚ୍ ୱେଲେ ସହିତ ମିଶି ବିବିସି ଉପରୋକ୍ତ ଅଞ୍ଚଳଗୁଡ଼ିକରେ ଟ୍ରାନ୍ସମିଟର୍ ଓ ରିଲେ ଷ୍ଟେସନ ଯୋଗାଇ ଥିଲା); ସାଇପ୍ରସଠାରେ ମଲ୍ଟି-ଫ୍ରିକ୍ୱେନ୍ସି ପ୍ରସାରଣ କେନ୍ଦ୍ର (ମଧ୍ୟ ପ୍ରାଚ୍ୟ, ଇଉରୋପ ଓ ଉତ୍ତର ଆଫ୍ରିକା ନିମନ୍ତେ); ଓମାନଠାରୁ ଲିଜ୍ ନେଇ ମସିରା (ଆରବ୍ୟ ଅଞ୍ଚଳ ନିମନ୍ତେ); ସିଚେଲସ୍ (ପୂର୍ବ ଆଫ୍ରିକା ନିମନ୍ତେ); କ୍ରାଂଜି ସିଙ୍ଗାପୁର (ଦକ୍ଷିଣ-ପୂର୍ବ ଏସିଆ ନିମନ୍ତେ) ଓ ହଙ୍ଗକଙ୍ଗ୍ (ପୂର୍ବ ଏସିଆ, ବିଶେଷ କରି ଚୀନ ନିମନ୍ତେ)।

ଡଚ୍ ୱେଲ୍ ଏବଂ ରେଡିଓ ଫ୍ରାନ୍ସ ଇଣ୍ଟରନ୍ୟାସନାଲ (ଆର୍‌ଏଫ୍‌ଆଇ) ପରି ଅନ୍ୟାନ୍ୟ ପାଶ୍ଚାତ୍ୟ ଷ୍ଟେସନ ମଧ୍ୟ ବାକ୍‌ଯୁଦ୍ଧରେ ନିଜର ଅବଦାନ ଦେଇଥିଲେ। ବିଶେଷ କରି ଫ୍ରାନ୍ସର ପୂର୍ବତନ ଉପନିବେଶଗୁଡ଼ିକରେ ପ୍ରଭାବଶାଳୀ ରହି ଆସିଥିବା ଆର୍‌ଏଫ୍‌ଆଇ'ର ଦୁଇଟି ମୁଖ୍ୟ ରିଲେ ଷ୍ଟେସନ ବା ପ୍ରସାରଣ କେନ୍ଦ୍ର ଥିଲା- ଗବୋନ୍ ସ୍ଥିତ ମୋୟାବି'ରେ ଏବଂ ଫ୍ରେଞ୍ଚ୍ ଗିନି ସ୍ଥିତ ମୋ ସିନେରୀ'ରେ। ଅଧିକନ୍ତୁ, ସାଇପ୍ରସରେ ଥିବା ପେଶାଦାର ରେଡିଓ ମୋଣ୍ଟେ କାର୍ଲୋଠାରୁ ଏହା ଲିଜ୍‌ରେ ପ୍ରସାରଣ ଅଧିକାର ହାସଲ କରିଥିଲା ଓ ମଧ୍ୟ ପ୍ରାଚ୍ୟରେ ନିଜର ଅଭିଯାନ ଚଳାଇଥିଲା। ବ୍ରିଟେନ ତୁଳନାରେ ଶୀତଳ ଯୁଦ୍ଧ ଜନିତ ସମ୍ବାଦ ପ୍ରସାରିତ କରିବାରେ ଫ୍ରାନ୍ସର ଭୂମିକା ଥିଲା ନଗଣ୍ୟ। ସୋଭିଏତ ପ୍ରଶାସନ ତରଫରୁ ଆର୍.ଏଫ୍.ଆଇ ଉପରେ ଏ ନେଇ କୌଣସି ଚାପନଥିଲା। ନିଜର ସ୍ୱାଧୀନ ବୈଦେଶିକ ନୀତି ଓ ସାଂସ୍କୃତିକ ଭାବଧାରାକୁ ବଜାୟ ରଖିବା ଦିଗରେ ଫ୍ରେଞ୍ଚ୍ ଇଣ୍ଟରନ୍ୟାସନାଲ ବ୍ରଡକାଷ୍ଟିଙ୍ଗ୍ କେନ୍ଦ୍ରୀଭୂତ ରହିଥିଲା। ଆଫ୍ରିକା, ମଧ୍ୟ ପ୍ରାଚ୍ୟ, କାରିବିଆନ୍ ଓ ପ୍ରଶାନ୍ତ ମହାସାଗର ଅନ୍ତର୍ଗତ ପୂର୍ବତନ ଉପନିବେଶଗୁଡ଼ିକରେ ସଂସ୍କୃତି ଓ ବାଣିଜ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ଏହା ଆଗେଇଥିଲା।

### ୧.୪.୭: ତୃତୀୟ ବିଶ୍ୱରେ ଶୀତଳ ଯୁଦ୍ଧର ପ୍ରସାର

ଦୁଇଟି ଘମାଘୋଟ ଯୁଦ୍ଧର ଅବସାନ ପରେ, ଶୀତଳ ଯୁଦ୍ଧ ସମୟରେ, ତୃତୀୟ ବିଶ୍ୱରେ ଜନତାଙ୍କ ହୃଦୟ ଓ ମନକୁ ଛୁଇଁ ଯାଇଥିବା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଯୁଦ୍ଧ ପରବର୍ତ୍ତୀ ପରିସ୍ଥିତି- ଶହ ଶହ ବର୍ଷ ଧରି ଇଉରୋପୀୟ ଔପନିବେଶିକ ଶକ୍ତି ଅଧୀନରେ ଥିବା ବିଭିନ୍ନ ଦେଶ ଏଥିରୁ ମୁକୁଳିବାକୁ ଚାହିଁଲେ। ସୋଭିଏତ ସଂଘ ଅନୁଭବ କଲା, ଏସିଆ ଓ ଆଫ୍ରିକାରେ ଦେଖାଦେଇଥିବା ଅଣ-ଔପନିବେଶିକ ଆନ୍ଦୋଳନ

ଯେହେତୁ ବହୁଳ ଭାବରେ ପାଶ୍ଚାତ୍ୟ ଦେଶ ବିରୁଦ୍ଧରେ ଯାଉଛି, ଏପରି ରାଜନୀତିକ ପରିସ୍ଥିତିରେ ସାମ୍ୟବାଦକୁ ପ୍ରୋତ୍ସାହନଦେବା ଜରୁରୀ। ଅନ୍ୟ ପକ୍ଷରେ ପାଶ୍ଚାତ୍ୟ ଦେଶଗୁଡ଼ିକ କଞ୍ଚାମାଲକୁ ନିୟନ୍ତ୍ରଣ କରି ପାଶ୍ଚାତ୍ୟ ଦ୍ରବ୍ୟଗୁଡ଼ିକର ବଜାରକୁ ବ୍ୟାପକ କରିବା ଦିଗରେ ଉତ୍ସାହୀ ଥିଲେ। ଏହି ସମୟରେ ରେଡିଓ ଏକ ମହତ୍ୱପୂର୍ଣ୍ଣ ମାଧ୍ୟମ ରୂପରେ ଦେଖାଦେଲା, ଯାହା ବିକାଶମୁଖୀ ଦେଶଗୁଡ଼ିକର ସର୍ବାଧିକ ଜନତାଙ୍କୁ ସର୍ବନିମ୍ନ ଶିକ୍ଷା ଯୋଗାଇବା ଦିଗରେ ପ୍ରୟାସ ଆରମ୍ଭ କଲା। ଅଧିକନ୍ତୁ, ନୂଆ କରି ସ୍ୱାଧୀନ ହୋଇଥିବା ଏସୀୟ ଓ ଆଫ୍ରିକୀୟ ଦେଶଗୁଡ଼ିକରେ ନବଜାତ ଗଣମାଧ୍ୟମ ଥିଲା, ଯାହାଙ୍କ ପକ୍ଷରେ ଦେଶଦ୍ୱାରା ପରିଚାଳିତ ଏବଂ ବିଦେଶୀ ଗଣମାଧ୍ୟମ ସହିତ ପ୍ରତିଯୋଗିତା କରିବା ତା' ପକ୍ଷରେ ସେତେ ସହଜନଥିଲା । ସେପଟେ ପାଶ୍ଚାତ୍ୟ ଦେଶଗୁଡ଼ିକ ଅତ୍ୟନ୍ତ ଦକ୍ଷ ହେବା ସହିତ ବୈଷୟିକ କୌଶଳରେ ବି ଢେର୍ ଆଗରେ ଥିଲେ। ବୈଦେଶିକ ପ୍ରସାରଣକାରୀଙ୍କ ନିମନ୍ତେ ମଧ୍ୟ ପ୍ରାଚ୍ୟ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳ ରହିଥିଲା, କାରଣ, ବିଶ୍ୱରେ ସର୍ବାଧିକ ତୈଳ ଯୋଗାଣର ଉତ୍ସ ହୋଇଥିବାରୁ ଏହା ଭୂରଣନୀତିକ ଗୁରୁତ୍ୱ ବହନ କରୁଥିଲା। ଏଥିରେ କୌଣସି ସଂଯୋଗ ନାହିଁ ଯେ' ୧୯୩୮ ମସିହାରେ ଆରବିକ୍ ଭାଷାରେ ଆରମ୍ଭ ହୋଇଥିଲା ବିବିସି ସାମ୍ରାଜ୍ୟର ପ୍ରସାରଣ ସେବା, ଯାହା ଥିଲା ଏକ ବିଦେଶୀ ଭାଷାରେ ବିବିସିର ପ୍ରଥମ ଅଭିଯାନ। ପରେପରେ ୧୯୪୦ ମସିହାରେ ବିବିସି ନିଜର ପର୍ସିଆ ପ୍ରସାରଣ ଆରମ୍ଭ କଲା। ଆରବ ବିଶ୍ୱରେ ଆକାଶବାଣୀକୁ ନିୟନ୍ତ୍ରିତ କରୁଥିଲେ ଫ୍ରେଞ୍ଚ, ବ୍ରିଟିଶ ଓ ଆମେରିକୀୟ ପ୍ରସାରଣକାରୀ; ଇସ୍ରାଏଲର ସ୍ୱର କୁହାଯାଉଥିବା ଆରବ୍ୟ ସେବାଯୁକ୍ତ କୋଲ୍ ଇସ୍ରାଏଲ୍ ବି ମଧ୍ୟ ପ୍ରାଚ୍ୟରେ ଏକ ପ୍ରମୁଖ ପ୍ରଚାର କର୍ତ୍ତା ରୂପରେ ନିଜର ଭୂମିକା ନିଭାଇଥିଲା। ପାଶ୍ଚାତ୍ୟ ପ୍ରସାରଣରେ ପୂର୍ଣ୍ଣ ଆରବ୍ୟ ଦେଶପ୍ରେମ ଦର୍ଶାଇବାକୁ ଯାଇ ରଢ଼ିବାଦୀ ଆରବ୍ୟ ଦେଶକୁ ପାଶ୍ଚାତ୍ୟ ସମର୍ଥନ ଯୋଗାଇ ଦିଆଗଲା।

ସାଇପ୍ରସ-ଆଧାରିତ ଏକ ବ୍ରିଟିଶ ବାଣିଜ୍ୟିକ ରେଡିଓ ସାର୍କ୍ ଅଲ୍-ଏ ଡ୍ୟାଙ୍କ(Sharq al-A dank)କୁ ବ୍ୟବହାର କରି ବ୍ରିଟିଶ ସରକାର ଅଣ-ମିଶରୀୟ କାର୍ଯ୍ୟକ୍ରମ ଭଏସ୍ ଅଫ୍ ବ୍ରିଟେନ୍'ର ପ୍ରସାରଣ କରିଥିଲେ, ଯାହା ସେତେ ପ୍ରଭାବଶାଳୀ ନଥିଲା। ତେବେ, ଜବାବ ଦେବାକୁ ଯାଇ ମିଶରର ରାଷ୍ଟ୍ରପତି ଗମଲ୍ ନାସେର୍ ରେଡିଓ ମାଧ୍ୟମରେ ପାନ୍ ଆରବିଜମ୍ (ଆରବରେ ପ୍ରଚଳିତ ଜାତୀୟ ଏକତା ଚିନ୍ତାଧାରା)କୁ ପ୍ରୋତ୍ସାହନ ଦେଇଥିଲେ। କାଏରୋ-ଆଧାରିତ ଭଏସ୍ ଅଫ୍ ଦ ଆରବ୍କୁ ଥିଲା ଏକ ଅନ୍ତର୍ଜାତୀୟ ସେବା, ଯାହା ୧୯୫୦ ଓ ୬୦ ଦଶକରେ ବିପ୍ଳବର ସୂତ୍ରପାତ କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ' ୧୯୫୮ରେ ଇରାକରେ ସଂଘଟିତ ହୋଇଥିବା ବାମପନ୍ଥୀ ବିପ୍ଳବରେ ଏହାର ପ୍ରମୁଖ ଭୂମିକା ନିର୍ବାହ କରିଥିଲା।

ପାନ୍-ଆରବ ଚିନ୍ତାଧାରା ମଧ୍ୟ ପାଲେଷ୍ଟାଇନ୍ ଅଧିକୃତ ରେଡିଓଗୁଡ଼ିକୁ ସହାୟକ ହୋଇଥିଲା, ଯାହା ପାଲେଷ୍ଟାଇନ୍ ଲିବରେସନ୍ ଅର୍ଗାନାଇଜେସନ୍ (ପିଏଲ୍ଓ) କାର୍ଯ୍ୟାଳୟ ଜରିଆରେ କାଏରୋ, ବିରୁଟ,

ଆଲ୍‌ଜେରିଆ ଓ ବାଗଦାଦଆଦି ଦେଶରୁ ନିୟମିତ ଆଉ ସାମୟିକ ଭାବରେ କାର୍ଯ୍ୟକ୍ରମ ପ୍ରସାରଣ କରି ଆସୁଥିଲା। ଇସ୍ରାଏଲ୍ ପକ୍ଷରୁ ଆକ୍ରମଣର ଆଶଙ୍କା ରହୁଥିବାରୁ ପ୍ରସାରଣର ସ୍ଥାନ ବାରମ୍ବାର ବଦଳୁଥିଲା। ପାଲେଷ୍ଟାଇନ୍‌ର ସଂଘର୍ଷକୁ ବଜାୟ ରଖିବାରେ ଏହିସବୁ ରେଡିଓ ପ୍ରମୁଖ ଭୂମିକା ନେଇଥିଲେ। ଆଲଜେରିଆରେ ଫ୍ରଣ୍ଟ୍ ଡି ଲିବରେସନ୍ ନ୍ୟାସନାଲ୍ (ଏଫ୍‌ଏନ୍‌ଏଲ୍) ରେଡିଓ ଷ୍ଟେସନ୍ ଅନ୍ତର୍ଗତ ଦ ଭଏସ୍ ଅଫ୍ ଆଲଜେରିଆ (ଭିଓଏ) କାର୍ଯ୍ୟକ୍ରମ ଫ୍ରେଞ୍ଚ୍ ଔପନିବେଶିକ ପ୍ରଶାସନ ବିରୁଦ୍ଧରେ ଆଲଜେରିଆର ଜାତୀୟ ସ୍ୱାଧୀନତା ଯୁଦ୍ଧକୁ ଆଗେଇ ନେବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଫ୍ରା ଜ୍ ଫାନନ୍’ଙ୍କ ମତରେ, ବିନା ସାଧନରେ ସୃଷ୍ଟି ହୋଇଥିଲେ ବି ରେଡିଓ ସାରାଦେଶକୁ ନୂତନ ଜୀବନ ପ୍ରଦାନ କରିଛି ଏବଂ ପ୍ରତ୍ୟେକ ନାଗରିକ ଏକ ନୂତନ ପଦରେ ଅଭିଷିକ୍ତ ହୋଇଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା ତରଫରୁ ଏସିଆରେ ସିଧାସଳଖ ପ୍ରସାରଣ ସହିତ ଭିଓଏ ଜାପାନ, ଥାଇଲାଣ୍ଡ (ଯେଉଁଠି ଦ ଭଏସ୍ ଅଫ୍ ଫ୍ରି ଏସିଆ ଥିଲା ଭିଓଏ’ର ଅଂଶ ବିଶେଷ) ଓ ଶ୍ରୀଲଙ୍କା ପ୍ରଭୃତି ଦେଶରେ ବି ନିଜର ଅଭିଯାନ ଜାରିରଖିଥିଲା। ୧୯୪୯ ମସିହାରେ ସଂଘଟିତ ଚୀନରାଷ୍ଟ୍ର ବିପ୍ଳବ ପରେ ଏସିଆର ଅନ୍ୟାନ୍ୟ ଅଞ୍ଚଳରୁ ସାମ୍ୟବାଦକୁ ମୂଳପୋଛ କରିବା ଥିଲା ଯୁକ୍ତରାଷ୍ଟ୍ର ଆମେରିକାର ଆଭିମୁଖ୍ୟ। ୧୯୫୧ ମସିହାରେ ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ) ମାନିଲାର ରେଡିଓ ଫ୍ରି ଏସିଆକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଅଣ-ସାମ୍ୟବାଦୀ ଆନ୍ଦୋଳନକୁ ଆଗେଇ ନେବା। ପରବର୍ତ୍ତୀ ସମୟରେ ଉପରୋକ୍ତ ରେଡିଓ ଷ୍ଟେସନଟି ରେଡିଓ ଅଫ୍ ଫ୍ରି ଏସିଆ ନାମରେ ୧୯୬୬ ମସିହା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା।

ଭିଏତନାମ ଯୁଦ୍ଧ ସମୟରେ ଆମେରିକୀୟ ପ୍ରଚାରପ୍ରସାର ଆହୁରି ଉଚ୍ଚକୁ ଯାଇଥିଲା (ଚାଣ୍ଡଲର, ୧୯୮୧; ହାଲିନ, ୧୯୮୬)। ଯୁଗ୍ମ ଆମେରିକୀୟ ସରକାରୀ କାର୍ଯ୍ୟାଳୟ ହେଲା ସମସ୍ତ ପ୍ରଚାର-ପ୍ରସାର କାର୍ଯ୍ୟର ପ୍ରତିନିଧିତ୍ୱ କରୁଥିବା ଅଧିକାରୀ। ସାମ୍ୟବାଦକୁ ସମର୍ଥନ ନକରି ଦକ୍ଷିଣ ଭିଏତନାମକୁ ସମସ୍ତ ପ୍ରକାର ସମର୍ଥନ ଯୋଗାଇ ଦେବା ଥିଲା ବିଭାଗୀୟ ମୁଖ୍ୟଙ୍କର ଉଦ୍ଦେଶ୍ୟ। ଏହିସବୁ ବାର୍ତ୍ତା ମୁଖ୍ୟତଃ ଲିଫ୍‌ଲେଟ୍ ଏବଂ ନିମ୍ନ-ଉଡ଼ାଣଯୁକ୍ତ ଉଡ଼ାଜାହାଜ ମାଧ୍ୟମରେ ପ୍ରସାରିତ ହୋଇ ଜନତାଙ୍କୁ ଅବଗତ କରାଯାଉଥିଲା। ଆକଳନରୁ ଜାଣିବାକୁ ମିଳେ ଯେ’ ଭିଏତନାମରେ ୭ ବର୍ଷ  କାର୍ଯ୍ୟକାଳ ମଧ୍ୟରେ ସାମରିକ ଶକ୍ତିର ସମର୍ଥନରେ ୟୁଏସ୍‌ଆଇଏ ଦେଶର ଦୁଇ ପ୍ରାନ୍ତରେ ରହୁଥିବା ପ୍ରତ୍ୟେକ ନାଗରିକଙ୍କ ପିଛା ପାଖାପାଖି ୧,୫୦୦ ହିସାବରେ ପ୍ରାୟ ୫୦ ବିଲିୟନ୍ ଲିଫ୍‌ଲେଟ୍ ପ୍ରଦାନ କରିଥିଲା (ଚାଣ୍ଡଲର୍, ୧୯୮୧: ୩)। ମନସ୍ତାତ୍ୱିକ ଯୁଦ୍ଧ ସମୟରେ ରେଡିଓ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ସିଆଇଏ ତରଫରୁ ଦକ୍ଷିଣ ଭିଏତନାମରେ ପ୍ରସାରିତ ହୋଇଥିଲା ଭଏସ୍ ଅଫ୍ ଦ ପାଟ୍ରିଓଟିକ୍ ମିଲିଟିଆମେନ୍ସ ଫ୍ରଣ୍ଟ୍ କାର୍ଯ୍ୟକ୍ରମ ଓ ଇଣ୍ଡୋନେସିଆରେ ଦୁଇଟି ସୁକର୍ଣ୍ଣୋ ବିରୋଧୀ କାର୍ଯ୍ୟକ୍ରମ- ଭଏସ୍ ଅଫ୍ ଫ୍ରି ଇଣ୍ଡୋନେସିଆ ଏବଂ ରେଡିଓ

ସୁଲାଓ୍ୱେସୀ। ଲାଟିନ ଆମେରିକାରେ ଯେଉଁଠି ଯୁକ୍ତରାଷ୍ଟ୍ରର ପ୍ରଭାବ ରହିଥିଲା, ସେଠାରେ ରେଡିଓ ପ୍ରଚାର-ପ୍ରସାର ବି ତୀବ୍ର ରୂପନେଲା, ବିଶେଷ କରି ଫିଡେଲ୍ କାଷ୍ଟ୍ରୋଙ୍କ ନେତୃତ୍ୱରେ କ୍ୟୁବାରେ ତେଜିଲା ସାମ୍ୟବାଦ ବିପ୍ଳବ। ୧୯୬୨ ମସିହାରେ କ୍ୟୁବାର ମିସାଇଲ ସଂକଟ ସମୟରେ ଆମେରିକୀୟ ରାଷ୍ଟ୍ରପତି ଜନ୍ କେନେଡ଼ି କାଷ୍ଟ୍ରୋଙ୍କ ବିରୁଦ୍ଧରେ ନିଜର ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ। ତେବେ, କାଷ୍ଟ୍ରୋଙ୍କୁ କ୍ଷମତାରୁ ହଟାଇବା ସମ୍ଭବ ହୋଇନଥିଲା ଓ ଚିନ୍ତା ପ୍ରକଟ କରାଗଲା ଯେ' ତାଙ୍କର ସଫଳତା ଲାଟିନ ଆମେରିକାର ଅନ୍ୟାନ୍ୟ ଅଞ୍ଚଳରେ ଅଣ-ଆମେରିକୀୟ ଭାବଧାରାକୁ ପ୍ରୋତ୍ସାହନ ଦେଇପାରେ। ଯାହା ବି ହେଉ, ଆମେରିକୀୟ ସରକାର ନିଜର ପ୍ରଚାରପ୍ରସାର ଜାରିରଖିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ' ଏ ପରିପ୍ରେକ୍ଷୀରେ ୧୯୮୩ ମସିହାରେ ରେଡିଓ ମାରଟି (Marti) ଆରମ୍ଭ ହେବା ସହିତ ପରେପରେ ୧୯୯୦ ମସିହାରେ ଟିଭି ମାରଟିର ସୂତ୍ରପାତ ହେଲା; କ୍ୟୁବାର ଆଧିପତ୍ୟକୁ ଉଲଙ୍ଘନ କରୁଥିବାରୁ କ୍ୟୁବା ଏହାକୁ ଏକ ଶତ୍ରୁତାପୂର୍ଣ୍ଣ ଆଚରଣ ବୋଲି ମନେକଲା (ଆଲେକ୍‌ଜାଣ୍ଡ୍ରେ, ୧୯୯୩)।

## ୧.୪.୮: ବିଶ୍ୱ ସ୍ତରୀୟ ଯୋଗାଯୋଗ ଭିତ୍ତିଭୂମି ସୃଷ୍ଟି

୧୯୮୦ ଦଶକରେ ବିଶ୍ୱ ରାଜନୀତିକ ଦୃଶ୍ୟପଟରେ ମୌଳିକ ବିଚାରରେ ପରିବର୍ତ୍ତନ ଦେଖାଦେଇଥିଲା; ଯାହା ସମର୍ଥକ ବଜାର, ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରଶାସନକୁ ଜନ୍ମଦେଲା ଓ ଅନ୍ତର୍ଜାତୀୟ ଯୋଗାଯୋଗ ଉପରେ ବହୁତ ପ୍ରଭାବ ପକାଇଥିଲା। ଯୋଗାଯୋଗ ଓ ଗଣମାଧ୍ୟମ ଶିଳ୍ପରେ ଉଦାରୀକରଣ, ଅନିୟମନ ଏବଂ ଘରୋଇକରଣ ପ୍ରକ୍ରିୟା ସହ ଯୋଡ଼ି ହୋଇଥିଲା ନୂତନ ଡିଜିଟାଲ୍ ସୂଚନା ତଥା ଯୋଗାଯୋଗ ଜନିତ ବୈଷୟିକ କୌଶଳ (ଆଇସିଟି), ଯାହାକୁ ଜରିଆକରି ଅନ୍ତର୍ଜାତୀୟ ଯୋଗାଯୋଗ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିଥିଲା। ଟେଲି ଯୋଗାଯୋଗର ବିଶ୍ୱୀକରଣ ଅନ୍ତର୍ଜାତୀୟ ଯୋଗାଯୋଗକୁ ଆମୂଳଚୂଳ ବଦଳାଇ ଦେଲା। ଟେଲି ଯୋଗାଯୋଗର ଅଭିସରଣ ରୂପରେ କମ୍ପ୍ୟୁଟର ଓ ଗଣମାଧ୍ୟମ ଶିଳ୍ପ ଡିଜିଟାଲ୍ ପ୍ରୟୋଗ ମାଧ୍ୟମରେ ଅଧିକରୁ ଅଧିକ ସୂଚନା ତୀବ୍ରଗତିରେ ସାରା ବିଶ୍ୱକୁ ଯୋଗାଇ ଚାଲିଲେ। ମାନବ ଇତିହାସରେ ଏପରି ପ୍ରବାହ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ଗତ ତିନି ଦଶନ୍ଧି ମଧ୍ୟରେ ବିଶ୍ୱରେ ତ୍ରିଶକ୍ତି ଅର୍ଥ ଯୋଗାଣକାରୀ ସଂଗଠନଗୁଡ଼ିକ ଥିଲେ- ବିଶ୍ୱ ବ୍ୟାଙ୍କ, ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ (ଆଇଏମ୍ଏଫ୍), ଏବଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ); ବିଶ୍ୱ ଅର୍ଥନୀତିର ଘରୋଇକରଣ ଦିଗରେ ଏମାନେ ମହତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଆଇଏମ୍ଏଫ୍ ତରଫରୁ ଦିଆଯାଉଥିବା ଋଣ ବ୍ୟବସ୍ଥା ଉପରେ ଏକ ଅଧ୍ୟୟନ ପ୍ରସ୍ତୁତ ହୋଇଥିଲା। ଏଥିରୁ ଜଣାପଡ଼େ- ଯେତେବେଳେ ଏକ ସଂସ୍ଥାର ଆର୍ଥନୀତିକ ବିଶ୍ୱାସ ଆଇଏମ୍ଏଫ୍'ର ବିଶ୍ୱାସ ସହିତ ମିଶିଯାଏ, ଋଣ ଯେତେ ଅଧିକ ଥିଲେ ବି କୋହଳ ହୋଇଯାଏ,

କାର୍ଯ୍ୟାନୁଷ୍ଠାନ ସେତେ କଠୋର ହୋଇନଥାଏ। ଅନ୍ୟ ଶବ୍ଦରେ, ଋଣ ନେଇଥିବା ଦଳ ବା ସଂସ୍ଥା ଆଇଏମ୍ଏଫ୍ ପକ୍ଷରୁ ସ୍ୱତନ୍ତ୍ର ସୁବିଧା ପାଇଥାନ୍ତି।

ନୂତନ ଆଇସିଟି ବିଶ୍ୱସ୍ତରୀୟ ଯୋଗାଯୋଗ ଆଧାର ସୃଷ୍ଟି କରିବାରେ ସହାୟକ ହେଲା; ଟେଲି ଯୋଗାଯୋଗ, ପ୍ରସାରଣ ଆଉ ଇଲେକ୍ଟ୍ରୋନିକ୍ ବ୍ୟବସାୟ ନିମନ୍ତେ ସ୍ଥାନୀୟ ଓ ବିଶ୍ୱସ୍ତରୀୟ କେବଲ୍, ଏବଂ ସାଟେଲାଇଟ୍ ବ୍ୟବସ୍ଥାକୁ ବ୍ୟବହାର କରାଗଲା। ଯୋଗାଯୋଗ ଆଧାରକୁ ଭିତ୍ତିକରି ଇଣ୍ଟରନେଟ୍ ପରିଚାଳିତ ବିଶ୍ୱ ଯୋଗାଯୋଗ ନିମନ୍ତେ ହାର୍ଡ୍‌ୱେୟାର୍ ଯୋଗାଇ ଦିଆଗଲା। ସମାନ ସମୟରେ ଟେଲି ଯୋଗାଯୋଗ କ୍ଷେତ୍ରରେ ସରକାରୀ ନିୟନ୍ତ୍ରଣ ହଟିଯାଇ ଘରୋଇ କମ୍ପାନୀ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା। ପ୍ରଶାସନ-କେନ୍ଦ୍ରିତ ଦୃଷ୍ଟିକୋଣକୁ ବାଦ୍‌ଦେଇ ମୁକ୍ତ ବଜାରର ନିୟମାନୁଯାୟୀ ଯୋଗାଯୋଗ କ୍ଷେତ୍ର ପରିଚାଳିତ ହେଲା। ଇଣ୍ଟରନ୍ୟାସନାଲ ଟେଲିକମ୍ୟୁନିକେସନ ୟୁନିୟନ (ଆଇଟିୟୁ) ପରି ବହୁପକ୍ଷୀୟ ସଂଗଠନ ଏବଂ ଅନ୍ୟାନ୍ୟ ପ୍ରଭାବଶାଳୀ ସଂସ୍ଥାର ସହଯୋଗରେ ନୀତିପୂର୍ଣ୍ଣ ଭାବରେ ଯୋଗାଯୋଗ କ୍ଷେତ୍ର ଆଗେଇ ଚାଲିଲା।

## ୧.୪.୯: ସୂଚନା

ସୂଚନାର ମୂଳଧାରଣାକୁ ଯଦି ଅନୁଧ୍ୟାନ କରିବା, ଆମର ସମାଜ ହେଉଛି ନିଶ୍ଚିତ ରୂପେ ସୂଚନାର ଗନ୍ତାଘର। ସୂଚନାର ଭବିଷ୍ୟତକୁ ବିଚାରରେ ରଖି ସମାଜ କେତୋଟି ଲୋକପ୍ରିୟ ପୁରାଣ ବା କାଳ୍ପନିକ କଥା ଉପରେ ପର୍ଯ୍ୟବସିତ, ଯେମିତି କି- ଅଳ୍ପ ସୂଚନା ଅପେକ୍ଷା ଅଧିକ ସୂଚନା ହିଁ ଉତ୍ତମ, ଅଧିକ ସୂଚନା ଅଧିକ ଜ୍ଞାନ ଓ ବୋଧଗମ୍ୟତା ସୃଷ୍ଟି କରିଥାଏ, ସୂଚନାର ମୁକ୍ତପ୍ରବାହ ଦ୍ୱନ୍ଦ୍ୱ ବା ସଂଘର୍ଷକୁ ରୋକିବାରେ ସହାୟକ ହୁଏ । ସେହିପରି, ଅଧିକ ସୂଚନାର ଅର୍ଥ ହେଲା ଅଳ୍ପ ଅନିଶ୍ଚିତତା ଏବଂ ପର୍ଯ୍ୟାପ୍ତ ବିକଳ୍ପ। ଲୋକମାନେ ଯଦି ଭଲ ଭାବରେ ସୂଚନା ପାଆନ୍ତି, ତଦନୁଯାୟୀ ଉଚିତ୍ କାର୍ଯ୍ୟ କରନ୍ତି। ଅଧିକ ସୂଚନା ଅଧିକ ଶକ୍ତି ସହିତ ସମାନ ଓ ଲୋକମାନେ ଥରେ ଯଦି ପରସ୍ପର ବିଷୟରେ ଯଥାର୍ଥ ସୂଚନା ପାଇଗଲେ, ସେମାନେ ପରସ୍ପରକୁ ବୁଝିପାରନ୍ତି, ଏବଂ ଦ୍ୱନ୍ଦ୍ୱ ଉପୁଜିବାର ଆଶଙ୍କା ନଥାଏ। ଏହିସବୁ ଧାରଣା ଭାରି ଆକର୍ଷଣୀୟ ଲାଗେ; କିନ୍ତୁ ଏସବୁ ଯେ ସତ୍ୟ ହେବ, ତାହା ଜରୁରୀ ନୁହେଁ। ତେବେ, ଲୋକପ୍ରିୟ ଧାରଣାଟି ହେଲା- ସୂଚନା ପ୍ରକୃତରେ ଶକ୍ତି ସହିତ ସମାନ। ସୂଚନା ଶକ୍ତିର ଉତ୍ସ ହୋଇପାରେ ସେତିକିବେଳେ ଯେତେବେଳେ ଉତ୍ପାଦନ, ପ୍ରକ୍ରିୟାକରଣ, ସଂଚୟ, ପୁନର୍ନିର୍ମାଣ ଓ ପରିବହନ ନିମନ୍ତେ ଆବଶ୍ୟକ ହେଉଥିବା ଆଧାରଗୁଡ଼ିକୁ ହାସଲ କରିହୁଏ, ଲୋକମାନେ ଯେତେବେଳେ ସୂଚନାକୁ ସାମାଜିକ ବ୍ୟବହାରରେ ପ୍ରୟୋଗ କରିବାରେ ଦକ୍ଷ ହୋଇଯାଆନ୍ତି ଓ ସାମାଜିକ ବ୍ୟବସ୍ଥାରେ ଅଂଶୀଦାର ହୋଇ ସମାଜର ହିତ ସାଧନ କରିପାରନ୍ତି।

ବାସ୍ତବରେ କହିବାକୁ ଗଲେ, ଲୋକମାନେ ସାଧାରଣତଃ ଶକ୍ତିର ପ୍ରଦର୍ଶନ କରିପାରନ୍ତିନାହିଁ, କାରଣ ସେମାନେ ଭଲ ଭାବରେ ସୂଚନା ପାଇନଥାନ୍ତି ଓ ଏହାକୁ ସେମାନେ ଅବହେଳା କରନ୍ତି। ତେବେ, ଅନେକ ସମୟରେ କ'ଣ ଖରାପ ଓ ଅନ୍ୟାୟ ସେ ବିଷୟରେ ବି ଲୋକଙ୍କର ଲୋକଙ୍କର ଧାରଣା ଥାଏ । ନିଜର ଶାସକଙ୍କ ମନ୍ଦ ଆଚରଣ ବିଷୟରେ ସେମାନେ ଭଲ ଭାବରେ ଅବଗତ ଥାଆନ୍ତି। କିନ୍ତୁ ଏ ନେଇ ସେମାନେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରନ୍ତିନାହିଁ, ତାଙ୍କର ଜ୍ଞାନ କଦାପି ଶକ୍ତିର ଉତ୍ସ ହୋଇପାରେନାହିଁ କାରଣ-ଆନ୍ଦୋଳନ ପାଇଁ ଆବଶ୍ୟକ ବସ୍ତୁଗତ ଓ ବିଚାରଗତ ସାଧନ ତାଙ୍କ ପାଖରେ ନଥାଏ।

ଏକ ଆକର୍ଷଣୀୟ ଧାରଣା ଅଛି ଯେ' ଲୋକମାନେ ଥରେ ଯଦି ପରସ୍ପର ବିଷୟରେ ଯଥାର୍ଥ ସୂଚନା ପାଇଯାଆନ୍ତି, ସେମାନେ ପରସ୍ପରକୁ ଜାଣିପାରନ୍ତି ଓ ବୁଝିପାରନ୍ତି; ଏ ପରିପ୍ରେକ୍ଷୀରେ ଦ୍ୱନ୍ଦ୍ୱ ଉପୁଜିବାର ଆଶଙ୍କା ନଥାଏ। ତେବେ, ସୂଚନାର ଅଭାବ ମଧ୍ୟ ଅନେକ ସମୟରେ ସାଂଘାତିକ ଦ୍ୱନ୍ଦ୍ୱର କାରଣ ହୋଇନପାରେ। ବରଂ, ପରସ୍ପର ବାବଦରେ ପର୍ଯ୍ୟାପ୍ତ ସୂଚନା ହିଁ ଲୋକମାନଙ୍କୁ ପରସ୍ପର-ବିରୋଧୀ କରିଦିଏ। ବାସ୍ତବରେ ପରସ୍ପର ସମ୍ପର୍କିତ ସୂଚନାକୁ ଅଣଦେଖା କରି ସାମାଜିକ ସଂହତି ହାସଲ କରିବାର ଅନେକ ନମୁନା ରହିଛି, ଉଦାହରଣ ସ୍ୱରୂପ- ସମାଜ ସମ୍ମୁଖରେ ଅଭିନେତାମାନଙ୍କର ଉତ୍ତମ ସଂପର୍କର ପ୍ରତିଫଳନ, ପରସ୍ପରକୁ ପସନ୍ଦ କରୁନଥିଲେ ବି ତାହାକୁ ସେମାନେ ଦର୍ଶାନ୍ତି ନାହିଁ। ଅନେକ ସ୍ଥାନରେ ଦେଖାଯାଏ- ଲୋକମାନେ ପରସ୍ପର ସହିତ ଖୁବ୍ ସହଜରେ ମିଶି ଯାଆନ୍ତି, ଯଦିଓ ପରସ୍ପର ବାବଦରେ କୌଣସି ସୂଚନା ସେମାନଙ୍କ ପାଖରେ ନଥାଏ।

ପ୍ରଭାବ ମଡେଲ୍ ଉପରେ ପର୍ଯ୍ୟବସିତ ସୂଚନା ଓ ଜ୍ଞାନର ଭୂମିକା ଏବଂ ପ୍ରଭାବ ଜନିତ ଅଧିକାଂଶ ଧାରଣା ଗମ୍ଭୀର ଭାବରେ ତ୍ରୁଟିପୂର୍ଣ୍ଣ। ସାମାଜିକ ପ୍ରକ୍ରିୟାରେ ସୂଚନା ଓ ଜ୍ଞାନକୁ ପ୍ରମୁଖ ଉପାଦାନ ରୂପରେ ବିଚାର କରାଯାଏ, ଏବଂ କୌଣସି ପ୍ରକାର ଛଳକୌଶଳ ଆସିଲେ ସମାଜ ଉପରେ ତାହାର ଗଭୀର ପ୍ରଭାବ ପଡ଼ିଥାଏ। ସାମାଜିକ ବିଜ୍ଞାନ ଗବେଷଣା ଆମକୁ ଶିଖାଇଛି, ସୂଚନା ଓ ଜ୍ଞାନର ଆଦାନ-ପ୍ରଦାନ ସମାନ୍ତରାଳ ଗତିରେ ସେତେ ସହଜ ଓ ସରଳ ପ୍ରତିକ୍ରିୟାଯୁକ୍ତ ମଡେଲ୍ ହୋଇନଥାଏ। ଏହି ପ୍ରକ୍ରିୟା ବାସ୍ତବରେ ଅଧିକ ଜଟିଳ। କେତେବେଳେ ଆଶା ଅନୁରୂପ, ଆଶା ମୁତାବକ ଓ ଚାହୁଁଥିବା ଫଳ ମିଳିଥାଏ; କେତେବେଳେ ପୁଣି ଠିକ୍ ବିପରୀତ ଘଟିଥାଏ। ଫଳଟି ଆଶାନୁରୂପ, ଆଶା ମୁତାବକ ହୋଇନଥାଏ। ଶାନ୍ତି ପ୍ରତିଷ୍ଠା କରିବାର ସଂକେତ ବହନ କରୁଥିବା ସୂଚନା ବି ଗ୍ୟାରେଣ୍ଟି ଦିଏନାହିଁ ଯେ' ଲୋକମାନେ ଶାନ୍ତିପୂର୍ବକ ବ୍ୟବହାର କରିବେ। ଏପରି ଆଶା ଓ ଆକାଂକ୍ଷା ସେତେବେଳେ ଜରୁରୀ, ଯେତେବେଳେ ଜଣେ ବଦ୍ଧପରିକର ହୁଅନ୍ତି ଯେ' ଅସମ୍ପୂର୍ଣ୍ଣ ତଥା ଅପର୍ଯ୍ୟାପ୍ତ ସୂଚନା ହିଁ ପ୍ରାଥମିକ ଭାବରେ ସାମାଜିକ ଦ୍ୱନ୍ଦ୍ୱର କାରଣ।

ଏହି ବିଚାରରୁ ସିଦ୍ଧ ହେଉଛି, ପରସ୍ପର ବିରୋଧୀ ଗୋଷ୍ଠୀ ଯଦି ପରସ୍ପର ବିଷୟରେ ସଠିକ୍ ସୂଚନା ହାସଲ କରନ୍ତି, ସଂଘର୍ଷ ବା ଦ୍ୱନ୍ଦ୍ୱର ସମାଧାନ ହୋଇପାରେ। ଦୁଇ ପ୍ରତିଦ୍ୱନ୍ଦ୍ୱୀ ଯଦି ପରସ୍ପର ବିଷୟରେ ଅଧିକରୁ ଅଧିକ ଜାଣିବାକୁ ପାଆନ୍ତି, ସେମାନଙ୍କ ପକ୍ଷରେ ଏକ ରାଜିନାମା ପ୍ରସ୍ତୁତ କରିବାରେ ସହଜ ହୁଏ। ତେବେ, ଏଥି ନିମନ୍ତେ ପ୍ରକୃଷ୍ଟ ପ୍ରମାଣ ଖୋଜିପାଇବା କଷ୍ଟକର। ତେଣୁ ଦ୍ୱନ୍ଦ୍ୱକୁ ଅଣଦେଖା କରିବା ହିଁ ସଠିକ୍ ମାର୍ଗ, ଯେପରି ଆଚରଣ ଅଭିନେତାମାନେ କରିଥାନ୍ତି। ଏହାକୁ ନିଜର କରି ସାମାଜିକ ସଂହତି ହାସଲ କରାଯାଇପାରେ।

ସୂଚନାର ଶକ୍ତିକୁ ଆଧାରକରି ଯେତେ ଆଶାନ୍ୱିତ ହେଲେ ବି ତଦ୍‌ଜନିତ ଦ୍ୱନ୍ଦ୍ୱ ତଥା ବିବାଦକୁ ଏଡ଼ାଇ ହେବନାହିଁ। ବିଶେଷ କରି ବିଭିନ୍ନ ରାଜନୀତିକ ଓ ଆର୍ଥନୀତିକ ବ୍ୟବସ୍ଥାରେ ଏପରି ଉଦାହରଣ ଖୁବ୍ ଦେଖିବାକୁ ମିଳେ, ଯାହା ପରସ୍ପର ବିରୋଧୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଇଥାଏ। ପ୍ରତିଦ୍ୱନ୍ଦ୍ୱୀମାନେ ପରସ୍ପରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବାବଦରେ ସମ୍ପୂର୍ଣ୍ଣ ଏବଂ ସବିଶେଷ ସୂଚନା ରଖିଥାନ୍ତି, ଯେଉଁ କାରଣରୁ ନାନା ଦ୍ୱନ୍ଦ୍ୱ ଉପୁଜେ। ତେବେ, ସମାଧାନର ବାଟ ବି ରହିଥାଏ। ଆପୋଷ ବୁଝାମଣାରେ ସମସ୍ୟାର ସମାଧାନ ହୋଇପାରେ।

### ୧.୪.୧୦: ଯୋଗାଯୋଗକୁ କ'ଣ ହେଲା ?

ସାମ୍ପ୍ରତିକ ସମୟରେ ସରକାରୀ ଆଲୋଚନା, ନୀତି ଓ ପ୍ରୟୋଗରେ ସୂଚନା ଏବଂ ତାହାର ବୈଷୟିକ ଗୁରୁତ୍ୱ ଉପରେ ଜୋର୍‌ଦେବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ତେବେ, ଅଧିକାଂଶ ଆଲୋଚନାରେ ଚିନ୍ତାଜନକ ବିଷୟ ହେଉଛି- ଯୋଗାଯୋଗ ଆଉ ନାହିଁ, ବାସ୍ତବରେ ଏହା ଅପସରି ଗଲାଣି। ବିଶ୍ୱରେ ବଢ଼ି ଚାଲିଥିବା ଏହି ଗମ୍ଭୀର ସମସ୍ୟାର ସମାଧାନ କରିବାକୁ ହେଲେ ଆମକୁ ଅଧିକ ସୂଚନାର ଆବଶ୍ୟକତା ନାହିଁ, ବରଂ ଯୋଗାଯୋଗର କ୍ଷମତା ବୃଦ୍ଧିପାଇବା ଉଚିତ୍। କିନ୍ତୁ ବିଡ଼ମ୍ବନା ହେଲା, ସୂଚନା ଓ ଜ୍ଞାନର ପ୍ରକ୍ରିୟାକରଣ ଏବଂ ବଂଟନରେ ଆମର କ୍ଷମତା ବଢ଼ିବାବେଳକୁ ଯୋଗାଯୋଗ ଓ କଥୋପକଥନ କ୍ଷମତା କମିବାରେ ଲାଗିଛି। ବିଶ୍ୱବ୍ୟାପୀ ଅଧିକରୁ ଅଧିକ ଲୋକ କେବଳ ହାଇ-ସ୍ପିଡ୍, ବ୍ରଡ୍‌ବ୍ୟାଣ୍ଡ୍ ଡିଜିଟାଲ୍ ବ୍ୟବସ୍ଥା ମାଧ୍ୟମରେ ପରସ୍ପର ସହିତ ସଂଯୁକ୍ତ ହେଉଛନ୍ତି। ଏପରି ସଂଯୁକ୍ତ ହେବା (କନେକ୍ଟିଂ) କଦାପି ଯୋଗାଯୋଗ (କମ୍ୟୁନିକେଟିଂ) ସହିତ ସମାନ ନୁହେଁ।

ବିଶ୍ୱବ୍ୟାପୀ ଯୋଗାଯୋଗର କିଛି ସିଦ୍ଧାନ୍ତ ଅଛି କି ?

ବିଶ୍ୱବ୍ୟାପୀ ଯୋଗାଯୋଗର ଧାରଣା ଓ ବର୍ଣ୍ଣନା ନିମ୍ନ ଭାବରେ ଦର୍ଶାଯାଇପାରେ

• ସମୟକ୍ରମେ ଏହା କିପରି ବିକଶିତ ହୋଇଛି ଓ ଏହାର ଆୟତନ କିପରି ବୃଦ୍ଧି ପାଇଛି ?

• କିପରି ଏହା ସଂଗଠିତ ହୋଇଛି (ଆନୁଷ୍ଠାନିକ ରୂପ) କ'ଣ, କିପରି ପ୍ରଭୁତ୍ୱ ପାଇଛି ଓ ପରିଚାଳିତ ହୋଇପାରିଛି ?

• ବିଶ୍ୱବ୍ୟାପୀ ଯୋଗାଯୋଗଦ୍ୱାରା ବିବାଦୀୟ ଶକ୍ତି କିପରି କାର୍ଯ୍ୟ କରିଥାଏ ?

• ବିଶ୍ୱବ୍ୟାପୀ ଯୋଗାଯୋଗର କ'ଣ ସବୁ ପ୍ରଭାବ (ଆର୍ଥନୀତିକ, ରାଜନୀତିକ, ସାଂସ୍କୃତିକ) ରହିପାରେ, ଏବଂ କ'ଣ କ'ଣ ସ୍ୱତନ୍ତ୍ର କାର୍ଯ୍ୟ ଏହା କରିପାରେ ?

• ବିଶ୍ୱବ୍ୟାପୀ ଯୋଗାଯୋଗରେ ସାରା ବିଶ୍ୱର ଜନତା କିପରି ନିଜର ପ୍ରତିକ୍ରିୟା ରଖନ୍ତି, ଏବଂ ତାହାକୁ କିପରି ବ୍ୟବହାର କରନ୍ତି ?

ଉପଯୁକ୍ତ ସିଦ୍ଧାନ୍ତର ଅଭାବ ଯୋଗାଯୋଗ କ୍ଷେତ୍ରକୁ ତ୍ରୁଟିପୂର୍ଣ୍ଣ କରିଛି ।

## ୧.୪.୧୧: ସିଦ୍ଧାନ୍ତ ସମ୍ପର୍କିତ

ସମସ୍ତ ପ୍ରକାର ବିଜ୍ଞାନମୂଳକ ଅଧ୍ୟୟନର ମୌଳିକ ଉପାଦାନ ହେଉଛି- ଅବଲୋକନ ଓ ବ୍ୟାଖ୍ୟା । ବିଜ୍ଞାନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଆମ ଚାରିପାଖରେ ଥିବା ସାମାଜିକ ଓ ବାସ୍ତବିକ ଦୃଶ୍ୟକୁ ବୁଝିବା । ଆମେ ଜାଣିବାକୁ ଚାହୁଁ ଏହି ଦୃଶ୍ୟଗୁଡ଼ିକ କେଉଁଠାରୁ ଆସିଛି, ସେଗୁଡ଼ିକର ଏପରି ବ୍ୟବହାରର କାରଣ କ'ଣ ଏବଂ ଅନ୍ୟ ଦୃଶ୍ୟ ସହିତ କିପରି ଓ କାହିଁକି ସେଗୁଡ଼ିକ ଯୋଡ଼ି ହୋଇପାରୁଛନ୍ତି ।

ମାର୍ସେଲ ପ୍ରୋଷ୍ଟ (Marcel Proust) କହନ୍ତି- "ଆବିଷ୍କାରର ଅର୍ଥ ନୂତନ ସ୍ଥାନ ଖୋଜିପାଇବା ନୁହେଁ, ବରଂ ନୂତନ ଭାବରେ ଦେଖିବା"। ଏହା ହିଁ ବୈଜ୍ଞାନିକ କସରତ: "ନୂତନ ଦୃଷ୍ଟିକୋଣର ସହିତ ଦେଖିବା", ସମସ୍ତ ପ୍ରକାର ବୈଜ୍ଞାନିକ କସରତର ପ୍ରମୁଖ ଦିଗ ହେଉଛି ଅବଲୋକନ ।

ମ୍ୟାକ୍‌କ୍ୱେଲ୍ (Denis McQuail,2000)ଙ୍କ ମତରେ, ଗଣ ଯୋଗାଯୋଗ କ୍ଷେତ୍ରରେ ୪ ପ୍ରକାର ସିଦ୍ଧାନ୍ତ ରହିଛି । ସେଗୁଡ଼ିକ ହେଲା:

• ସାମାଜିକ ବିଜ୍ଞାନ ସିଦ୍ଧାନ୍ତ: ଗଣ ଯୋଗାଯୋଗର ସ୍ୱଭାବ, କାର୍ଯ୍ୟକାରିତା ଓ ପ୍ରଭାବ ଉପରେ ପର୍ଯ୍ୟବସିତ ଏକ ବିଚାର ସମୂହ ।

- ମାନକ ସିଦ୍ଧାନ୍ତ: କିଛି ସାମାଜିକ ମୂଲ୍ୟବୋଧ ହାସଲ କରିବାକୁ ହେଲେ ଗଣମାଧ୍ୟମ କିପରି କାର୍ଯ୍ୟ କରିବ; ଏହି ବିଚାରର ଏକ ସମାହାର ମାନକ ସିଦ୍ଧାନ୍ତ।

- ପରିଚାଳନା ସିଦ୍ଧାନ୍ତ: ଏକ ବିଚାର ସମୂହ, ଯାହା ନିଜର କାର୍ଯ୍ୟକୁ ପରିଚାଳନା କରିବା ନିମନ୍ତେ ଗଣମାଧ୍ୟମ ବ୍ୟବହାରକାରୀଙ୍କ ଦ୍ୱାରା ସମ୍ମିଳିତ ଏବଂ ପ୍ରୟୋଗ ହୋଇଥାଏ।

- ସାଧାରଣ ଅବବୋଧ ସିଦ୍ଧାନ୍ତ: ଗଣମାଧ୍ୟମ ସହିତ ଆମର ବ୍ୟକ୍ତିଗତ ଅନୁଭୂତିକୁ ନେଇ ଆଧାରିତ ବିଚାରର ସମାହାର ହେଉଛି ସାଧାରଣ ଅବବୋଧ ସିଦ୍ଧାନ୍ତ।

ବିଶ୍ୱବ୍ୟାପୀ ଗଣମାଧ୍ୟମ ଯୋଗାଯୋଗର ଅଧ୍ୟୟନ ନିମନ୍ତେ ମ୍ୟାକ୍‌ୱେଲ୍ (୨୦୦୦:୨୧୫-୨୪୦) ନିମ୍ନଲିଖିତ କ୍ଷେତ୍ରଗୁଡ଼ିକ ବାବଦରେ ପରାମର୍ଶ ଦେଇଛନ୍ତି- ବୈଷୟିକ ଏବଂ ଆର୍ଥିକ ନୂତନ ସଂଚାଳନ ଶକ୍ତି; ଅନ୍ତର୍ଜାତୀୟ ଗଣମାଧ୍ୟମର ପ୍ରଭୁତ୍ୱ ଓ ନିୟନ୍ତ୍ରଣ; ସାଂସ୍କୃତିକ ସାମ୍ରାଜ୍ୟବାଦ; ନିର୍ଭରଶୀଳତା; ଜାତୀୟ ଓ ସାଂସ୍କୃତିକ ପରିଚୟ; ଗଣମାଧ୍ୟମର ଅନ୍ତର୍ଜାତୀୟକରଣ; ଏବଂ ଅନ୍ତର୍ଜାତୀୟ ସମ୍ବାଦ। ମ୍ୟାକ୍‌କ୍ୱେଲ୍‌ଙ୍କ ଅତ୍ୟନ୍ତ ଉପାଦେୟ ଅବଲୋକନ ବିଶ୍ୱାସର ସହିତ ବୁଝାଏ ଯେ, ବିଜ୍ଞାନମୂଳକ ସିଦ୍ଧାନ୍ତ ନିମନ୍ତେ ଗଣମାଧ୍ୟମ ଏକ ବୈଧ ବିଷୟ।

### ୧.୪.୧୨: ଧର୍ମନିରପେକ୍ଷ ଧର୍ମଶାସ୍ତ୍ର

ନିଜର ପୁସ୍ତକ 'ଇନ୍ ଦ ଗଡ୍ସ ସେଡ୍ସ'ରେ ହ୍ୟାରି ଭ୍ୟାନ୍ ଡେନ୍ ବୌହ୍ୱିଜ୍‌ସେନ୍ (Harry van den Bouwhuijsen, 2010) ଯୁକ୍ତି କରିଛନ୍ତି ଯେ' ମାନବିକ ଓ ସାମାଜିକ ବିଜ୍ଞାନ ଜନିତ ସିଦ୍ଧାନ୍ତ ହେଉଛି ବାସ୍ତବରେ ଧର୍ମନିରପେକ୍ଷ ଧର୍ମଶାସ୍ତ୍ର। ମାନବ ଉପରେ ଆଧାରିତ ସମସ୍ତ ବିଜ୍ଞାନ, ଯାହାର ବର୍ଣ୍ଣନା ପାରମ୍ପରିକ ଏକ ଈଶ୍ୱରବାଦୀ ଖ୍ରୀଷ୍ଟଧର୍ମୀୟ ଚିନ୍ତାଧାରାରୁ ଉଦ୍ଧୃତ। ଏହି ଧାର୍ମିକ କାହାଣୀ କେବଳ 'ନିଜ'ର ସ୍ୱରୂପକୁ ନିର୍ଦ୍ଧାରିତ କରିନାହିଁ, ବରଂ 'ଅନ୍ୟ' ସମ୍ପର୍କରେ ବି ଧାରଣାଦେଇଛି। 'ନିଜ' କହିଲେ ସମ୍ପୂର୍ଣ୍ଣ ଭାବରେ ଜଣେ ମନୁଷ୍ୟଙ୍କୁ ବୁଝାଏ, ଯାହାର ନିଜସ୍ୱ ମୁକ୍ତ ଇଚ୍ଛା ଥିବ ଓ ନିଜ କାର୍ଯ୍ୟକଳାପ ଦର୍ଶାଇବା ନିମନ୍ତେ କ୍ଷମତା ଥିବ, କାର୍ଯ୍ୟକଳାପର ଉଦ୍ଦେଶ୍ୟ ବାବଦରେ ସେ ବର୍ଣ୍ଣନା କରିପାରୁଥିବେ। ବୈଦେଶିକ ସାମାଜିକ ବିଜ୍ଞାନ ମାନବ ବ୍ୟବହାର ଜନିତ ଅଭିପ୍ରେରଣ ଓ ଉଦ୍ଦେଶ୍ୟ ବାବଦରେ ବାରମ୍ବାର ଗବେଷଣା କରିବାପରେ ଏହି ସିଦ୍ଧାନ୍ତରେ ଉପନିତ ଯେ- ମନୁଷ୍ୟ ନିଜେ ହିଁ ନିଜକୁ ଜାଣିପାରେ। ତେବେ, ସିଦ୍ଧାନ୍ତଟି ସାର୍ବଭୌମିକ ଭାବରେ କୁହାଯାଇ ନାହିଁ।

‘ନିଜ’ ସମ୍ପର୍କିତ ଭାରତୀୟ ପ୍ରତିଫଳନ (ଉଦାହରଣ ସ୍ୱରୂପ- ମହାଭାରତ କାବ୍ୟ) ହେଉଛି କୌଣସି ଅର୍ଥବିହୀନ କାର୍ଯ୍ୟ ତୁମେ କାହିଁକି କରୁଛ ଭଳି ପ୍ରଶ୍ନ। ତୁମେ ଏକୁ କରୁଥିବା କାମକରୁଛ, କାରଣ, ତୁମେ ହିଁ ଏକୁ ଏବଂ ଏପରି କରିବାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ। ନବାଜୋ (Navajo) ବା ଆମେରିକାର ଆଦିମ ଅଧିବାସୀମାନେ ଭାବନ୍ତି- କାହିଁକି ଜନିତ ପ୍ରଶ୍ନ ମୂର୍ଖତାପୂର୍ଣ୍ଣ ମାତ୍ର। ମେକ୍ସିକୋରେ ରହୁଥିବା ଜାପୋଟେକ୍ (Zapotec) ଜନଜାତିଙ୍କ ମତରେ- ଆମେ କେବଳ ଚେହେରାକୁ ଦେଖିଥାଉ, ମନ ଓ ହୃଦୟରେ କ’ଣ ରହିଛି ଆମର ଧାରଣା ନଥାଏ। ପପୁଆ ନିଉ-ଗିନି (Papua New-Guinea) ଓ ହିମାଳୟରେ ବସବାସ କରୁଥିବା ସେର୍ପା ଜନଜାତିଙ୍କ ମତରେ- କର୍ମର କୌଣସି ଉଦ୍ଦେଶ୍ୟ ନଥାଏ, ଏ ନେଇ ଆଗ୍ରହ ପ୍ରକାଶ କରିବା ଅନୁଚିତ୍। ଅନ୍ୟକୁ ବୁଝିବାର ଅର୍ଥହେଲା ସେ ଯାହା ବି କରୁଛନ୍ତି, ତାହାକୁ ଗ୍ରହଣ କରିବା।

ଖ୍ରୀଷ୍ଟଧର୍ମ ପରମ୍ପରାରେ ‘ଅନ୍ୟ’ କଦାପି ‘ନିଜ’ଠାରୁ ଭିନ୍ନ ପରି ଦେଖାଯାଏନାହିଁ। ଭିନ୍ନତାକୁ ପରିତ୍ୟାଗ କରି ଏକତା ଓ ସାର୍ବଭୌମିକତା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଉଚିତ୍ ଓ ଯିଏ ନିଜକୁ ଭିନ୍ନ ବୋଲି ଭାବୁଛନ୍ତି, ତାଙ୍କୁ ନିଜ ରୂପରେ ରୂପାନ୍ତର କରାଇବା, ଆମେ ସମସ୍ତେ ଆବ୍ରାହମଙ୍କ ବଂଶଜ ଏବଂ ଭିନ୍ନତା ଚିରସ୍ଥାୟୀ ନୁହେଁ, ସମୟକ୍ରମେ ତାହା ଦୂର ହୋଇଯିବ- ଏହା ହିଁ ଖ୍ରୀଷ୍ଟ ଧର୍ମର ବିଶ୍ୱାସ ରହି ଆସିଛି।

କଲୋସିଆନ୍କୁ (୩:୧୧), ଓ ଗାଲାଟିଆନ୍କୁ (୩:୨୮)ଙ୍କୁ ଲେଖିଥିବା ପତ୍ରରେ ସେଣ୍ଟ ପଲ୍ ଘୋଷଣା କରିଛନ୍ତି- ଆମ ମଧ୍ୟରେ କୌଣସି ମୌଳିକ ଭିନ୍ନତା ନାହିଁ; ଆମେ ସମସ୍ତେ ଏକ ଆଉ ଅଭିନ୍ନ। ବାଇବେଲର ଏହି କଳ୍ପନାକୁ ଆମେରିକୀୟମାନେ ମାନିନେବା ପରେ ପୋପ୍ ପଲ୍ ତୃତୀୟ (୧୫୩୭) ଘୋଷଣା କଲେ- ସେମାନେ ହିଁ ପ୍ରକୃତ ମାନବ। ସେମାନେ ଖ୍ରୀଷ୍ଟଧର୍ମୀୟ ବିଶ୍ୱାସକୁ ନିଜର କରିପାରିଲେ ଓ ଖ୍ରିଷ୍ଟିଆନ୍ ରୂପେ ପରିଚିତ ହେଲେ। ଅବଶ୍ୟ ରୂପାନ୍ତର ଅଭିଯାନ ଅନେକାଂଶରେ ବିଫଳହେବା ପରେ ସେମାନଙ୍କୁ ହତ୍ୟା କରାଯାଇଥିଲା। ଏହି ଧର୍ମ ନିରପେକ୍ଷ ଧର୍ମଶାସ୍ତ୍ର ଯୋଗାଯୋଗ ଅଧ୍ୟୟନକୁ ବି ଦମନ କରିଆସିଛି, ସାରା ବିଶ୍ୱରେ ‘ଅନ୍ୟ’ ସହିତ ସମ୍ପର୍କ ତଥା ଏତଦ୍‌ଜନିତ ବିଶ୍ୱ ବୁଝାମଣାକୁ ପ୍ରଭାବିତ କରିଛି। ଉଦାହରଣ ସ୍ୱରୂପ, ଉପରୋକ୍ତ ଧାରଣାକୁ ଦୃଷ୍ଟିରେ ରଖି ସାଂସ୍କୃତିକ ଯୋଗାଯୋଗ କ୍ଷେତ୍ରରେ ମଡେଲ୍ (“ଟ୍ରିକ୍ସ”) ବାବଦରେ ପ୍ରସ୍ତାବଦେବା ଏକ ସାଧାରଣ ପ୍ରବୃତ୍ତି, ଯାହା “ଆମ”କୁ “ସେମାନଙ୍କ” ସହିତ ସମ୍ପର୍କ ରଖିବା ନିମନ୍ତେ ପ୍ରବର୍ତ୍ତାଇ ଆସିଛି। ଆମେ ଭାବୁ, ସେମାନେ ଆମରି ସିଦ୍ଧାନ୍ତ ପରି ସିଦ୍ଧାନ୍ତକୁ ଆପଣାଇଛନ୍ତି, ଯଦିଓ ସେମାନେ ସାମାନ୍ୟ ଭିନ୍ନ ଅଟନ୍ତି ଆଉ ସେହି ଭିନ୍ନତା ସହିତ କିପରି ସାମଞ୍ଜସ୍ୟ ରଖିବା, ତାହା ଆମେ ଶିଖିବା ଉଚିତ୍। ‘ଅନ୍ୟ’ ଜନିତ ପରିକଳ୍ପନାକୁ ବିଦେଶୀ ଓ ବିକୃତ ବୋଲି ଭାବିଲେ ତାହା ସାଂସ୍କୃତିକ ଯୋଗାଯୋଗରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ।

ଏହି କ୍ଷେତ୍ରରେ ଥିବା ସମସ୍ତ ଅଧ୍ୟୟନ ବୈଦେଶିକ ସାମାଜିକ ବିଜ୍ଞାନ ଉପରେ ଆଧାରିତ, ଯାହାକୁ ବୈଶ୍ୱିକସ୍ତରରେ ଗ୍ରହଣ କରାଯାଇଛି, ଯଦିଓ କୌଣସି ସ୍ଥାନରେ ବି ତାହାର ପ୍ରଚଳନ ନଥାଇପାରେ।

## ୧.୪.୧୩: ଅନ୍ତର୍ଜାତୀୟ ଯୋଗାଯୋଗ

ଅନ୍ତର୍ଜାତୀୟ କହିଲେ ସାଧାରଣତଃ ସେହିସବୁ ପ୍ରକ୍ରିୟାକୁ ବୁଝାଏ, ଯାହା ଏକ ଦେଶରେ ଅନ୍ତର୍ଜାତୀୟ ସମ୍ପର୍କକୁ ଆଧାର କରି ସଂଘଟିତ ହୁଏ । ଯଦିଓ ଦେଶ ଏଠି ମୃତପ୍ରାୟ ଅବସ୍ଥାରେ ଥାଏ ବୋଲି କୁହାଯାଏ, ଆମକୁ ମାନିବାକୁ ପଡ଼ିବ ଯେ' ଦେଶ ତଥାପି ଏକ ବିକଟ ବାସ୍ତବତା ଓ ଅନେକ ସମୟରେ ସୀମା ସରହଦ ପାରକରି ଯୋଗାଯୋଗକୁ ସୁବିଧା ପ୍ରଦାନ କରିବାରେ, ପ୍ରୋତ୍ସାହିତ କରିବାରେ ଅଥବା ବାଧା ଦେବାରେ ଦେଶ ଏକ ଶକ୍ତିଶାଳୀ ଏଜେଣ୍ଟ୍ ବା ପ୍ରତିନିଧି ରୂପରେ କାର୍ଯ୍ୟ କରିଥାଏ। ତେବେ, ଆହୁରି ମଧ୍ୟ ବୁଝିବାକୁ ପଡ଼ିବ- ଅନ୍ତର୍ଜାତୀୟ କ୍ଷେତ୍ର କହିଲେ ଉଭୟ ଦେଶ ଓ ଅଣ-ଦେଶର କର୍ତ୍ତାଙ୍କ ମଧ୍ୟରେ ଗତିଶୀଳ ବ୍ୟାପକ ସଂପର୍କକୁ ବୁଝାଏ। ଅନ୍ତର୍ଜାତୀୟ ରାଜନୀତିକ ଦୃଶ୍ୟପଟ୍ଟରେ ଭିନ୍ନ ଭିନ୍ନ ଚରିତ୍ର ରହିଥାନ୍ତି। ବିଶେଷ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ଏପରି ପ୍ରତିନିଧିଙ୍କୁ ଠାବ କରାଯାଇଛି; ଯେମିତି କି, ଅନ୍ତର୍ଶାସକୀୟ ସଂଗଠନ (ଆଇଜିଓ), ଅନ୍ତର୍ଜାତୀୟ ବେସରକାରୀ ସଂଗଠନ (ଆଇଏନ୍‌ଜିଓ), ଅନ୍ତର୍ରାଷ୍ଟ୍ରୀୟ ବ୍ୟବସାୟ ନିଗମ (ବିଆଇଏନ୍‌ଜିଓ), ଓ ଅନ୍ତର୍ଜାତୀୟ ପଶାସନିକ ସେବା ସଂଗଠନ (ପିଆଇଏନ୍‌ଜିଓ)। ଅନ୍ତର୍ଜାତୀୟ ଯୋଗାଯୋଗ ଅଧ୍ୟୟନ ଅନେକ ସମୟରେ ଦେଶଦେଶ ମଧ୍ୟରେ ଥିବା ସମ୍ପର୍କଦ୍ୱାରା ଅନୁପ୍ରାଣିତ ହୁଏ, ଏହାର ପ୍ରମୁଖ ପରିକଳ୍ପନା ସେଥିରୁ ଗଢ଼ିଉଠେ। ତେବେ, ସାରାବିଶ୍ୱରେ ବ୍ୟାପ୍ତ ପ୍ରବାସୀ ସମ୍ପ୍ରଦାୟ ଏହି ଚିନ୍ତନକୁ ଆହ୍ୱାନ ଦେଇଛନ୍ତି। ଏହି ବିସ୍ଥାପିତ ଜନଗୋଷ୍ଠୀ ଉଭୟ ସ୍ୱଦେଶ ଓ କର୍ମନିଯୁକ୍ତି ଦେଇଥିବା ଦେଶ ମଧ୍ୟରେ ବିଚରଣ କରନ୍ତି। ତେବେ, ଆଶ୍ରୟ ଦେଇଥିବା ଦେଶରେ ବ୍ୟବସ୍ଥିତ ହେଲା ପରେ ବି ସ୍ୱଦେଶ ପ୍ରତି ତାଙ୍କର ଆସକ୍ତି ଖୁବ୍ ଶକ୍ତ ରହିଥାଏ। ପ୍ରବାସୀ ସମ୍ପ୍ରଦାୟ ନିଜର ଅନୁଭୂତି ବଖାଣିବାକୁ ଯାଇ ଗଣମାଧ୍ୟମ ସହିତ ସୁସମ୍ପର୍କ ବଜାୟ ରଖନ୍ତି, ଯାହା ତଦନୁଯାୟୀ ବିଷୟ ପ୍ରସ୍ତୁତ କରିଥାଏ, ତାହାକୁ ପ୍ରସାରିତ କରିଥାଏ। ବାସ୍ତବରେ ଅନ୍ତର୍ଜାତୀୟ ଯୋଗାଯୋଗ ହେଉଛି ଦେଶ-ଦେଶ ମଧ୍ୟରେ ଥିବା ଯୋଗାଯୋଗ। ଇଂରାଜୀରେ 'ଇଣ୍ଟର୍-ଷ୍ଟେଟ୍ କମ୍ୟୁନିକେସନ୍' ହେଉଛି ଅଧିକ ପ୍ରଯୁଜ୍ୟ ତଥା ଉପଯୁକ୍ତ ଶବ୍ଦ।

- ବିଶ୍ୱ ଯୋଗାଯୋଗ- ଅନ୍ତର୍ଜାତୀୟ ଯୋଗାଯୋଗ ଅପେକ୍ଷା ଏହି ଶବ୍ଦର ଏକ ବ୍ୟାପକ ଅର୍ଥ ରହିଛି। ତେବେ, ଏହା ଏକ ଅସ୍ପଷ୍ଟ ଶବ୍ଦ, ଯଦିଓ ଏଥିରେ କୁହୁକ ଥିବା ପରି ମନେହୁଏ, ବ୍ୟକ୍ତିଙ୍କର ସ୍ୱଦେଶ ତଥା ପରିବାର ସହିତ ଏକ ପ୍ରେମଭରା ସମ୍ପର୍କ ଏଥିରେ ସାଇତି ହୋଇରହିଥାଏ।

- ସୀମା ପାର ଯୋଗାଯୋଗ- ଶବ୍ଦଟି ଅବାଗିଆ ଶୁଭେ; କିନ୍ତୁ ଆମର ଅନ୍ୱେଷଣର ମୂଳ ଦୃଶ୍ୟପଟ କିପରି ହେବା ଉଚିତ୍, ସେ ନେଇ ଉପଯୁକ୍ତ ବ୍ୟାପକ ପରାମର୍ଶ ମଧ୍ୟ ଦେଇଥାଏ। ଆମେ ଅନୁସନ୍ଧାନ କରୁଥିବା ଯୋଗାଯୋଗର ରୂପ ଏକ "ବିଶ୍ୱ-ସ୍ଥାନୀୟ" ପ୍ରକ୍ରିୟା ହେବା ଉଚିତ୍, ଯେଉଁଥିରେ ଦେଶର ସୀମା ପାରକରି "ସୂଚନା" ପ୍ରସାରିତ ହୋଇପାରିବ।

- ବିଶ୍ୱବ୍ୟାପୀ ଯୋଗାଯୋଗ- ଏହା ହେଉଛି ଆଜିକାଲି ସବୁଠୁ ସୌଖୀନ ଶବ୍ଦ। କିନ୍ତୁ ଉଭୟ ଅନୁବାଦ ଓ ପ୍ରସ୍ତାବିତ କ୍ରମରେ ଏହାର କିଛି ପ୍ରତିକୂଳ ଦିଗ ବି ରହିଛି, ପ୍ରକୃତପକ୍ଷେ ଏକ ଏକକ-ବିଶ୍ୱ ସମ୍ପ୍ରଦାୟ ହିଁ ହାତକୁ ଆସିଛି। ବିଶ୍ୱବ୍ୟାପୀ ଧାରଣାଟି ଆଦୌ ବାସ୍ତବ ମନେହେଉନି, ବରଂ କଳ୍ପନା ପରି ଲାଗୁଛି। ଯୋଗାଯୋଗ ବିଶ୍ୱବ୍ୟାପୀ ପ୍ରସାରିତ ହେଉଥିଲେ ବି ଏହା ମଧ୍ୟ ସ୍ଥାନୀୟ। ଅଧିକାଂଶ ଟିଭି ଓ ଫିଲ୍ମ ପ୍ରଡକ୍ସନ୍ ବିଶ୍ୱସ୍ତରୀୟ ନହୋଇ ମୂଳ ରୂପରେ ଏହା ସ୍ଥାନୀୟ ହୋଇଥାଏ। ତେଣୁ ବିଶ୍ୱ ଏବଂ ସ୍ଥାନୀୟ ଏକାଠି ଗତି କରିଥାନ୍ତି। ଆମେ ବିଶ୍ୱରେ ରହୁଥିଲେ ବି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସବାସ କରୁ। ଆଜିର ସମୟରେ ଜଣେ ବ୍ୟକ୍ତି ବିଶ୍ୱବାଦୀ ବା କସ୍‌ମୋପଲିଟିଆନ୍ ହୋଇପାରନ୍ତି, କିନ୍ତୁ ତାଙ୍କର ପ୍ରାଥମିକ ପରିଚୟ "ସ୍ଥାନୀୟ" ଧାରଣାକୁ ଭିତ୍ତିକରି ତିଆରି ହୁଏ: ଏଇ ଯେମିତି ଜନ୍ମସ୍ଥାନ, ପରିବାର, ଭାଷା। ତୁମେ ଯେଉଁ ସ୍ଥାନରୁ ସର୍ବାଧିକ ସାଂସ୍କୃତିକ ବିନୋଦନ ଅନୁଭୂତି ସାଉଁଟିଛ, ତା' ପ୍ରତି ତୁମର ଆସକ୍ତିକୁ ସାଂସ୍କୃତିକ ସାନ୍ନିଧ ବୋଲି କୁହାଯାଏ, ଯାହା ନିଶ୍ଚିତ ରୂପେ ଏକ ଆବଶ୍ୟକୀୟ ତଥା ଉପାଦେୟ ଅନୁଭୂତି ଅଟେ। ଆମେ ସମସ୍ତେ ବିଶ୍ୱ ଓ ସ୍ଥାନୀୟ ନାଗରିକ ଏବଂ ଆମର ସମ୍ପର୍କର ଶ୍ରେଷ୍ଠ ନାମ ହୋଇପାରେ "ଗ୍ଲୋକାଲ୍" ବା "ବୈଶ୍ୱି-ସ୍ଥାନୀୟ"।

ଯେତେବେଳେ ବିଶ୍ୱବ୍ୟାପୀ ଯୋଗାଯୋଗ ବିଷୟରେ କୁହାଯାଏ, ମନ ଆପେଆପେ ଏହାର ସର୍ବାଧିକ ସମସାମୟିକ ଆଧାର 'ଇଣ୍ଟରନେଟ୍' ଆଡ଼କୁ ଢଳିଯାଏ। ଇଣ୍ଟରନେଟ୍ ବ୍ୟବସ୍ଥା କେବଳ ଏକ ବସ୍ତୁଗତ ପରିକଳ୍ପନା ନୁହେଁ, ଏହା ମଧ୍ୟ ଏକ ମନସ୍ତାତ୍ତ୍ୱିକ ପରିକଳ୍ପନା, ଯିଏ ବ୍ୟବହାରକାରୀଙ୍କୁ ଘରକୁ ଡାକିଆଣେ। ବିଶ୍ୱ ଏକ ବିବିଧତାଭରା ଦୁନିଆ ବୋଲି ଏହା ସୂଚାଇ ଦିଏ। ବ୍ୟବସ୍ଥାଟି ବିକେନ୍ଦ୍ରୀକୃତ, ସାରା ବ୍ରହ୍ମାଣ୍ଡକୁ ଧରିରଖେ, ରାଷ୍ଟ୍ରୟତାପୂର୍ଣ୍ଣ; କିନ୍ତୁ ଏହା ସ୍ଥାନୀୟ ମଧ୍ୟ । ଭିନ୍ନ ଭିନ୍ନ ସୀମାବଦ୍ଧ ସ୍ଥାନରେ ରହି ମଧ୍ୟ ସାରାବିଶ୍ୱ ସହିତ ଆମେ ଯୋଡ଼ି ହୋଇପାରୁ। ଆପିଆହ୍ (Kwame Anthony Appiah) କହିବା ପରି ଆମେ ସମସ୍ତେ "ବିଶ୍ୱବାଦୀ ଦେଶପ୍ରେମୀ"। ଅବଶ୍ୟ ଉପରୋକ୍ତ ବାକ୍ୟରେ "ଆମେ" କହିଲେ ବିଶ୍ୱର ସମସ୍ତ ଲୋକଙ୍କୁ ବୁଝାଏ ନାହିଁ। ବିଶ୍ୱବ୍ୟାପୀ ଯୋଗାଯୋଗର ଏକ ମାନକ ଅର୍ଥ ରହିଛି। ଏହା ଏକ ବିଶ୍ୱ ସମାଜର ଉପସ୍ଥିତିକୁ ବ୍ୟକ୍ତ କରେ, ଯେଉଁଥିରେ ସାରା ବ୍ରହ୍ମାଣ୍ଡର ଅଧିବାସୀ ଅଂଶଗ୍ରହଣ କରନ୍ତି, ଓ ସମସ୍ତେ ସମାନ ମନେକରନ୍ତି।

ଏକବିଂଶ ଶତାବ୍ଦୀର ଆରମ୍ଭରେ ଅନେକ ଲୋକ ବିଶ୍ୱବ୍ୟାପୀ ସମ୍ପର୍କଠାରୁ ନିଜକୁ ଦୂରେଇ ରଖିଥିଲେ। କିନ୍ତୁ ଆଜି ଯୋଗାଯୋଗ ଆର୍ଥନୀତିକ, ରାଜନୀତିକ ଓ ସାମାଜିକ-ସାଂସ୍କୃତିକ କ୍ଷେତ୍ରରେ ସାରା ବିଶ୍ୱର "ପ୍ରତିନିଧି" ରୂପରେ ଦେଖାଦେଇଛି, ଯାହା ବିଶ୍ୱବ୍ୟାପୀ ବହୁ ସଂଖ୍ୟକ ଲୋକଙ୍କୁ ପରସ୍ପର ସହିତ ଯୋଡ଼ିପାରିଛି।

## ୧.୫: ଆସ ପ୍ରଗତି ମାପିବା

୧. ଅନ୍ତର୍ଜାତୀୟ ଯୋଗାଯୋଗ ବିଷୟରେ ବର୍ଣ୍ଣନା କର।

------------------------------------------------------------------------

------------------------------------------------------------------------

---------------------

୨. ଗଣମାଧ୍ୟମ ସାମ୍ରାଜ୍ୟବାଦ କ'ଣ ?

------------------------------------------------------------------------

------------------------------------------------------------------------

---------------------

୩. ଅଣ-ଗଠବନ୍ଧିତ ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକ କ'ଣ ?

------------------------------------------------------------------------

------------------------------------------------------------------------

-------------------------

# ୟୁନିଟ୍ – ୨: ସୂଚନାର ଅନ୍ତର୍ଜାତୀୟ ପ୍ରବାହ


୨.୦: ବିଷୟର ଗଠନ

୨.୧: ପଠନର ଉଦ୍ଦେଶ୍ୟ

୨.୨: ବିଷୟ ପରିଚୟ

୨.୩: ଯୋଗାଯୋଗର ବିଶ୍ୱୀକରଣ

୨.୪: ଯୋଗାଯୋଗର ଅନ୍ତର୍ଜାତୀୟ ପ୍ରବାହ

୨.୫: ଗଣମାଧ୍ୟମ ସାମ୍ରାଜ୍ୟବାଦ

୨.୬: ସୂଚନା ସାମ୍ରାଜ୍ୟବାଦ

୨.୭: ଆସ ପ୍ରଗତି ମାପିବା


## ୨.୧: ପଠନର ଉଦ୍ଦେଶ୍ୟ

ବିଶ୍ୱ ଅର୍ଥନୀତି ଓ ରାଜନୀତି କ୍ଷେତ୍ରରେ ବିଶ୍ୱବ୍ୟାପୀ ଯୋଗାଯୋଗର କ'ଣ ସବୁ ଗୁରୁତ୍ୱ ରହିଛି, ଏହା କିପରି ଏକ ପ୍ରମୁଖ କାରକ ପରି କାର୍ଯ୍ୟ କରିଥାଏ ଏହି ୟୁନିଟ୍ ପଢ଼ିବା ପରେ ତୁମେ ଜାଣିପାରିବ। ଗଣମାଧ୍ୟମ ସାମ୍ରାଜ୍ୟବାଦ ଏବଂ ଅନ୍ତର୍ଜାତୀୟ ସମ୍ବାଦ ପ୍ରସାରରେ ଥିବା ଅସନ୍ତୁଳନ ପରି ବିଷୟ ସହିତ ତୁମେ ପରିଚିତ ହେବ। ଏହା ସହିତ, ତୁମେ ନିଉ ୱାର୍ଲ୍ଡ୍ ଇନ୍‌ଫରମେସନ୍ ଆଣ୍ଡ୍ କମ୍ୟୁନିକେସନ୍ ଅର୍ଡର୍ (ଏନ୍‌ଡବ୍ଲୁଆଇସିଓ)ର ଗୁରୁତ୍ୱ ବାବଦରେ ବୁଝିପାରିବ।

## ୨.୨: ବିଷୟ ପରିଚୟ

ଯୋଗାଯୋଗକୁ ବ୍ୟକ୍ତ କରିବାକୁ ଯେକୌଣସି ବିଶେଷଣ ଆମେ ବାଛିପାରିବା, କିନ୍ତୁ ସତକଥା ହେଉଛି- ଯୋଗାଯୋଗ ସବୁ ସମୟରେ ଆମର ପ୍ରମୁଖ ଆକର୍ଷଣ ରହିଆସିଛି। ଏହା ଏପରି ଏକ "ନାମ" ଯାହାର ଅନେକ ଗୁଡ଼ିଏ ଭିନ୍ନଭିନ୍ନ ଅର୍ଥ ରହିଛି। ଯୋଗାଯୋଗର ଛାତ୍ରଛାତ୍ରୀ ଜାଣନ୍ତି, ସଦା-ପ୍ରସାରିତ ସାହିତ୍ୟ ଅଗଣିତ ସଂଜ୍ଞାର ତାଲିକା ପ୍ରଦାନ କରେ। କିନ୍ତୁ ଆମେ ବାସ୍ତବରେ ନିଜର ଅଧ୍ୟୟନ ସଂଜ୍ଞାରୁ ଆରମ୍ଭ କରିବା ଉଚିତ୍ କି? ମନସ୍ତତ୍ତ୍ୱବିତ୍ ମନର ସଂଜ୍ଞା ବ୍ୟକ୍ତ କରନ୍ତି କି? ଜୀବବିଜ୍ଞାନୀ ଜୀବନର ସଂଜ୍ଞା କୁହନ୍ତି କି? ଗଣିତଜ୍ଞ ଗଣିତର ସଂଜ୍ଞା ପ୍ରଦାନ କରନ୍ତି କି? ଶ୍ରେଷ୍ଠ ଦୃଷ୍ଟିକୋଣ ହେଉଛି ମାନବିକ ବ୍ୟବହାରକୁ ଅବଲୋକନ କରି ଅଧ୍ୟୟନ ଆରମ୍ଭ କରିବା। ଅନ୍ୟ ଏକ ବ୍ରହ୍ମାଣ୍ଡରୁ ଦେଖିଲେ ମାନବ ସମାଜ ଏକ ପିମ୍ପୁଡ଼ି ଗୁମ୍ଫା ପରି ଦେଖାଯାଇପାରେ: କ୍ଷୁଦ୍ର ଜୀବମାନଙ୍କର କ'ରୁ ଖ ପର୍ଯ୍ୟନ୍ତ, ଏବଂ ଖ'ରୁ କ ପର୍ଯ୍ୟନ୍ତ ଲଗାତାର ଚଳପ୍ରଚଳ ବା ଦୌଡ଼।

ତେବେ, ଆରମ୍ଭରୁ "ଗତି"କୁ ଅବଲୋକନ କଲେ ଅନ୍ତରୀକ୍ଷର ଦେଖଣାହାରୀ ମାନୁଏଲ୍ କାସେଲ୍(Manuel Castells)ଙ୍କ ମତ ସହିତ ନିଶ୍ଚୟ ସହମତ ହେବେ। କାସେଲ୍ ଲେଖିଛନ୍ତି- ଆମର ସମାଜ ଏକ ପ୍ରବାହ ମଧ୍ୟରେ ଗଠିତ (୧୯୬୬)। ପ୍ରବାହ ହେଉଛି ଏକ ଉପାଦେୟ ପରିକଳ୍ପନା, ଯେଉଁଥିରେ ବିଭିନ୍ନ ପ୍ରକାର ଗତି ସାମିଲ ହୋଇଥାଏ: ରୈଖିକ, ଗୋଲାକାର, ଉପର-ତଳ, ତଳ-ଉପର, ଅଭିଯାନ୍ତ୍ରିକ, ଓ ସ୍ୱାଭାବିକ।

ଅଧିକାଂଶ ଲିପିବଦ୍ଧ ଇତିହାସରେ ଜନତାଙ୍କ ପ୍ରବାହ, ଜିନିଷର ପ୍ରବାହ, ଅର୍ଥର ପ୍ରବାହ ଓ କାହାଣୀର ପ୍ରବାହ ଆମେ ଖୋଜି ପାଇବା। କାହାଣୀର ପ୍ରବାହ ଆଡ଼କୁ ସ୍ୱତନ୍ତ୍ର ଭାବରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଉଚିତ୍; କାରଣ, ଏଥିରେ ଏକ ପ୍ରକାର ଗତି ବିକଶିତ ହୋଇଥାଏ, ଯାହା ଅନ୍ୟାନ୍ୟ ପ୍ରବାହ ନିମନ୍ତେ ଜରୁରୀ। ଜନତାଙ୍କ ପ୍ରବାହ (ଯେମିତି କି ପର୍ଯ୍ୟଟନ ଓ ବ୍ୟବସାୟିକ ଗସ୍ତ) ବିଷୟରେ ଆଜି କଳ୍ପନା କରିହୁଅନ୍ତା ନାହିଁ ଯଦି ଏୟାରଲାଇନ୍ ଟିକେଟ୍, ହୋଟେଲ୍ ରିଜର୍ଭେସନ୍ ବା କ୍ରେଡ଼ିଟ୍ କାର୍ଡ୍ ମାଧ୍ୟମରେ କ୍ରୟ କରିବା ଜନିତ ରାଶି ରାଶି ଗପ ଆମେ ଶୁଣିବାକୁ ପାଇନଥାନ୍ତୁ। ଜିନିଷର ପ୍ରବାହ କ୍ଷେତ୍ରରେ ବି ସମାନ କଥା, ବ୍ୟାପକ କମ୍ପ୍ୟୁଟର ବ୍ୟବସ୍ଥା ମାଧ୍ୟମରେ ବାର୍ତ୍ତା ପ୍ରସାରକରି ହେଉନଥିଲେ ଯାହା ସମ୍ଭବ ହୁଅନ୍ତାନାହିଁ। ଅର୍ଥରାଶିର ପ୍ରବାହ ଆଜି ବୈଦ୍ୟୁତିକ ବ୍ୟବସ୍ଥାର ଏକ ଧାରା ହୋଇଛି। ଅର୍ଥରାଶିର ସ୍ଥାନାନ୍ତର ଏବଂ ଗ୍ରହଣ ଜନିତ ବାର୍ତ୍ତା ବ୍ୟାଙ୍କ୍ ତରଫରୁ ଆସିଥାଏ। ଅନ୍ୟାନ୍ୟ ବ୍ୟାଙ୍କ୍, ସରକାର, ଓ ଉପଭୋକ୍ତାଙ୍କ ନିକଟକୁ ଏକ ବ୍ୟାଙ୍କ୍ ଅର୍ଥରାଶିର ଚଳପ୍ରଚଳ କରାଏ; ଜମାକାରୀଙ୍କ ବିନା ଅନୁମୋଦନରେ ବ୍ୟାଙ୍କ୍ ନିଜେ ଏସବୁ କରେନାହିଁ। ସୀମା ସେ ପାଖରେ ବି କଥାର ପ୍ରବାହ ରହିଛି, ଯାହା ବୈଶ୍ୱିକ ବ୍ୟବସାୟ ଓ ଟଙ୍କା ପଇସାର ବ୍ୟବହାର ଦିଗରେ ଆବଶ୍ୟକୀୟ ଆଧାର ଯୋଗାଇପାରିଛି। ବୈଶ୍ୱିକ ଯୋଗାଯୋଗ ନଥିଲେ ସାରା ବିଶ୍ୱରେ ଜନତା, ଜିନିଷ ଏବଂ ଅର୍ଥରାଶିର ପରିବହନ ବାବଦରେ ଚିନ୍ତା କରିହୁଅନ୍ତା ନାହିଁ।

ବିଶ୍ୱ ଭୂମଣ୍ଡଳରେ ଥିବା ଅଗଣିତ ଅଧିବାସୀଙ୍କ ନିମନ୍ତେ ସମ୍ବାଦ, ବିଜ୍ଞାପନ ଓ ମନୋରଞ୍ଜନ ଯୋଗାଏ ବିଶ୍ୱ ଯୋଗାଯୋଗ। ଲୋକମାନେ କିପରି ଅନ୍ୟ ଲୋକଙ୍କୁ ଦେଖିପାରିବେ ଆଉ ଯେଉଁ ଦୁନିଆରେ ରହୁଛନ୍ତି, ତାହାକୁ କିପରି ଅନୁଧ୍ୟାନ କରିବେ, ବ୍ୟାଖ୍ୟା କରିପାରିବେ- ଏ ଦିଗରେ ସମ୍ବାଦ ପ୍ରସାରଣକାରୀ, ବିଜ୍ଞାପନ ଓ ମନୋରଞ୍ଜନ ସଂସ୍ଥାଗୁଡିକର ମହତ୍ୱପୂର୍ଣ୍ଣ ଅବଦାନ ରହିଆସିଛି। ଦୂର ସ୍ଥାନରେ ବସବାସ କରୁଥିବା ଲୋକମାନଙ୍କର ଚିତ୍ର ଆମେ ଦେଖି ପାରୁଛନ୍ତି। ଅନେକ ସମୟରେ ଏହି ଚିତ୍ର ବିକୃତ ବାସ୍ତବତାର ପ୍ରତିଫଳନ ହୋଇଥାଏ। ବିଶ୍ୱ ଇତିହାସରେ କ୍ରୂରତମ ଶାସକ ବୋଲାଉଥିବା ଅତିଲା ହୁନ୍ ଛବିର ପ୍ରତିଫଳନ ଜନିତ ଗୁରୁତ୍ୱ ବିଷୟରେ ଅବଗତ ଥିଲେ। ଆଧୁନିକ ପ୍ରଚାରପ୍ରସାର କ୍ଷେତ୍ରରେ ଜଣେ କୁଶଳୀ ଅଗ୍ରଗାମୀ ରୂପରେ ନାନା ମନଗଢ଼ା ଗପ ସେ କହିଥିଲେ, ଯାହା ପଞ୍ଚମ ଶତାବ୍ଦୀରେ ବେଶ୍ ଲୋକପ୍ରିୟ ଥିଲା।

ଉଦାହରଣ ସ୍ୱରୂପ- ଅତିଲା ନିଜ ସେନାବାହିନୀର ଅଲୌକିକ ଶକ୍ତି ବାବଦରେ ଇଉରୋପୀୟଙ୍କ ନିକଟରେ ବଖାଣୁଥିଲେ।

ବିଶ୍ୱ ବିଷୟରେ ଆମେ ଯାହା ଅନୁଭବ କରୁ, ବିଶ୍ୱ ସହିତ ନିଜକୁ ଯୋଡ଼ିରଖିବା ପାଇଁ କାହିଁକି ଚିନ୍ତାକରୁ- ଏ ଦିଗରେ ବିଶ୍ୱବ୍ୟାପୀ ଯୋଗାଯୋଗ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇପାରିଛି।

- ବିଶ୍ୱ ଅର୍ଥନୀତିରେ ଏକ ପ୍ରମୁଖ କାରକ ବୈଶ୍ୱିକ ଯୋଗାଯୋଗ।
- ବିଶ୍ୱ ରାଜନୀତି ନିମନ୍ତେ ଆବଶ୍ୟକ ବୈଶ୍ୱିକ ଯୋଗାଯୋଗ। ଏହାର ପ୍ରାସଙ୍ଗିକତା ବ୍ୟକ୍ତ କରିବାକୁ ଯାଇ ରାଜନୀତି ଗୁରୁତ୍ୱପୂର୍ଣ୍ଣ ଯୁକ୍ତି ବାଢ଼ିଥାଏ।
- ବୈଶ୍ୱିକ ଯୋଗାଯୋଗ ଉପରେ ନିର୍ଭରଶୀଳ ସାମରିକ ଗତିବିଧି।

  ସମସ୍ତ ବୈଶ୍ୱିକ ସାମରିକ କାର୍ଯ୍ୟ ନିର୍ଦ୍ଦେଶ, ନିୟନ୍ତ୍ରଣ ଓ ସୂଚନା ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଏହି ପରିପ୍ରେକ୍ଷୀରେ ଡ୍ରୋନ୍‌ର ବ୍ୟବହାର ଓ ସମ୍ଭାବ୍ୟ ସାଇବର୍ ଯୁଦ୍ଧ ବିଶ୍ୱବ୍ୟାପୀ ଯୋଗାଯୋଗର ଗୁରୁତ୍ୱକୁ ପ୍ରତିଫଳିତ କରିଥାଏ।

- ବୈଶ୍ୱିକ ଯୋଗାଯୋଗ ସାଂସ୍କୃତିକ ଅଭିବ୍ୟକ୍ତିର ଏକ ବାହକ।

ବୈଶ୍ୱିକ ଯୋଗାଯୋଗ ସାରା ବିଶ୍ୱକୁ ଆବଶ୍ୟକୀୟ ସାଂସ୍କୃତିକ ଅନୁସଂକେତ ଯୋଗାଏ, ଯାହାକି ସାଂସ୍କୃତିକ ସମ୍ମିଶ୍ରଣ ନିମନ୍ତେ ମହତ୍ୱପୂର୍ଣ୍ଣ ଓ ସ୍ଥାନୀୟ ସଂସ୍କୃତିକୁ ବୈଦେଶିକ ସାଂସ୍କୃତିକ ଚାପଠାରୁ ଦୂରେଇ ରଖିବାରେ ଗୁରୁତ୍ୱପୂର୍ଣ୍ଣ କାରକ ସାଜେ।

## ୨.୩: ଯୋଗାଯୋଗର ବୈଶ୍ୱୀକରଣ

ବୈଶ୍ୱିକ ଗଣମାଧ୍ୟମ ବ୍ୟବସ୍ଥାର ଆଗମନ ସର୍ବ ପ୍ରଥମେ ଅଷ୍ଟାଦଶ ଶତାବ୍ଦୀର ଶେଷଆଡ଼କୁ ଓ ଊନବିଂଶ ଶତାବ୍ଦୀର ଆରମ୍ଭରେ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ବିଶ୍ୱ ସ୍ତରୀୟ ଟେଲିଗ୍ରାଫ୍ ବ୍ୟବସ୍ଥା, ତାର ବିହୀନ ସଂଯୋଗ ଆଉ ବିଶ୍ୱବ୍ୟାପୀ ସମ୍ବାଦ ସରବରାହ (ରଏଟର୍ସ, ହଓ୍ୱସ, ଏବଂ ଉଲ୍ଫ ମାଧ୍ୟମରେ)କୁ ଜରିଆକରି ବିଶ୍ୱ ଗଣମାଧ୍ୟମର ବିକାଶ ନଜରକୁ ଆସିଥିଲା। ଏହିସବୁ ଅଗ୍ରଗାମୀ ଗଣମାଧ୍ୟମ ସାମ୍ରାଜ୍ୟବାଦ ଶକ୍ତି (ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ପ୍ରଭୃତି)ର ସ୍ୱାର୍ଥକୁ ନେଇ ପରିଚାଳିତ ହେଉନଥିଲେ; ବରଂ ବ୍ୟବସାୟିକ ଓ ବାଣିଜ୍ୟିକ ସ୍ୱାର୍ଥ ହାସଲ ଥିଲା ମୁଖ୍ୟ ଉଦ୍ଦେଶ୍ୟ। ବୈଶ୍ୱିକ ଯୋଗାଯୋଗର ବିକାଶ ଅନେକ ସମୟରେ ସାମ୍ରାଜ୍ୟବାଦୀ ଦେଶଗୁଡ଼ିକର ସଂଘର୍ଷକୁ ବିଶ୍ୱ ଇତିହାସରେ ପ୍ରତିଫଳିତ କରିଛି। ଯୋଗାଯୋଗ ଆଧାରକୁ ନିୟନ୍ତ୍ରଣ କରିବାକୁ ଯାଇ ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ଢେର୍ ସଂଘର୍ଷ କରିଥିଲେ। ୱିନ୍‌ସେକ୍ ଏବଂ ପାଇକ୍ (Winseck and Pike 2007) ପ୍ରମାଣ ସହିତ ଦର୍ଶାଇଛନ୍ତି ଯେ' ଆଧାର ସଂରଚନା କ୍ଷେତ୍ରରେ ସକ୍ରିୟ ରହିଥିବା ସଂସ୍ଥାଗୁଡ଼ିକ ଜାତୀୟ ସରକାରଙ୍କ ତରଫରୁ ସେତେ ସହାୟତା ପାଉନଥିଲେ, ଯାହା ଅନେକ ସମୟରେ ବିଶ୍ୱାସ କରାଯାଏ।

ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦିତା ନିଶ୍ଚୟ ରହିଥିଲା, କିନ୍ତୁ ସହଯୋଗର ମାତ୍ରା ବି ଖୁବ୍ ଅଧିକ ଥିଲା। ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଅନେକ ସମ୍ବାଦପତ୍ର ନିୟମିତ ଭାବରେ ବିଶ୍ୱ ସମ୍ବାଦ ପରିବେଷଣ କରିବା ଆରମ୍ଭ କଲେ; ଯେଉଁଥିପାଇଁ ସେବା ଯୋଗାଇ ଥିଲା କିଛି ଅନ୍ତର୍ଜାତୀୟ ସମ୍ବାଦ ସରବରାହ ସଂସ୍ଥା ଯେମିତି କି- ରଏଟର୍ସ, ହଭ୍ୱସ, ଓ ଉଲ୍ଫ। ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ସରକାର ଅନ୍ତର୍ଜାତୀୟ ପ୍ରଚାରପ୍ରସାରର କ୍ଷମତାକୁ ଅନୁଭବ କରିଥିଲେ, ଓ ଏହି ପରିପ୍ରେକ୍ଷୀରେ ଚଳଚ୍ଚିତ୍ର ଶିଳ୍ପ ଏକ ଅନ୍ତର୍ଜାତୀୟ ମାଧ୍ୟମ ରୂପରେ ପ୍ରକଟ ହେଲା, ହଲିଉଡ୍ ଫିଲ୍ମର ରପ୍ତାନୀ ଆରମ୍ଭ ହୋଇଯାଇଥିଲା। ବୈଶ୍ୱୀକରଣର ଏହି ପ୍ରକ୍ରିୟାରେ ରେକର୍ଡ୍ ମ୍ୟୁଜିକ୍ ଶିଳ୍ପ ମଧ୍ୟ ସାମିଲ ହୋଇଥିଲା।

୧୯୭୦ ଦଶକର ଶେଷଆଡ଼କୁ ଟେଲିଭିଜନ ସାଟେଲାଇଟର ଆଗମନ ଜାତୀୟ ଆଧିପତ୍ୟର ଶୃଙ୍ଖଳାକୁ ଖଣ୍ଡନ କରିଥିଲା। ଦେଶ ବାହାରେ ପ୍ରସାରଣ କ୍ରମାଗତ ଭାବରେ ନାନା ସମସ୍ୟା ଦେଇ ଗତିକଲା ଓ ସମୟକ୍ରମେ ଅସମ୍ଭବ ହୋଇଉଠିଲା। ଏହି ସଂଚାଳନଗତ ସମସ୍ୟା ପ୍ରାଥମିକ ଭାବରେ ଆର୍ଥିକ ଥିଲା: ଅଧିକାଂଶ ଦେଶରେ ବିପୁଳ ପରିମାଣର ଆମଦାନୀ ଆବଶ୍ୟକତା, ବ୍ୟବସାୟିକ ଲାଭ ଓ ବିଜ୍ଞାପନର ଚାହିଦା ଅନୁଭୂତ ହେଲା।

ଜିନିଷ ପତ୍ରର ବଜାର ବ୍ୟାପକ ହୋଇ ବିଶ୍ୱସ୍ତରରେ ପହଞ୍ଚିଲା ଓ ଦରିଆପାରିରେ ବିଜ୍ଞାପନ ପ୍ରସାରିତ ହେଲା। ଗଣମାଧ୍ୟମ ପ୍ରସ୍ତୁତ ଦ୍ରବ୍ୟ ଯାହା ସହଜରେ ସାରା ବିଶ୍ୱରେ (ବୈଦେଶିକ ବଜାରରେ କ୍ରୟ) ଉପଲବ୍ଧ ହେଲା; ତନ୍ମଧ୍ୟରେ ଥିଲା- ସମ୍ବାଦ, ଚଳଚ୍ଚିତ୍ର, ରେକର୍ଡ୍ ହୋଇଥିବା ସଂଗୀତ ଆଉ ଟେଲି ଧାରାବାହିକ। ଟେଲିଭିଜନ ଅଦ୍ୟାବଧି ଏକମାତ୍ର ସମ୍ଭାବ୍ୟ ଗଣମାଧ୍ୟମ ରୂପରେ ବୈଶ୍ୱୀକରଣ ପ୍ରକ୍ରିୟାରେ ନିଜର ପ୍ରଭାବ ବଜାୟ ରଖିପାରିଛି।

ଆଜି ପ୍ରକୃତ ବୈଶ୍ୱିକ ଗଣମାଧ୍ୟମ ନାହିଁ କହିଲେ ଚଳେ; ଯାହା ବି ପ୍ରସାରିତ ହେଉଛି ତାହାହେଉଛି ଜାତୀୟ କାର୍ଯ୍ୟକ୍ରମର ସଙ୍କର ବା ହାଇବ୍ରିଡ୍ ରୂପ। ବିଶ୍ୱ ସହିତ ଏସବୁ ସଂଯୁକ୍ତ ହୋଇପାରେ, କିନ୍ତୁ କାର୍ଯ୍ୟପ୍ରଣାଳୀ ଜାତୀୟସ୍ତରୀୟ ଗୁଣାତ୍ମକମାନ, ଉଦ୍ଦେଶ୍ୟ ଏବଂ ଆଶାକୁ ବିଚାର କରି ନିର୍ଦ୍ଧାରିତ ହୋଇଥାଏ। ଜେରେମି ଟନ୍‌ଷ୍ଟଲ୍ (Jeremy Tunstall 2008)ଙ୍କ ମତରେ- ବିଶ୍ୱ ଗଣମାଧ୍ୟମ ସମୟକ୍ରମେ ଆମେରିକୀୟ ହୋଇଗଲାଣି। ବିଶ୍ୱର ଅଧିକାଂଶ ଦର୍ଶକ ଇଂରାଜୀ କୁହନ୍ତି ନାହିଁ, ସେମାନେ ନିଜ ଭାଷାରେ ପ୍ରସାରିତ ବ୍ୟଙ୍ଗ, ନିଜସ୍ୱ ସଂଗୀତ, ରାଜନୀତି ଓ କ୍ରୀଡ଼ାରେ ରୁଚି ରଖନ୍ତି। ତେଣୁ ବୃହତ୍ ଜନସଂଖ୍ୟା ଯୁକ୍ତ ଦେଶରେ ଜାତୀୟ ଆଉ ସ୍ଥାନୀୟ ଗଣମାଧ୍ୟମର ଗୁରୁତ୍ୱ ଅନୁଭୂତ ହେଉଛି। ଏହାକୁ ବିଚାରରେ ରଖି ଭାରତ ଓ ଚୀନ ପରି ଦେଶ ବୈଦେଶିକ ଟେଲି ଧାରାବାହିକମାନ ଆମଦାନୀ କଲେଣି। ଅନ୍ତର୍ଜାତୀୟ ଗଣମାଧ୍ୟମ ପ୍ରସ୍ତୁତି ଏହିପରି ସ୍ଥାନୀୟ ହେବାରେ ଲାଗିଛି। ବଡ଼ ବଡ଼ ଆମେରିକୀୟ ଷ୍ଟୁଡିଓ ଇଉରୋପ, ଏସିଆ, ଲାଟିନ ଆମେରିକାରେ ବ୍ୟବହୃତ ପ୍ରଡକ୍ସନ୍ ସୁବିଧାଗୁଡ଼ିକୁ ଅଧିକରୁ ଅଧିକ ବ୍ୟବହାର କରୁଛନ୍ତି। କଲମ୍ବିଆ ଟ୍ରାଇଷ୍ଟାର, ୱାର୍ଣ୍ଣର ବ୍ରଦର୍ସ, ଓ ଡିଜନୀ ପରି ଅନ୍ତର୍ଜାତୀୟ ପ୍ରଯୋଜନା ସଂସ୍ଥା ଜାତୀୟ-କୈନ୍ଦ୍ରିକ କାର୍ଯ୍ୟକ୍ରମଗୁଡ଼ିକୁ ଇଂରାଜୀ ଭାଷାରେ ପ୍ରସାରିତ କଲେଣି। ସୋନି ମଧ୍ୟ ଜର୍ମାନୀ, ହଂକଂ, ଫ୍ରାନ୍ସ, ବ୍ରିଟେନ

ସମେତ ୮ଟି ସ୍ଥାନୀୟ ଭାଷାରେ ନିଜର ପ୍ରସାରଣ ଜାରିରଖିଛି । ମିଡିଆ ମୋଗଲ ବୋଲାଉଥିବା ରୁପର୍ଟ ମରଡୋଚ (Rupert Murdoch) ନ୍ୟୁଜ କର୍ପୋରେସନର ଅଂଶ ବିଶେଷ ଷ୍ଟାର୍ ଟିଭି ସ୍ୱଦେଶୀକରଣ ନୀତିକୁ ନିଜର କରି ବିଭିନ୍ନ ସ୍ଥାନୀୟ ଚ୍ୟାନେଲ୍ ପ୍ରତିଷ୍ଠା କରିଛି, ଯାହା ମଧ୍ୟରେ ସାମିଲ ଷ୍ଟାର୍ ଚାଇନିଜ୍ ଏବଂ ଷ୍ଟାର୍ ଜାପାନ୍ ।

ଆର୍ଥିକ ନିର୍ଭରଶୀଳତା ବୃଦ୍ଧି ପାଇଥିଲେ ବି ଗଣମାଧ୍ୟମ ଜନିତ ନିର୍ଭରଶୀଳତା ନଥାଏ । ବିଶ୍ୱ ଗଣମାଧ୍ୟମରେ ସ୍ଥାନୀୟତା (ଲାଟିନ ଆମେରିକା ଓ ଆରବ୍ୟ ଦେଶଗୁଡ଼ିକରେ)ର ଆଭାସ ଜଣେ ପାଇପାରିବେ । କିନ୍ତୁ ଏହା ଗଣମାଧ୍ୟମର ସାର୍ବଭୌମିକତା ନୁହେଁ । ଯୋଗାଯୋଗ କ୍ଷେତ୍ରରେ ସାର୍ବଭୌମିକତା ଧାରା ଅପେକ୍ଷା ଜାତୀୟତା ଜରୁରୀ ଥଟନ୍‌ଷ୍ଟଲ୍ (Tunstall), ୨୦୦୮:୪୫୦ । ଯେଉଁ ଦେଶରେ ୯୦% ପ୍ରବାସୀ ବସବାସ କରନ୍ତି, ସେଠାରେ ଗଣମାଧ୍ୟମର ଜାତୀୟତା ସ୍ତର ପ୍ରବଳ ତଥା ପ୍ରଭାବଶାଳୀ ରହିଥାଏ । ଆଜିର ଦର୍ଶକ ସ୍ୱଦେଶ ସମ୍ପର୍କିତ ସମ୍ବାଦ, ପାଣିପାଗ, କ୍ରୀଡ଼ା, ହାସ୍ୟ, ଧାରାବାହିକ, ରିଅଲିଟି ଶୋ ଓ ଅନ୍ୟାନ୍ୟ ହାଲକାଫୁଲକା କାର୍ଯ୍ୟକ୍ରମରେ ଅଧିକ ରୁଚି ରଖୁଛନ୍ତି । ଉଦାହରଣ ସ୍ୱରୂପ- ଏସୀୟ ଦେଶରେ କୋରିଆ ଟେଲିଡ୍ରାମା, ଚାଇନିଜ ପପ୍-ମ୍ୟୁଜିକ୍ ଓ ଜାପାନୀ କମେଡ଼ି ଆମେ ଖୋଜିପାଇବା ।

ଅଧିକାଂଶ ଜାତୀୟ ଗଣମାଧ୍ୟମ ବିଶ୍ୱ ସମ୍ବାଦ ଅପେକ୍ଷା ସ୍ଥାନୀୟ ସମ୍ବାଦକୁ ଅଧିକରୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ବୈଶ୍ୱୀକରଣ ଯୁଗରେ ଜଣେ ବିଶ୍ୱ ସମ୍ବାଦର ଆଧିପତ୍ୟ ଆଶା କରିପାରନ୍ତି । କିନ୍ତୁ ଏପରି ହୁଏନାହିଁ । ବିଶ୍ୱ ସମ୍ବାଦକୁ ସ୍ଥାନୀୟ ରୂପରେ ପରିବେଷଣ କରିବାର ଧାରା ଉଚ୍ଚରେ ରହିବାବେଳେ ବିଶ୍ୱ ଘଟଣାବଳୀ ସ୍ଥାନୀୟ ସମ୍ବାଦ ହୋଇଯାଏ । ବିଶ୍ୱସ୍ତରରେ, ଜାତୀୟତା ହିଁ ସମ୍ବାଦ ଓ ମନୋରଞ୍ଜନ ପରିବେଷଣର ମହତ୍ୱପୂର୍ଣ୍ଣ କାରକ ସାଜେ । ବିଶ୍ୱବ୍ୟାପୀ ଯୋଗାଯୋଗକୁ ସାଧିତ କରିବାକୁଯାଇ ଦେଶଦେଶ ସମ୍ପର୍କ ଏକ ଶକ୍ତି ପରି କାର୍ଯ୍ୟ କରିଥାଏ । ଆମଦାନୀ ପ୍ରତିରୋଧକ, କୋଟା ନିୟମ ଲାଗୁ କରିବା, ସ୍ଥାନୀୟ ଦ୍ରବ୍ୟଗୁଡ଼ିକୁ ପ୍ରାଇମ୍ ଟାଇମ୍‌ରେ ସାମିଲ କରିବା ଏହି ଜାତୀୟତା ତନ୍ତ୍ରର ଅଂଶ ବିଶେଷ ।

ଅନ୍ତର୍ରାଷ୍ଟ୍ରୀୟ ଚ୍ୟାନେଲ୍ ପ୍ରସାରଣ କରିବାର ଏକ କାରଣ ହେଉଛି- ବିସ୍ଥାପିତ ହେଉଥିବା ଦର୍ଶକ ନିଜର ଲୋକସଂସ୍କୃତିକୁ ସାଥିରେ ନେବା ପାଇଁ ଚାହାଁନ୍ତି । ନିଜର ଅସ୍ତିତ୍ୱକୁ କେନ୍ଦ୍ରକରି ତାଙ୍କର ଜୀବନଚର୍ଯ୍ୟା ଗତି କରିଥାଏ, ନିଜର ସଂସ୍କୃତି ମଧ୍ୟରେ ଜୀବନଯାପନ କରିବାକୁ ସେମାନେ ଉଚିତ୍ ମନେକରନ୍ତି ଥଭାବା (Bhaba), ୧୯୯୪ଧ । ସାଂସ୍କୃତିକ ସମାବେଶ ଜନିତ ସ୍ୱଭାବ, ମାର୍ଟିନ ବାର୍ବେରୋ (Martin Babero) ଯେପରି କୁହନ୍ତି, ବିସ୍ଥାପିତଙ୍କୁ ସଂସ୍କୃତିର ସଙ୍କରୀକରଣ ନିମନ୍ତେ ପ୍ରବର୍ତ୍ତାଇଥାଏ (ବାର୍ବେରୋ, ୧୯୮୮) । ଉଦାହରଣ ସ୍ୱରୂପ- ଲସ୍ ଏଞ୍ଜେଲସ୍‌ରେ ଥିବା ଇରାନୀୟ କେବଲ୍ ଟେଲିଭିଜନ ଅତ୍ୟନ୍ତ ଯତ୍ନ ସହକାରେ ପାରମ୍ପରିକ ଇସଲାମ୍ ଜୀବନଶୈଳୀ ସମ୍ବନ୍ଧୀୟ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଦର୍ଶିତ କରେ । ଯୁକ୍ତରାଷ୍ଟ୍ରରେ ବସବାସ କରୁଥିବା ସ୍ଥାନୀୟ ଇସଲାମ୍ ଗୋଷ୍ଠୀ ତାହାକୁ ଦେଖିଥାନ୍ତି । ନୂତନ ଯୋଗାଯୋଗ ଜ୍ଞାନକୌଶଳକୁ ନିଜରକରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ପ୍ରସାରଣକାରୀ ନିଜର ଗଣମାଧ୍ୟମ ଉତ୍ପାଦକୁ ସଫଳତାର ସହିତ

ଦର୍ଶାଇ ପାରିଛନ୍ତି। ତୁର୍କୀର ଟିଆରଟି ପ୍ରସାରଣ ସେବା ୧୯୯୦ ମସିହାରେ ଟିଆରଟି-ଏନ୍ଆରଟି ଚ୍ୟାନେଲ୍ ପ୍ରତିଷ୍ଠା କରି ପାଶ୍ଚାତ୍ୟ ଇଉରୋପ (ଜର୍ମାନୀ)ରେ ରହୁଥିବା ୨ ନିୟୁତରୁ ଅଧିକ ତୁର୍କୀ ଦର୍ଶକଙ୍କ ନିମନ୍ତେ ମନଲାଖି କାର୍ଯ୍ୟକ୍ରମ ପ୍ରସାରିତ କରିଆସୁଛି। ମନୋରଞ୍ଜନ କ୍ରମରେ ନୂତନ ଜାତୀୟ ଏବଂ ଆଂଚଳିକ କାହାଣୀ ମଧ୍ୟ ପ୍ରଯୋଜିତ ହୋଇ ସାମ୍ନାକୁ ଆସୁଛି; ଏହି ପରିପ୍ରେକ୍ଷୀରେ କିଛି ଚର୍ଚ୍ଚିତ ନାମ ହେଲା- ମଧ୍ୟ ପ୍ରାଚ୍ୟର ଅଲ୍-ଜଜିରା, ଦ ବ୍ରାଜିଲିଆନ୍ ଟିଭି ସୋପ୍ ଇଣ୍ଡଷ୍ଟ୍ରି, ମେକ୍ସିକୋର ଟେଲିଭିସା ଅଥବା ବଲିଉଡ୍ ତଥା ଭାରତୀୟ ଚଳଚ୍ଚିତ୍ର ଶିଳ୍ପ।

ବିଶ୍ୱବ୍ୟାପୀ ଯୋଗାଯୋଗ କ୍ଷେତ୍ରରେ ଅନ୍ୟତମ କଠିନ ପ୍ରଶ୍ନ ହେଲା- ବିଶ୍ୱବ୍ୟାପୀ ଯୋଗାଯୋଗ ସାରାବିଶ୍ୱକୁ ଏକ କ୍ଷୁଦ୍ର ଅଂଚଳରେ ପରିଣତ କରିଛି କି? ମାର୍ଶାଲ ମ୍ୟାକ୍ଲୁହାନ୍ (Marshall McLuhan)ଙ୍କ କହିବା ମୁତାବକ ଏହା ଏକ ବିଶ୍ୱଗ୍ରାମ ସୃଷ୍ଟି କରିଛି କି? ଅଥବା ଫର୍ଟ୍ନର୍ ଯେପରି କହିଛନ୍ତି, “ଦୂର ଦୂରାନ୍ତରୁ ସଂଘଟିତ ହେଉଥିବା ଯୋଗାଯୋଗ ଫଳରେ ଗ୍ରାମ୍ୟ ଜୀବନର ନିବିଡ଼ତା ସମୟ କ୍ରମେ ଅପସରି ଯାଉଛି” ଥଫର୍ଟନର୍ (Fortner), ୧୯୯୩ଧ। ଫର୍ଟନରଙ୍କ ମତରେ- “ଗ୍ଲୋବାଲ୍ ମେଟ୍ରୋପଲିସ୍” ବା “ବିଶ୍ୱ ରାଜଧାନୀ” ହେଉଛି ଏ କ୍ଷେତ୍ରରେ ଏକ ଉତ୍ତମ ତଥା ପ୍ରଯୁଜ୍ୟ ଧାରଣା। ବିଶାଳ ସହରୀ ଛଟାରେ ଅଧିକାଂଶ ବ୍ୟକ୍ତି ପରସ୍ପରଙ୍କୁ ଜାଣନ୍ତି ନାହିଁ ଓ ପ୍ରସାରିତ ହେଉଥିବା ବାର୍ତ୍ତାରେ ସମାନତା ନଥାଏ।

## ୨.୪: ଯୋଗାଯୋଗର ଅନ୍ତର୍ଜାତୀୟ ପ୍ରବାହ

ନୂତନ ବିଶ୍ୱ ସୂଚନା ଓ ଯୋଗାଯୋଗ କ୍ରମ, ଏବଂ ମ୍ୟାକ୍ବ୍ରାଇଡ୍ କମିଶନ ରିପୋର୍ଟ

୧୯୭୦ ଦଶକରେ ଯୋଗାଯୋଗ ଜନିତ ସମସ୍ୟା ଯଥା- ଗଣମାଧ୍ୟମ ସାମ୍ରାଜ୍ୟବାଦ, ଅନ୍ତର୍ଜାତୀୟ ସମ୍ବାଦ ପ୍ରସାରରେ ଅସନ୍ତୁଳନ ଓ ଯୋଗାଯୋଗ ଶିଳ୍ପରେ ଥିବା ଏକଛତ୍ରବାଦ ପ୍ରଭୃତିକୁ ନେଇ ଅନ୍ତର୍ଜାତୀୟ ବାଦବିବାଦ ଦେଖା ଦେଇଥିଲା। ଏହିସବୁ ପ୍ରସଙ୍ଗ ଭଲଭାବରେ ଆଲୋଚିତ ହେବା ସହିତ କେତେକାଂଶରେ ବିରୋଧାଭାସର ସାମ୍ନା ବି କରିଥିଲା। ଶିଳ୍ପଭିତ୍ତିକ ବିକଶିତ ଦେଶଗୁଡ଼ିକରୁ ପ୍ରସାରିତ ହେଉଥିବା ସମ୍ବାଦ ଅତ୍ୟନ୍ତ ପ୍ରଭାବଶାଳୀ ରହିଥିଲା, ଯାହା ବିରୁଦ୍ଧରେ ତୃତୀୟ ବିଶ୍ୱ ଅନ୍ତର୍ଗତ ଅନୁନ୍ନତ ଦେଶଗୁଡ଼ିକ ବିଦ୍ରୋହ କରିଥିଲେ; ଯାହା ମୁକ୍ତ ସମ୍ବାଦ ସରବରାହ କ୍ଷେତ୍ରରେ ଏକ ଆକ୍ରମଣ ରୂପରେ ବିବେଚିତ ହେଲା। ସମ୍ବାଦର ମୂଲ୍ୟବୋଧ, ସାମ୍ବାଦିକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଓ ଜାତିର ବିକାଶ ନିମନ୍ତେ ଗଣମାଧ୍ୟମର ଅବଦାନକୁ ନେଇ ନାନା ମତଭେଦ ଦେଖିବାକୁ ମିଳିଲା। ମିଳିତ ଜାତିସଂଘର ଶୈକ୍ଷିତ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ତଥା ଜାତିସଂଘ ବ୍ୟବସ୍ଥାର ଏହି ଅଗ୍ରଣୀ ସଂସ୍ଥା ଏକ ପ୍ରକୃଷ୍ଟ ମଞ୍ଚ ରୂପରେ ଉପରୋକ୍ତ ବିଷୟଗୁଡ଼ିକୁ ଆଲୋଚନାର ପରିସରକୁ ଆଣିଥିଲା। ତେଣୁ, ୧୯୭୬ ମସିହାରେ ନାଏରୋବିରେ ଅନୁଷ୍ଠିତ ୟୁନେସ୍କୋର ଉନବିଂଶତମ ସାଧାରଣ ସମ୍ମିଳନୀରେ ସ୍ଥିର କରାଗଲା ଯେ- ବିକଶିତ ଏବଂ ବିକାଶଶୀଳ ଦେଶ ମଧ୍ୟରେ ଥିବା ଯୋଗାଯୋଗର ବ୍ୟବଧାନକୁ ଯେଉଁ ସାଧନଗୁଡ଼ିକ କମାଇପାରିବ, ତାହାକୁ ହିଁ ଅଗ୍ରାଧିକାର ମିଳିବ; ଯଦ୍ଦ୍ୱାରା ସୂଚନାର ଅନ୍ତର୍ଜାତୀୟ ପ୍ରସାର ମୁକ୍ତହେବା ସହିତ ଅଧିକ ସନ୍ତୁଳିତ

ହୋଇପାରିବ। ଆଧୁନିକ ସମାଜରେ ବି ଯୋଗାଯୋଗ ଜନିତ ସମସ୍ତ ସମସ୍ୟାର ଏକ ସମୀକ୍ଷା କରାଯିବା ଉଚିତ୍। ଏଥିପାଇଁ ୟୁନେସ୍କୋର ସାଧାରଣ ନିର୍ଦ୍ଦେଶକ ଆମାଡୌ ମାହତର ଏମ୍’ବୋ (Amdou Mahtar M’Bow) ଏକ ୧୬-ଜଣିଆ କମିଶନକୁ ନିଯୁକ୍ତ କରିଥିଲେ। ଏହି ଅନ୍ତର୍ଜାତୀୟ କମିଶନ ଯୋଗାଯୋଗ ଜନିତ ସମସ୍ୟାଗୁଡ଼ିକୁ ବିଚାର କରିଥିଲେ, ଯାହାର ଅଧ୍ୟକ୍ଷ ଥିଲେ ନୋବେଲ ଓ ଲେନିନ ଶାନ୍ତି ବିଜେତା ସିନ୍ ମ୍ୟାକ୍‌ବ୍ରାଇଡ୍ (Sean MacBride); ଏହା ପୂର୍ବରୁ ସିନ୍ ଜଣେ ସାମ୍ବାଦିକ ଥିବା ସହିତ ଆୟର୍ଲାଣ୍ଡର ବୈଦେଶିକ ବ୍ୟାପାର ମନ୍ତ୍ରୀ ମଧ୍ୟ ରହିଥିଲେ। ବିଶ୍ୱର ଭିନ୍ନ ଭିନ୍ନ ପ୍ରାନ୍ତରେ ଥିବା ରାଜନୀତିଜ୍ଞ, ଅର୍ଥନୀତିଜ୍ଞ, ଭୂତତ୍ତ୍ୱବିତ୍, ସାମ୍ବାଦିକ ଓ ପ୍ରସାରଣକାରୀ, ଗବେଷକ ଆଉ ଶିକ୍ଷାବିତ୍, ସମ୍ବାଦ ସରବରାହ ସଂସ୍ଥା ଓ ପ୍ରେସ୍ ଫାଉଣ୍ଡେସନର ସାଂଗଠନିକ ମୁଖ୍ୟଙ୍କୁ କମିଶନର ଅନ୍ୟାନ୍ୟ ସଦସ୍ୟ ରୂପେ ମନୋନୀତ କରାଯାଇଥିଲା। ଭାରତର ପ୍ରତିନିଧିତ୍ୱ କରିଥିଲେ ବରିଷ୍ଠ ଓ ବିଶିଷ୍ଟ ସାମ୍ବାଦିକ ତଥା ଦ ହିନ୍ଦୁସ୍ତାନ ଟାଇମ୍ସର ପୂର୍ବତନ ସମ୍ପାଦକ ରହିଥିବା ବି.ଜି. ଭର୍ଗିଜ୍ (B.G. Verghese)। କମିଶନ ରିପୋର୍ଟ୍‌ର ନାମ ଥିଲା *ମେନି ଭଏସେସ୍ - ୱାନ୍ ୱାର୍ଲଡ଼୍; କମ୍ୟୁନିକେସନ୍ ଆଣ୍ଡ୍ ସୋସାଇଟି - ଟୁଡେ ଆଣ୍ଡ୍ ଟୁମରୋ* ଯାହାକି ଯୋଗାଯୋଗ ଅଧ୍ୟୟନ କ୍ଷେତ୍ରରେ ଏହା ଅନ୍ୟତମ ମୂଲ୍ୟବାନ ଦସ୍ତାବିଜ ଭାବରେ ଗୃହୀତ ହୋଇଆସୁଛି।

## ୨.୫: ଗଣମାଧ୍ୟମ ସାମ୍ରାଜ୍ୟବାଦ

ପ୍ରାଚୀନ ଉପନିବେଶବାଦ ସମୟରୁ ହିଁ ଗଣମାଧ୍ୟମ ସାମ୍ରାଜ୍ୟବାଦ ପ୍ରଚଳିତ। ତେବେ, ଆଜି ଏହା ବ୍ୟାପକ ହେବାରେ ଲାଗିଛି; ଏହାର ସ୍ୱଭାବ ଓ ସ୍ତର ବଦଳି ଗଲାଣି। ଗଣମାଧ୍ୟମ ସାମ୍ରାଜ୍ୟବାଦର ଅନେକ ରୂପ ରହିଛି; ଯେମିତି କି- ଗଣମାଧ୍ୟମର ଏକାଧିପତ୍ୟ, ଗଣମାଧ୍ୟମ ଶିଳ୍ପ କେନ୍ଦ୍ରୀକରଣ, ପୁଞ୍ଜିପତି, ପାଶ୍ଚାତ୍ୟ ଗଣମାଧ୍ୟମକୁ ଜରିଆକରି ତୃତୀୟ ବିଶ୍ୱ ତଥା ବିକାଶମୁଖୀ ଦେଶର ଗଣମାଧ୍ୟମ ଉପରେ ନିୟନ୍ତ୍ରଣ। ଗଣମାଧ୍ୟମ ସାମ୍ରାଜ୍ୟବାଦକୁ ବୁଝିବାର ସର୍ବୋତ୍କୃଷ୍ଟ ପନ୍ଥା ହେଉଛି- ଅଗ୍ରଣୀ ଲେଖକ ଓ ସମୀକ୍ଷକମାନେ ଏ ନେଇ ଯାହା ମତ ରଖିଛନ୍ତି, ତାହାକୁ ଅନୁସରଣ କରିବା। ଏହି ପରିପ୍ରେକ୍ଷୀରେ ମ୍ୟାକ୍‌ବ୍ରାଇଡ୍ କମିଶନ ରିପୋର୍ଟ୍ କହେ: ଯୋଗାଯୋଗ ଶିଳ୍ପରେ ପ୍ରଭାବଶାଳୀ ସଂସ୍ଥାଙ୍କ ସଂଖ୍ୟା ଅପେକ୍ଷାକୃତ କମ୍, ଯାହା ପ୍ରସ୍ତୁତି ଓ ବିତରଣର ସମସ୍ତ ଦିଗକୁ ଏକୀକୃତ କରିଥାଏ। ଏହି ସଂସ୍ଥାଗୁଡ଼ିକ ବିକଶିତ ରାଷ୍ଟ୍ରରେ ରହିଥିଲେ ବି ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରିଥନ୍ତି। ତେବେ, ସମ୍ବଳ ଓ ସାଧନ ଉପରେ ଧ୍ୟାନ କେନ୍ଦ୍ରିତ କରିବା କେବଳ ଏକ ବିକଶିତ ଧାରାନୁହେଁ; ବରଂ ଏହା ମଧ୍ୟ ଏକ ଚିନ୍ତାଜନକ ବିଷୟ, ଗଣମାଧ୍ୟମର ସ୍ୱାଧୀନତା ଓ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଏହା କୁପ୍ରଭାବ ପକାଇପାରେ। କେନ୍ଦ୍ରୀକରଣ ଓ ଅନ୍ତର୍ଜାତୀୟତା ହେତୁ ଭିନ୍ନ ଭିନ୍ନ ଗଣମାଧ୍ୟମ ମଧ୍ୟରେ ବୈଷୟିକ ଜ୍ଞାନକୌଶଳ ଦୃଷ୍ଟିରୁ ପାରସ୍ପରିକ ନିର୍ଭରଶୀଳତା ଆସିପାରେ, କିନ୍ତୁ ଗବେଷଣା ଓ ବିକାଶ ବାବଦରେ ଖର୍ଚ୍ଚ ଅଧିକ ହୋଇଥାଏ; ଯାହା ବ୍ୟାପାର ଦୃଷ୍ଟିକୋଣରୁ ଆଦୌ ସ୍ପୃହଣୀୟ ନୁହେଁ।

ଅନ୍ୟ ଲେଖକମାନେ ଏପରି କେନ୍ଦ୍ରୀକରଣକୁ ଇତିହାସ ସହିତ ଯୋଡ଼ିଥାନ୍ତି- ପ୍ରାଥମିକ ପର୍ଯ୍ୟାୟରେ ଉପନିବେଶବାଦ ସମୟରେ ସାଧାରଣ ଆର୍ଥନୀତିକ ଓ ରାଜନୀତିକ ପ୍ରକ୍ରିୟା ଓ ବିଂଶ ଶତାବ୍ଦୀରେ ସାମ୍ରାଜ୍ୟବାଦର ବିକାଶ। ଟିମ୍ ଓ'ସୁଲିଭିଆନ୍ (Tim O'Sullivan) ଏବଂ ଅନ୍ୟାନ୍ୟ ଲେଖକଙ୍କଦ୍ୱାରା ଏହା ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଏହି ପ୍ରକ୍ରିୟାରେ ଉପନିବେଶବାଦ ପ୍ରଥମ ପର୍ଯ୍ୟାୟ, ଯାହା ଆର୍ଥନୀତିକ ଉପାଦେୟତା ଓ ଶୋଷଣ ଉପରେ ପର୍ଯ୍ୟବସିତ ଥିଲା। ତେବେ, ଏକାଧିପତ୍ୟ ଯେତେବେଳେ ଜଟିଳ ରୂପରେ ବଢ଼ିଲା, ସାମ୍ରାଜ୍ୟବାଦର ଅଭ୍ୟୁଦୟ ହେଲା, ବିଶ୍ୱସ୍ତରରେ ସାମ୍ରାଜ୍ୟମାନ ଗଠିତ ହେବାକୁ ଲାଗିଲା। ସାମ୍ରାଜ୍ୟବାଦ ହେଉଛି ବିଶ୍ୱ ସ୍ତରରେ ସମ୍ପଦ, ଶକ୍ତି ଓ ପ୍ରଭାବ ବିସ୍ତାର କରିବାର ଏକ ବ୍ୟବସ୍ଥିତ ପ୍ରସ୍ତୁତି। ପ୍ରଭାବଶାଳୀ ରହି ଆସିଥିବା 'ପ୍ରଥମ ବିଶ୍ୱ' (ଏହି ଶବ୍ଦଟି ସାଧାରଣତଃ ଉତ୍ତର ଆମେରିକା, ପଶ୍ଚିମ ଇଉରୋପ, ଜାପାନ ଓ ଅଷ୍ଟ୍ରେଲିଆ ପରି ବିକଶିତ ରାଷ୍ଟ୍ରକୁ ବୁଝାଏ) ସମୟକ୍ରମେ ବିଶ୍ୱ ବଜାରକୁ ନିୟନ୍ତ୍ରିତ କରୁଛନ୍ତି ଏବଂ ଗରିବ ରାଷ୍ଟ୍ରଗୁଡ଼ିକ ପ୍ରଥମ ବିଶ୍ୱଠାରୁ ହିଁ କଞ୍ଚାମାଲ୍ ତଥା ଅଳ୍ପ ମୂଲ୍ୟର ଶ୍ରମ ବିନିମୟରେ ଜିନିଷପତ୍ର ଆମଦାନୀ କରି ଆସୁଛନ୍ତି।

## ୨.୬: ସୂଚନା ସାମ୍ରାଜ୍ୟବାଦ

ବିଶ୍ୱର ଭିନ୍ନ ଭିନ୍ନ ଗଣମାଧ୍ୟମଦ୍ୱାରା ପ୍ରକାଶ ପାଉଥିବା ଶତକଡ଼ା ୯୦ ଭାଗ ଅନ୍ତର୍ଜାତୀୟ ସମ୍ବାଦ ମୁଖ୍ୟତଃ ୪ଟି ବଡ଼ ପାଶ୍ଚାତ୍ୟ ସମ୍ବାଦ ସରବରାହ ସଂସ୍ଥାରୁ ଆସିଥାଏ। ସେଗୁଡ଼ିକ ହେଉଛି- ୟୁନାଇଟେଡ୍ ପ୍ରେସ୍ ଇଣ୍ଟରନ୍ୟାସନାଲ୍ (ୟୁପିଆଇ), ଆସୋସିଏଟେଡ୍ ପ୍ରେସ୍ (ଏପି), ରଏଟର୍ସ, ଓ ଏଜେନ୍ସି ଫ୍ରାନ୍ସ ପ୍ରେସ୍ (ଏଏଫ୍‌ପି)। ଦୁଇଟି ଆମେରିକୀୟ, ଗୋଟିଏ ବ୍ରିଟିଶ୍, ଆଉ ଗୋଟିଏ ଫରାସୀ ସଂବାଦ ସରବରାହ ସଂସ୍ଥା। ସେମାନଙ୍କ ଉତ୍ପାଦକୁ ମର୍ଡଚ୍ (Murdoch), ଟାଇମ୍ସ ଓ୍ୱାର୍ଣ୍ଣର୍, ସିଏନ୍‌ଏନ୍ ପରି ବହୁରାଷ୍ଟ୍ରୀୟ ଗଣମାଧ୍ୟମ ପ୍ରତିଷ୍ଠାନ ଅର୍ଥରାଶି ଯୋଗାଏ। ଏହି ସମସ୍ତ ପ୍ରତିଷ୍ଠାନ ଆମେରିକୀୟ। ସର୍ବବୃହତ୍ ସମ୍ବାଦ ସରବରାହ ସଂସ୍ଥା ୟୁପିଆଇ ନିଜର ଶତକଡ଼ା ୮୦ ଭାଗ ଅର୍ଥରାଶି ଆମେରିକୀୟ ସମ୍ବାଦପତ୍ରରୁ ପାଇଥାଏ। ୧୯୮୦ ଦଶକର ମଧ୍ୟ ଭାଗରେ ହୋଇଥିବା ଏକ ସର୍ବେକ୍ଷଣରୁ ପ୍ରକାଶ ଯେ'- ୟୁପିଆଇ ନିଜ ସମ୍ବାଦର ଶତକଡ଼ା ୭୧ ଭାଗ ଯୁକ୍ତରାଷ୍ଟ୍ର ଆମେରିକାକୁ, ଶତକଡ଼ା ୯.୬ ଭାଗ ଇଉରୋପକୁ, ଶତକଡ଼ା ୫.୯ ଭାଗ ଏସିଆକୁ, ଶତକଡ଼ା ୩.୨ ଭାଗ ଲାଟିନ ଆମେରିକାକୁ, ଶତକଡ଼ା ୩ ଭାଗ ମଧ୍ୟ ପ୍ରାଚ୍ୟକୁ ଏବଂ ଶତକଡ଼ା ୧.୮ ଭାଗ ଆଫ୍ରିକାକୁ ଯୋଗାଇଥାଏ।

ଥାର୍ଡ୍ ଓ୍ୱାର୍ଲ୍ଡ୍ ରିସର୍ଜେନ୍ସ ପତ୍ରିକାରେ କାନାଡ଼ା ଲେଖକ ଡନ୍ ରୋଜାସ୍ (Don Rojas) ଉପରୋକ୍ତ ଆକଳନକୁ ପ୍ରକାଶ କରିଛନ୍ତି, ଯାହା ସୂଚନା ସାମ୍ରାଜ୍ୟବାଦ ସମ୍ପର୍କରେ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥାଏ। ୟୁପିଆଇ ଯୋଗାଉ ଥିବା ସର୍ବମୋଟ ସୂଚନାରେ ସର୍ବାଧିକ ସମ୍ବାଦ ଯୁକ୍ତରାଷ୍ଟ୍ର ଆମେରିକା ବିଷୟରେ ରହିଥାଏ; ଆଫ୍ରିକା ମହାଦେଶ ନିମନ୍ତେ ୟୁପିଆଇ'ର ସମ୍ବାଦ ଅପେକ୍ଷାକୃତ କମ୍ ଥାଏ, ଯେଉଁଠି ୫୦ରୁ ଅଧିକ ଦେଶ ଅବସ୍ଥିତ। ଏହି ପରିପ୍ରେକ୍ଷୀରେ ତାଞ୍ଜାନିଆର ପୂର୍ବତନ ରାଷ୍ଟ୍ରପତି ଜୁଲିୟସ ନ୍ୟେରେରେ

(ଔଙ୍କକ୍ଷସଙ୍କସ୍ୱ ଘଢଋକ୍ୱଋକ୍ୱଋ) ଥରେ ବ୍ୟଙ୍ଗ କରି କହିଥିଲେ, "ବିକାଶମୁଖୀ ରାଷ୍ଟ୍ରଗୁଡ଼ିକର ଅଧିବାସୀଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ସାମିଲ ହେବା ନିମନ୍ତେ ଅନୁମତି ମିଳିବା ଉଚିତ୍, କାରଣ ପ୍ରାର୍ଥୀଙ୍କ ବିଷୟରେ ସେମାନେ ମଧ୍ୟ ସେତିକି ଜାଣନ୍ତି ଯେତିକି ଉତ୍ତର ଆମେରିକୀୟ ନାଗରିକମାନେ ଜାଣିଥାନ୍ତି (ଥାର୍ଡ଼ ୱାର୍ଲ୍ଡ଼ ରିସର୍ଜେନ୍ସ, ସଂଖ୍ୟା ୧୨, ପିଲଗର୍'ଙ୍କ ଦ୍ୱାରା ଉଦ୍ଧୃତ, ୧୯୯୨)।"

ପଲ୍ କିଙ୍ଗ୍ (Paul King) ତାଙ୍କର *ୱାନ୍ ନୋ ମେନି ୟେସେସ୍* ପୁସ୍ତକରେ ସାର୍ବଭୌମିକତା କିପରି ସାରା ବିଶ୍ୱରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ବେନ୍ ବ୍ୟାଗଡିକିଆନ୍ (Ben Bagdikian)ଙ୍କ ଲୋକପ୍ରିୟ ପୁସ୍ତକ *ଦ ମିଡିଆ ମନୋପୋଲି* ଆମର ବିଶ୍ୱ ଗଣମାଧ୍ୟମରେ ଯାହାସବୁ ଘଟିଚାଲିଛି, ତାହାର ସ୍ପଷ୍ଟ ଚିତ୍ର ପ୍ରଦାନ କରିଛି। ଏ ନେଇ ଜାଣିବାକୁ ହେଲେ ବେନ୍'ଙ୍କ ପୁସ୍ତକ ହିଁ ପ୍ରଥମ ପଠନଯୋଗ୍ୟ ପୁସ୍ତକ। ୧୯୮୩ ମସିହାରେ ଏହା ପ୍ରକାଶ ପାଇଥିଲା ଓ ଏଥିରେ ୫୦ଟି ପ୍ରଭାବଶାଳୀ ବହୁରାଷ୍ଟ୍ରୀୟ ପ୍ରତିଷ୍ଠାନ ବାବଦରେ ବେନ୍ ସୂଚନା ଦେଇଥିଲେ, ଯାହା ଯୁକ୍ତରାଷ୍ଟ୍ର ଆମେରିକାର ଅଧିକାଂଶ ଗଣମାଧ୍ୟମକୁ ନିୟନ୍ତ୍ରିତ କରିଆସୁଛି। ଏହାର ସଦ୍ୟତମ ସଂସ୍କରଣ ୨୦୦୦ ମସିହାରେ ପ୍ରକାଶ ପାଇଛି, ଏଥିରେ ଆହୁରି *୬*ଟି ନୂତନ ପ୍ରତିଷ୍ଠାନ ବାବଦରେ ସୂଚନା ଦିଆଯାଇଛି। ଏହି ପ୍ରତିଷ୍ଠାନ ସବୁ ଏବେ ଆହୁରି ବିଶାଳ ଓ ଶକ୍ତିଶାଳୀ ହୋଇଗଲେଣି। ସିଏନ୍‌ଏନ୍, ଓ ଏବିସି ଡିଜ୍‌ନୀ ଅଧୀନରେ ଥିବାବେଳେ ଏନ୍‌ବିସି'କୁ ନିୟନ୍ତ୍ରଣ କରୁଛି ଜେନେରାଲ୍ ଇଲେକ୍ଟ୍ରିକ୍ ପ୍ରତିଷ୍ଠାନ। ସମ୍ବାଦ ସରବରାହ ସଂସ୍ଥାଗୁଡିକ ବର୍ତ୍ତମାନ ନିଜଦ୍ୱାରା ପରିଚାଳିତ ହେଉନାହାନ୍ତି, ବରଂ ମନୋରଞ୍ଜନଧର୍ମୀ ପ୍ରତିଷ୍ଠାନଗୁଡ଼ିକ ହିଁ ତାହାକୁ ନିୟନ୍ତ୍ରଣ କରୁଛନ୍ତି, ଯିଏ ସଦାସର୍ବଦା ସର୍ବାଧିକ ଲାଭ ଉପରେ ହିଁ ଗୁରୁତ୍ୱ ଦେଇଆସିଛନ୍ତି। ସୂଚନା ଉପରେ ଏପରି ଏକାଧିପତ୍ୟ ନିୟନ୍ତ୍ରଣ ଆମର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ସବୁଠୁ ଚିନ୍ତାଜନକ ହେଉଛି- ଗଣମାଧ୍ୟମ ସାମ୍ରାଜ୍ୟବାଦ, ଏକାଧିପତ୍ୟ, କେନ୍ଦ୍ରୀକରଣ ଏତେ ବ୍ୟାପକ ହେଲାଣି ଯେ' କୌଣସି ବିଦ୍ରୋହ ଏବେ କାମ କରୁନାହିଁ। ପ୍ରଭାବିତ ରାଷ୍ଟ୍ରଗୁଡ଼ିକର ଜାତୀୟତା ତଥା ସଂସ୍କୃତି ମଧ୍ୟ ଏହାଦ୍ୱାରା ପ୍ରଭାବିତ ହେଉଛି। ଯଦିଓ, ବିକାଶମୁଖୀ ରାଷ୍ଟ୍ରରେ ପରିସ୍ଥିତି ଦ୍ରୁତ ଗତିରେ ବଦଳିବାରେ ଲାଗିଛି ଓ ଟେଲିଭିଜନ ଏବେ କେବଳ ସହରାଂଚଳରେ ସୀମିତ ରହିନି; ତଥାପି ଏହାଦ୍ୱାରା କିଛି ଦର୍ଶକ ସୃଷ୍ଟି ହୋଇଛନ୍ତି ଯେଉଁମାନଙ୍କ ରୁଚି, ଆଶା, ପୋଷାକ ପରିଚ୍ଛେଦ ଓ ଜୀବନଶୈଳୀ ଅନ୍ୟମାନଙ୍କ ତୁଳନାରେ ଅଧିକ ପାଶ୍ଚାତ୍ୟ ଅଭିମୁଖୀ ହେଲାଣି। ବିଶ୍ୱବ୍ୟାପୀ ଯୋଗାଯୋଗର ବୈଷୟିକ ଦିଗଗୁଡ଼ିକ ଯେତିକି ବିକଶିତ ହେବାରେ ଲାଗିଛି, ନୂତନ ବଜାର ସୃଷ୍ଟିହୋଇ ପୁଞ୍ଜିବାଦ ମଧ୍ୟ ସେତିକି ବଢ଼ିବାରେ ଲାଗିଛି।

ବିଂଶ ଶତାବ୍ଦୀର ଶେଷ ଭାଗରେ ନୂଆ ନୂଆ ବୈଦ୍ୟୁତିକ ଉପକରଣର ଯେତେବେଳେ ଆଗମନ ହେଲା, ଜାତୀୟ ସ୍ୱାଧୀନତା ପ୍ରତି ବିପଦ ଉପୁଜିଲା; ଯାହା ଉପନିବେଶବାଦ ଯୁଗରେ ପ୍ରାୟ ନଥିଲା କହିଲେ ଚଳେ। ବିକାଶମୁଖୀ ରାଷ୍ଟ୍ରଗୁଡ଼ିକରେ ନୂତନ ଗଣମାଧ୍ୟମ ଅନ୍ୟାନ୍ୟ ପୂର୍ବ ପ୍ରଦର୍ଶନ ଅପେକ୍ଷା ଏବେ ପାଶ୍ଚାତ୍ୟ ବୈଷୟିକ ଜ୍ଞାନକୌଶଳର 'ଗ୍ରହଣୀୟତା' ସଂସ୍କୃତିକୁ ଗଭୀର ଭାବରେ ବଢ଼ାଇଚାଲିଛି। ଏହାର ଫଳାଫଳ ଅତ୍ୟଧିକ ବିନାଶକାରୀ ହୋଇପାରେ, ଆଜିର ବିକାଶମୁଖୀ ସମାଜରେ ସାମାଜିକତା ଉତ୍କଟ ରୂପରେ ବିଗିଡ଼ି ଯାଇପାରେ (ସ୍ମିଥ୍, ୧୯୮୦)।

'ଗଣମାଧ୍ୟମ ସାମ୍ରାଜ୍ୟବାଦ' ଓ 'ସଂସ୍କୃତିର ସାର୍ବଭୌମିକତା'ର ପ୍ରଭାବ ଅତି ଜଟିଳ ଭାବରେ ପରସ୍ପର ସହ ଜଡ଼ିତ। ବିଶ୍ୱବ୍ୟାପୀ ଯୋଗାଯୋଗ ଏବେ 'ପ୍ରଥମ ବିଶ୍ୱ' (ଯୁକ୍ତରାଷ୍ଟ୍ର ଆମେରିକା, ଇଉରୋପ, ଅଷ୍ଟ୍ରେଲିଆ, ଜାପାନ)ଦ୍ୱାରା ମାଲିକାନା ସୂତ୍ରରେ କିଣାଯାଉଛି ଓ ପରିଚାଳିତ ହେଉଛି। ଉପରୋକ୍ତ ଦେଶଗୁଡ଼ିକର ବ୍ୟବସାୟିକ ସ୍ୱାର୍ଥ ବି ଏଥିରେ ନିହିତ ରହିଛି।

ଏହି ପରିପ୍ରେକ୍ଷୀରେ ବିଶ୍ୱବ୍ୟାପୀ 'ମ୍ୟାକ୍ ଡୋନାଲ୍ଡ ଏବଂ ମ୍ୟାଡୋନା' ସଂସ୍କୃତି ବ୍ୟାପକ ହେବାରେ ଲାଗିଛି, ଯାହାକୁ ଟେଲିଭିଜନ ଓ ଗଣମାଧ୍ୟମ ପ୍ରୋତ୍ସାହନ ଯୋଗାଇ ଆସିଛନ୍ତି। ପାଶ୍ଚାତ୍ୟ ସଂସ୍କୃତି ଆଡ଼କୁ ଏପରି ଢଳିବା ଆଞ୍ଚଳିକ ଅସ୍ମିତା ପ୍ରତି ବିପଦ ଆଣିଛି; ଆର୍ଥନୀତିକ ନିର୍ଭରଶୀଳତା, ସାମାଜିକ ଚାପ ଓ ସାଂସ୍କୃତିକ ବିସ୍ଥାପନ ସୃଷ୍ଟି କରିଛି; ଯାହା ରାଷ୍ଟ୍ରର ବିକାଶ ନିମନ୍ତେ ଆଦୌ ଅନୁକୂଳ ନୁହେଁ।

## ୨.୧୨: ଆସ ପ୍ରଗତି ମାପିବା

୧. ଅନ୍ତର୍ଜାତୀୟ ଯୋଗାଯୋଗ ବିଷୟରେ ବର୍ଣ୍ଣନା କର ।

---------------------------------------------------------------------------

---------------------------------------------------------------------------

--------------------------

୨. ସୂଚନା ସାମ୍ରାଜ୍ୟବାଦ କିପରି ତୃତୀୟ ବିଶ୍ୱ ରାଷ୍ଟ୍ରଗୁଡ଼ିକୁ ପ୍ରଭାବିତ କରୁଛି ?

---------------------------------------------------------------------------

---------------------------------------------------------------------------

--------------------------

୩. ମ୍ୟାକ୍‌ବ୍ରାଇଡ୍ କମିଶନ ରିପୋର୍ଟର ପ୍ରମୁଖ ବିଶେଷତାଗୁଡ଼ିକ କ'ଣ ?

---------------------------------------------------------------------------

---------------------------------------------------------------------------

--------------------------

# ୟୁନିଟ୍- ୩: ଅନ୍ତର୍ଜାତୀୟ ସମ୍ବାଦ ସରବରାହ ସଂସ୍ଥା


୩.୦: ବିଷୟର ଗଠନ

୩.୧: ପଠନର ଉଦ୍ଦେଶ୍ୟ

୩.୨: ବିଷୟ ପରିଚୟ

୩.୩: ସମ୍ବାଦ ସରବରାହ ସଂସ୍ଥାର ମହତ୍ୱ

୩.୪: ରଏଟର୍ସ

୩.୫: ଏଏଫ୍‌ପି

୩.୬: ଏପି

୩.୭: ୟୁପିଆଇ

୩.୮: ଏଏପି

୩.୯: ଅନ୍ୟାନ୍ୟ

୩.୧୦: ପକ୍ଷପାତ

୩.୧୧: ଆସ ପ୍ରଗତି ମାପିବା


## ୩.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ପଢ଼ି ସାରିବା ପରେ ତୁମେ ସକ୍ଷମ ହେବ:

- ସମ୍ବାଦ ସରବରାହ ସଂସ୍ଥାର ମହତ୍ୱକୁ ବୁଝିବାରେ
- ଭିନ୍ନ ଭିନ୍ନ ଅନ୍ତର୍ଜାତୀୟ ସମ୍ବାଦ ସରବରାହ ସଂସ୍ଥାର ଐତିହାସିକ ପୃଷ୍ଠଭୂମି ଓ ପ୍ରାଥମିକ ଗତିବିଧିକୁ ଜାଣିବାରେ

## ୩.୨: ବିଷୟ ପରିଚୟ

ସମ୍ବାଦ ସଂଗ୍ରହ ପ୍ରକ୍ରିୟାରେ ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ବ୍ୟବସାୟରେ ନିଜକୁ ସର୍ବଶ୍ରେଷ୍ଠ କରିବା ନିମନ୍ତେ ସେମାନେ ପରସ୍ପର ସହିତ ପ୍ରତିଯୋଗିତା କରିଥାନ୍ତି। ସମ୍ବାଦପତ୍ର ଓ ଅନ୍ୟାନ୍ୟ ଗଣମାଧ୍ୟମ ଅନୁଷ୍ଠାନ ପରି ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକର ବି କିଛି ନୀତି ଓ ସିଦ୍ଧାନ୍ତ ରହିଥାଏ।

## ୩.୩: ସମ୍ବାଦ ସରବରାହ ସଂସ୍ଥାର ମହତ୍ୱ

ସାମ୍ବାଦିକତାରେ ଗର୍ବ ଓ ଗୌରବର କଥା ହେଉଛି ପ୍ରଥମ ବୋଲାଇବା। ଉପଭୋକ୍ତାଙ୍କ ଡେସ୍କକୁ ସମ୍ବାଦ ଯୋଗାଇବାରେ ପ୍ରଥମ ହେବା ନିମନ୍ତେ ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକ ପରସ୍ପର ସହ ପ୍ରତିଯୋଗିତା କରିଆସୁଛନ୍ତି। ଚାର୍ଲ୍ସ୍ ଲୁଇସ୍ ହଓ୍ୱସିସ୍ (Charles-Louis Havasis) ଏକ ସମ୍ବାଦ ସରବରାହ ସଂସ୍ଥାର ପ୍ରଥମ ପ୍ରତିଷ୍ଠାତା ରୂପରେ ବିବେଚିତ ହୁଅନ୍ତି। ସେ ବୁଝିପାରିଥିଲେ ଯେ’ ସମ୍ବାଦ ପ୍ରସାରଣରେ ତୀବ୍ରତା

ଅତ୍ୟନ୍ତ ଆବଶ୍ୟକ। ଏଥିପାଇଁ ସେ ନିଜର ସଂସ୍ଥାକୁ ଡାକ ଘର ପାଖରେ ହିଁ ପ୍ରତିଷ୍ଠା କରିଥିଲେ। ୧୯୩୨ ମସିହାରୁ ଏହି ପଦ୍ଧତି ଅସୀମ ରୂପରେ ବିକଶିତ ହୋଇଛି। ଯୋଗାଯୋଗ କ୍ଷେତ୍ରରେ ଆସିଥିବା ବୈଷୟିକ ବିକାଶ ହେତୁ ସମ୍ବାଦ ସରବରାହ ସଂସ୍ଥା ବା ଏଜେନ୍ସିଗୁଡ଼ିକ ଆଜିକାଲି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ସହଜରେ ରେକର୍ଡ୍ କରିପାରୁଛନ୍ତି। ଏଜେନ୍ସିଗୁଡ଼ିକ ନିଜର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପ୍ରଥମେ ଦୈନିକ ସୂତ୍ରରେ, ପରେପରେ ଘଣ୍ଟା ଓ ମିନିଟ୍ ଏବଂ ଏବେ ସେକେଣ୍ଡ ସୂତ୍ରରେ ବି ପରାସ୍ତ କରିପାରୁଛନ୍ତି।

୨୪ ଘଣ୍ଟା ସମ୍ବାଦ ଚ୍ୟାନେଲ୍ ଏବଂ ଇଣ୍ଟରନେଟ୍ ଯୁଗରେ ବିଭିନ୍ନ ଗଣମାଧ୍ୟମକୁ ସମ୍ବାଦ ପହଞ୍ଚାଇବା ନିମନ୍ତେ ଏଜେନ୍ସିଗୁଡ଼ିକ ଖୁବ୍ ତତ୍ପରତା ସହିତ ଲାଗିପଡ଼ନ୍ତି। ୟୁନେସ୍କୋ ନିଜ ରିପୋର୍ଟ ନ୍ୟୁଜ୍ ଏଜେନ୍ସିଜ୍: ଦେୟାର୍ ଷ୍ଟ୍ରକ୍ଚର୍ ଆଣ୍ଡ୍ ଅପରେସନ୍ (୧୯୫୩) ଅନୁଯାୟୀ: "ସରକାରୀ ବ୍ୟବସ୍ଥାରେ ସୂଚନା ଜନିତ ସ୍ୱାଧୀନତାକୁ ସମ୍ମାନ ଦିଆଯାଇଛି, ତେବେ ଏଜେନ୍ସିର ପ୍ରଧାନ ଉଦ୍ଦେଶ୍ୟ ହେବା ଉଚିତ୍- ବିନା ପକ୍ଷପାତରେ କଠୋର ରହି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା। ଯେଉଁ ସଂସ୍ଥାଗୁଡ଼ିକୁ ଏଜେନ୍ସି ସମ୍ବାଦ ଯୋଗାଏ, ସେମାନଙ୍କର ବିଶ୍ୱାସଭାଜନ ହେବା ଅତ୍ୟନ୍ତ ଆବଶ୍ୟକ। ସମ୍ବାଦରେ ସ୍ୱଚ୍ଛତା ନରହିଲେ ଅଭିବ୍ୟକ୍ତି ଜନିତ ସ୍ୱାଧୀନତା କ୍ଷୁର୍ଣ୍ଣ ହୋଇଥାଏ ।"

ପ୍ରଥମ ଭାରତୀୟ ପ୍ରେସ୍ କମିଶନ୍ (୧୯୫୨-୫୪) ସମୀକ୍ଷା କରିଥିଲେ: "ଏକ ସମ୍ବାଦ ସରବରାହ ସଂସ୍ଥାର ମୂଳ କାର୍ଯ୍ୟ ହେଉଛି- ସମ୍ବାଦପତ୍ର ଏବଂ ତାହାର ସେବା ଚାହୁଁଥିବା ଉପଭୋକ୍ତାଙ୍କୁ ସଦ୍ୟ ଘଟଣାବଳୀର ସମ୍ବାଦ ବିବରଣୀ ଯୋଗାଇ ଦେବା। ସୂଚନା ଓ ବର୍ଣ୍ଣନା ସ୍ୱଚ୍ଛ ରହିବା ସହିତ ସମ୍ବାଦ ସଂଗ୍ରହ କରିବା ନିମନ୍ତେ ଏକ ସମ୍ବାଦ ସରବରାହ ସଂସ୍ଥା ପ୍ରତିନିଧି ବା ଏଜେଣ୍ଟ ପରି କାର୍ଯ୍ୟ କରିବା ଉଚିତ୍। ସମ୍ବାଦ ସରବରାହ ସଂସ୍ଥା ନିକଟରୁ ସତ୍ୟନିଷ୍ଠତା ଓ ନିରପେକ୍ଷତା ଆଶା କରାଯାଏ।" ପ୍ରେସ୍ କମିଶନ୍ ଆହୁରି ମଧ୍ୟ ଜୋର୍‌ଦେଇ କହିଛନ୍ତି, ନ୍ୟାୟପାଳିକା କ୍ଷେତ୍ରପରି ଏକ ସମ୍ବାଦ ସରବରାହ ସଂସ୍ଥା କେବଳ ସତ୍ୟନିଷ୍ଠତା ପ୍ରଦର୍ଶନ କରିବା ଉଚିତ୍ ନୁହେଁ, ବରଂ ଏହା ଯଥାର୍ଥରେ ସତ୍ୟନିଷ୍ଠ ବୋଲି ଦେଖାଯିବା ଉଚିତ୍। ଏକ ସମ୍ବାଦ ସରବରାହ ସଂସ୍ଥା ବିପୁଳ ପରିମାଣର ସମ୍ବାଦ ବିତରଣ କରେ; ଯାହା କେତେବେଳେ ମୌଳିକ, କେତେବେଳେ ଅତିରଞ୍ଜିତ ହୋଇଥାଏ। ତେବେ, ସମ୍ବାଦ ସରବରାହ ସଂସ୍ଥାର ଏପରି ଚରିତ୍ରକୁ ଲକ୍ଷ୍ୟ କଲେ ନିରପେକ୍ଷତାର ଆବଶ୍ୟକତା ନିଶ୍ଚୟ ରହିଛି। ସମ୍ବାଦ ଯେତିକି ନିରପେକ୍ଷ ହେବ, ଜନମୁଖରେ ତାହାର ପ୍ରଚାର ସେତିକି ବୃଦ୍ଧି ପାଇବ। ସମ୍ବାଦ ଜୀବନର ଛବିକୁ ପ୍ରତିଫଳିତ କରିଥାଏ। ତେଣୁ, ଭାରତୀୟ ପ୍ରେସ୍ କମିଶନ୍ ଏ କଥା ମଧ୍ୟ କହିଛନ୍ତି "ଏକ ସମ୍ବାଦ ସରବରାହ ସଂସ୍ଥା ନିଜ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମ୍ପାଦକୀୟ ନୀତି ବନାଇବା ଉଚିତ୍ ନୁହେଁ। ବରଂ, ସମ୍ପାଦକୀୟ ଏପରି ହେବା ଉଚିତ୍, ଯାହାକୁ ସାଧାରଣ ବର୍ଗ ବୁଝିପାରିବେ।"

**ଉଦ୍‌ଘୋଷିତ ମୂଲ୍ୟବୋଧ**

କିଛି ସିଦ୍ଧାନ୍ତ ଓ ମୂଲ୍ୟବୋଧକୁ ମାନିବା ପାଇଁ ସମ୍ବାଦ ସରବରାହ ସଂସ୍ଥାଗୁଡ଼ିକ ଶପଥ ନେଇଛନ୍ତି। ଏସବୁ ତାଙ୍କର ବ୍ୟବସାୟିକ ୱେବ୍‌ସାଇଟ୍‌ରେ ଲିଖିତ ରୂପରେ ସ୍ଥାନ ପାଇଛି। ଭିନ୍ନ ଭିନ୍ନ ସମ୍ବାଦ ସରବରାହ ସଂସ୍ଥାର ଏ ସମ୍ପର୍କିତ କିଛି କଥନ କ୍ରମାନ୍ୱୟରେ ନିମ୍ନରେ ଦିଆଗଲା:

## ୩.୪: ରଏଟର୍ସ

କଥନର ଏହି କ୍ରମରେ ରଏଟର୍ସ ହେଉଛି ଶ୍ରେଷ୍ଠ ବକ୍ତା। ରଏଟର୍ସ କହେ: ରଏଟର୍ସର ସମ୍ବାଦ କାର୍ଯ୍ୟକ୍ରମ ସଂସ୍ଥାର ବିଶ୍ୱସନୀୟତା ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ। ସବୁ ସମୟରେ ସତ୍ୟନିଷ୍ଠ ରହି, ପକ୍ଷପାତରୁ ମୁକ୍ତ ରହି କାର୍ଯ୍ୟ ତୁଲାଇବା ନିମନ୍ତେ ରଏଟର୍ସ ପ୍ରତିଜ୍ଞାବଦ୍ଧ। ରଏଟର୍ସ ଫାଉଣ୍ଡର୍ସ୍ ସେୟାର୍ କମ୍ପାନୀ ସମ୍ବିଧାନ ଅଧୀନରେ ଥିବା ଏହାର ଅଧିକାରୀମାନେ ରଏଟର୍ସ୍ ବିଶ୍ୱସନୀୟତା ସିଦ୍ଧାନ୍ତ ଅନୁଯାୟୀ କାର୍ଯ୍ୟ କରିବା ଉଚିତ୍। ରଏଟର୍ସ୍ ଗୋଷ୍ଠୀର ସମ୍ବିଧାନ ବୋଲାଉଥିବା ପିଏଲ୍‌ସି ଏ ସଂକ୍ରାନ୍ତରେ କିଛି ସିଦ୍ଧାନ୍ତ ଓ ନୀତି ନିର୍ଦ୍ଧାରଣ କରିଛି, ଯାହାକୁ ସମସ୍ତ  ଅଧିକାରୀ ପାଳନ କରିବା ନିମନ୍ତେ ଶପଥ ନେଇଛନ୍ତି ।

ରଏଟର୍ସ୍‌ର ବିଶ୍ୱସନୀୟତା ସିଦ୍ଧାନ୍ତଗୁଡ଼ିକ ହେଲା-

- କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ଗୋଷ୍ଠୀ ବା ଦଳର ସ୍ୱାର୍ଥ ହାସଲ ନିମନ୍ତେ ରଏଟର୍ସ କଦାପି କାର୍ଯ୍ୟ କରିବନାହିଁ;
- ରଏଟର୍ସ ସବୁ ସମୟରେ ସତ୍ୟନିଷ୍ଠତା, ସ୍ୱାଧୀନତା ଓ ନିରପେକ୍ଷତା ବଜାୟ ରଖିବ;
- ସମ୍ବାଦପତ୍ର, ସମ୍ବାଦ ସରବରାହ ସଂସ୍ଥା, ପ୍ରସାରଣକାରୀ ଓ ଅନ୍ୟାନ୍ୟ ଗଣମାଧ୍ୟମ ଉପଭୋକ୍ତା ତଥା ବ୍ୟବସାୟ ଗୋଷ୍ଠୀ, ସରକାର, ସଂଗଠନ, ବ୍ୟକ୍ତି ବିଶେଷ ଏବଂ ଅନୁବନ୍ଧନ ପ୍ରକ୍ରିୟାରେ ସାମିଲ ଥିବା ଅନ୍ୟମାନଙ୍କୁ ରଏଟର୍ସ ନିରପେକ୍ଷ ଆଉ ଭରସାଯୋଗ୍ୟ ସମ୍ବାଦ ସେବା ହିଁ ଯୋଗାଇବ;
- ଗଣମାଧ୍ୟମର ବୃହତ୍ତର ସ୍ୱାର୍ଥକୁ ବିଚାରରେ ରଖି ରଏଟର୍ସ ତାଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ପୂର୍ବକ କାର୍ଯ୍ୟକରିବ; ଏବଂ
- ନିଜର ଅନ୍ୟାନ୍ୟ ସେବା ଓ ଉତ୍ପାଦ ସମ୍ପର୍କିତ ସମ୍ବାଦ ପ୍ରସାରିତ କରି ରଏଟର୍ସ ନିଜକୁ ବିଜ୍ଞାପିତ କରିବନାହିଁ।

## ୩.୫: ଏଏଫ୍‌ପି

ଏଏଫ୍‌ପି ବାସ୍ତବରେ ସମ୍ପାଦକୀୟ ଗୁଣବତ୍ତା ଓ ବିଶ୍ୱସନୀୟତାର ପ୍ରତିନିଧିତ୍ୱ କରିଥାଏ। ୧୮୩୫ ମସିହାରେ ଏଜେନ୍ସି ପ୍ରତିଷ୍ଠା ପାଇବା ଦିନଠାରୁ ହିଁ ଏପରି ସୁନାମ ହାସଲ କରିଆସିଛି ଏଏଫ୍‌ପି। ରାଜନୀତିକ, ବ୍ୟବସାୟିକ, ବିଚାରଗତ, ଆଧ୍ୟାତ୍ମିକ ତଥା ବାହ୍ୟ ପ୍ରଭାବରୁ ଏଏଫ୍‌ପି ସମ୍ପୂର୍ଣ୍ଣ ରୂପରେ ମୁକ୍ତ। ପୂର୍ଣ୍ଣ ନିରପେକ୍ଷତାର ଏହା ଗ୍ୟାରେଣ୍ଟି ଦେଇଥାଏ, ଓ ଅନୁକୂଳ ଉତ୍ପାଦ ଯୋଗାଇଦେବାର ସାମର୍ଥ୍ୟ ରଖେ।

## ୩.୬: ଏପି

ନିଜର ମିଶନ୍ ବା ଅଭିଯାନ ସମ୍ପର୍କରେ ଏପିର ମତହେଲା: ଦ ଆସୋସିଏଟେଡ୍ ପ୍ରେସ୍ ସୂଚନା ବ୍ୟାପାରରେ ସାମିଲ ଅଛି। ଏହାର ମୌଳିକ କାର୍ଯ୍ୟ ହେଲା- ନିଜର ଉପଭୋକ୍ତାଙ୍କୁ ଅତ୍ୟନ୍ତ ସୁଲଭ

ମୂଲ୍ୟରେ ସର୍ବୋଚ୍ଚ ଗୁଣବତ୍ତା, ବିଶ୍ୱସନୀୟତା ଓ ନିରପେକ୍ଷତା ସହିତ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସମ୍ବାଦ, ଫଟୋ, ଗ୍ରାଫିକ୍ସ, ପ୍ରସାରଣ, ଏବଂ ଅନ୍‌ଲାଇନ୍ ସେବା ଯୋଗାଇ ଦେବା। ଏପି ଏକ ସଦସ୍ୟ-ପରିଚାଳିତ ପ୍ରତିଷ୍ଠାନ। ଏପି ଲୋଗୋ ବିଶ୍ୱାସର ପ୍ରତୀକ ଅଟେ।

ଏଠାରୁ ପ୍ରାପ୍ତ ହେଉଥିବା ସମ୍ବାଦ ସଠିକ୍, ସନ୍ତୁଳିତ ଓ ସୂଚିତ ହେଉଥିବାର ଆଶା କରାଯାଏ। ଏହାର ପ୍ରସିଦ୍ଧ ସାଧାରଣ ପରିଚାଳକ କେଂଟ୍ କୁପର୍ (Kent Cooper) କହୁଥିଲେ, "ଏପି ସତ୍ୟ ଓ ନିରପେକ୍ଷ ସମ୍ବାଦ ପ୍ରସାରିତ କରେ- ଆମେରିକାରେ ଏପରି ସର୍ବୋଚ୍ଚ ବାସ୍ତବିକତା ଆଉ ନୀତିପୂର୍ଣ୍ଣ ସମ୍ବାଦ ସେବା ପୂର୍ବରୁ ବିକଶିତ ହୋଇନି, ଯାହା ସାରାବିଶ୍ୱକୁ ସମ୍ବାଦ ଯୋଗାଇଚାଲିଛି।"

## ୩.୭: ୟୁପିଆଇ

ସମ୍ବାଦ ସରବରାହ ସଂସ୍ଥାର କାର୍ଯ୍ୟକାରିତାକୁ ଆଧାରକରି ୟୁପିଆଇ ଦୁଇଟି ନୂତନ ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ। ଗୋଟିଏ ହେଉଛି- ବିଶ୍ୱ ସମ୍ବାଦକୁ ଏକ ଗଣମାଧ୍ୟମ ସଂଗଠନ ସ୍ୱାଧୀନ ଭାବରେ ସାମିଲ କରିପାରିବ,ଏବଂ, ଅନ୍ୟଟି ହେଉଛି- ଯେ କୌଣସି ସ୍ଥାନରେ ଥିଲେ ବି ଏକ ସମ୍ବାଦପତ୍ର ତାହାର ସମ୍ବାଦକୁ କ୍ରୟ କରିପାରିବ। ପ୍ରକାଶକ ଇ. ଡବ୍ଲୁ. ସ୍କ୍ରିପ୍ସ (Edward Willis Scripps) ତିନୋଟି ସ୍ଥାନୀୟ ସମ୍ବାଦ ସେବାକୁ ଏକତ୍ରକରି ୟୁନାଇଟେଡ୍ ପ୍ରେସ୍ ଆସୋସିଏନ୍ସ (ୟୁପିଆଇ) ଗଠନ କରିଥିଲେ। ୧୯୦୭ ମସିହା ଜୁଲାଇ ୧୫ ତାରିଖରେ ୟୁପିଆଇ'ର ଘୋଷଣାନାମାରେ କୁହାଗଲା: "ଏହା ଘୋଷଣା କରାଯାଉଛି ଯେ' ୟୁପିଆଇ କଦାପି ସଂକୀର୍ଣ୍ଣତା ଓ ଏକାଧିପତ୍ୟ ଚିନ୍ତାଧାରାରେ ପରିଚାଳିତ ହେବନାହିଁ, ବରଂ ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ବିଶ୍ୱର ସମସ୍ତ ବୈଧ ସମ୍ବାଦପତ୍ର ପ୍ରକାଶକଙ୍କୁ ଏହା ସ୍ୱଚ୍ଛ ଏବଂ ନିରପେକ୍ଷ ସେବା ଯୋଗାଇ ଦେବ।" ପରବର୍ତ୍ତୀ ସମୟରେ ସ୍କ୍ରିପ୍ସ କହିଥିଲେ: "ମୁଁ ମନେକରେ- ଏହି ଦେଶର ଲୋକମାନଙ୍କ ନିମେନ୍ତ ମୋ ଜୀବନର ସବୁଠାରୁ ମହତ୍ ସେବା ହେଉଛି- ୟୁନାଇଟେଡ୍ ପ୍ରେସ୍ ଗଠନ କରିବା; କାରଣ- ପ୍ରତିଯୋଗିତାରେ ସାମିଲ ରହିଥିଲେ ବି ଏହା ସମସାମୟିକ ଏଜେନ୍ସିଗୁଡ଼ିକର ଏକାଧିପତ୍ୟକୁ ରୋକି ପାଠକମାନଙ୍କୁ କେଉଁ ଧରଣର ସମ୍ବାଦ ଯୋଗାଇବା ଉଚିତ୍, ତାହା ନିର୍ଦ୍ଧାରଣ କରିପାରିଛି।" ନିକଟରେ ଆୟୋଜିତ ହୋଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ୟୁପିଆଇ ନିଜ ସମ୍ପର୍କରେ ବ୍ୟକ୍ତ କରିଛି, "୧୯୦୭ ମସିହାରୁ ୟୁପିଆଇ ବିଶ୍ୱବ୍ୟାପୀ ଗଣମାଧ୍ୟମ ବଜାର, ବ୍ୟବସାୟ, ସରକାର ଓ ଗବେଷକଙ୍କୁ ଆବଶ୍ୟକୀୟ ସୂଚନା ଯୋଗାଇବାରେ ଅଗ୍ରଣୀ ରହିଆସିଛି। ବ୍ୟାପକ ଭାବରେ ଭିନ୍ନ ଭିନ୍ନ ବିଷୟଗୁଡ଼ିକୁ ସାମିଲକରି ୟୁପିଆଇ'ର ସାମ୍ବାଦିକମାନେ ନାନା ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀର ବିସ୍ତୃତ ବିବରଣୀ ପ୍ରଦାନ କରୁଛନ୍ତି। ବିଶ୍ୱ ଘଟଣାବଳୀ ବାବଦରେ ତାଙ୍କର ବିଶ୍ଳେଷଣ ଅତୁଳନୀୟ, ଯାହା ବ୍ୟାପାର ଓ ନୀତି ସମ୍ପର୍କିତ ନିର୍ଣ୍ଣୟକୁ ପ୍ରଭାବିତ କରିଥାଏ। ୟୁପିଆଇ'ର ଉତ୍ପାଦ ଇଂରାଜୀ, ସ୍ପେନ୍ ଓ ଆରବ୍ୟ ଭାଷାରେ ଯୋଗାଇ ଦିଆଯାଏ।

ୱାସିଂଟନ ଡିସି'ରେ ଏହାର ପ୍ରଧାନ କାର୍ଯ୍ୟାଳୟ ରହିଥିବାବେଳେ ବିରୁଟ, ହଂକଂ, ଲଣ୍ଡନ, ସାଣ୍ଟିଆଗୋ, ସିଓଲ ଓ ଟୋକିଓରେ ଶାଖା କାର୍ଯ୍ୟାଳୟମାନ ରହିଛି।"

## ୩.୮: ଏଏପି

ଅଷ୍ଟ୍ରେଲିଆନ୍ ଆସୋସିଏଟେଡ୍ ପ୍ରେସ୍ (ଏଏପି)ର ମିଶନ୍ ସମ୍ପର୍କିତ ବକ୍ତବ୍ୟ ହେଉଛି: "ଆମର ମିଶନ୍ ହେଉଛି- ଉପଭୋକ୍ତାଙ୍କୁ ଉଚ୍ଚ ଗୁଣବତ୍ତାପୂର୍ଣ୍ଣ, ସମୟସାପେକ୍ଷ ଓ ନିରପେକ୍ଷ ସମ୍ବାଦ, ବିଶ୍ଳେଷଣ ଓ ସୂଚନା ଯୋଗାଇ ଦେବା।"

ଏଏପି କେତୋଟି ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ, ଯାହା ତାହାର କାର୍ଯ୍ୟକାରିତାକୁ ଦିଗ୍‌ଦର୍ଶନ ଦେଇଛି:

ଅଷ୍ଟ୍ରେଲିଆରେ ଅବସ୍ଥିତ ସମସ୍ତ ଗଣମାଧ୍ୟମକୁ ଏଏପି ସମ୍ବାଦ ଓ ସୂଚନା ସେବା ଯୋଗାଇ ଦେବା।

ଅଷ୍ଟ୍ରେଲିଆର ଗଣମାଧ୍ୟମଗୁଡ଼ିକୁ ନନ୍-ଏକ୍ସକ୍ଲୁସିଭ୍ ଧାରାରେ ଏଏପି'ର ସେବା (ଦୃଶ୍ୟ ଓ ପାଠ) ବିକ୍ରୟ ହେବ। ଗୋଟିଏ ଓ ଅନ୍ୟ ଉପଭୋକ୍ତା ଗୋଷ୍ଠୀଙ୍କ ମଧ୍ୟରେ କୌଣସି ପ୍ରକାର ଆର୍ଥିକ ନେଣଦେଣ ରହିବନାହିଁ।

## ୩.୯: ଅନ୍ୟାନ୍ୟ

ଏଜେନ୍ସି ଟେଲିଗ୍ରାଫିକ୍ ସ୍ୱିଜରଲ୍ୟାଣ୍ଡ୍ ମତରେ, ଏକ ପ୍ରତିଷ୍ଠାନ ତିନୋଟି ମୌଳିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ସେଗୁଡ଼ିକ ହେଉଛି- ସ୍ୱାଧୀନତା, ଏକତା ଏବଂ ସୃଜନଶୀଳତାର କ୍ଷମତା।

ଇଟାଲି ସ୍ଥିତ ଏଏନ୍‌ଏସ୍‌ଏ ମଧ୍ୟ କେତୋଟି ମୂଲ୍ୟବୋଧ ଉପରେ ଶକ୍ତ ରହିଛି ବୋଲି ଦାବିକରେ, ଯେମିତି କି- ସମୟାନୁବର୍ତ୍ତିତା, ନିରପେକ୍ଷତା ଏବଂ ଅଧିକାର। ପ୍ରେସ୍ ଟ୍ରଷ୍ଟ୍ ଅଫ୍ ଇଣ୍ଡିଆ (ପିଟିଆଇ) ପ୍ରାମାଣିକତା, ସଠିକତା ଓ ତୀବ୍ରତାକୁ ପ୍ରାଧାନ୍ୟ ଦେଉଥିବା ବେଳେ ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ଇଣ୍ଡିଆ (ୟୁଏନ୍‌ଆଇ) ଶୀଘ୍ର ଏବଂ ସଠିକ୍ ବିବରଣୀ ପ୍ରସ୍ତୁତକରି ସୁନାମ ଅର୍ଜନ କରିଛି। ଆସୋସିଏଟେଡ୍ ପ୍ରେସ୍ ଅଫ୍ ପାକିସ୍ତାନ (ଏପିପି) ମଧ୍ୟ ନିରପେକ୍ଷ, ବିଶ୍ୱସନୀୟ ଓ ସଠିକ ଖବର ପ୍ରଦାନକରି ଉଚ୍ଚମାନର ସାମ୍ବାଦିକତା ପରମ୍ପରାକୁ ବଜାୟ ରଖିଛି।

ଜିଜି ପ୍ରେସ୍ ଅଫ୍ ଜାପାନ କହେ: ନିଜର ଲକ୍ଷ୍ୟକୁ ସାଧନକରି "ବିଶ୍ୱ ସମ୍ବାଦକୁ ଆମେ ଜାପାନ ଆଣିପାରିଛୁ ଓ ଜାପାନର ସମ୍ବାଦକୁ ସାରାବିଶ୍ୱରେ ପହଞ୍ଚାଇ ପାରିଛୁ", ବିଶ୍ୱସନୀୟ, ନିରପେକ୍ଷ ଓ ସତ୍ୟ ସମ୍ବାଦ ଯୋଗାଉଥିବା ଜିଜି ପ୍ରେସ୍ ଜାପାନ ତଥା ପୂରା ବିଶ୍ୱରେ ଢେର୍ ସୁନାମ ସାଉଁଟି ପାରିଛି। ଏହା ଶତ ପ୍ରତିଶତ ସ୍ୱାଧୀନତାର ସହିତ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ।

ଚୀନ ଏଜେନ୍ସି ଜିନ୍‌ହୁଆ ଦାବିକରେ; ନାନା ଘରୋଇ ଓ ସାଂଗଠନିକ ଘଟଣାବଳୀକୁ ସତ୍ୟତା ଏବଂ ନିରପେକ୍ଷତାର ସହିତ ବର୍ଣ୍ଣନା କରି, ତୃତୀୟ ବିଶ୍ୱକୁ ସମର୍ଥନ କରି, ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସି ଏପରି ଏକ ସ୍ୱର ହେବ; ଯାହାକୁ ତମାମ ବିଶ୍ୱ ଯେତେ ଚାହିଁଲେ ବି ଅଣଦେଖା କରିପାରିବ ନାହିଁ।

ଏଠାରେ ଆଉ ଏକ ଜାତୀୟ ଏଜେନ୍ସିର ଶୀତଳ ଯୁଦ୍ଧ ପରବର୍ତ୍ତୀ ବକ୍ତବ୍ୟ ସୂଚିତ ହୋଇଛି। ସ୍ଲୋଭାକିଆ ଗଣରାଜ୍ୟ ନ୍ୟୁଜ୍ ଏଜେନ୍ସିର ପ୍ରଧାନ କାର୍ଯ୍ୟ ହେଲା- ସ୍ଲୋଭାକିଆ ଓ ସାରା ବିଶ୍ୱରେ ଘଟୁଥିବା ଭିନ୍ନ ଭିନ୍ନ ଘଟଣାବଳୀକୁ ସଂଗ୍ରହ, ସଙ୍କଳିତ, ଓ ଗଚ୍ଛିତ କରି ତତ୍‌ସମ୍ପର୍କିତ ବହୁମୁଖୀ ସୂଚନା ଯୋଗାଇ ଦେବା; ଯାହା ନିରପେକ୍ଷ ଓ ବିଶ୍ୱସନୀୟ ହେବା ସହିତ ଜନତାଙ୍କ ନିକଟରେ ଖୁବ୍ ଶୀଘ୍ର ପହଞ୍ଚି ପାରୁଥିବ।

ଆର୍ମେନିଆ ସ୍ଥିତ ଆର୍ମେନ୍ ପ୍ରେସ୍ ନ୍ୟୁଜ୍ ଏଜେନ୍ସିର ଲକ୍ଷ୍ୟ ହେଉଛି- ସଠିକ୍, ନିରପେକ୍ଷ ଓ ଶୀଘ୍ର ସୂଚନାକୁ ପ୍ରୋତ୍ସାହନ ଦେବା।

ରୋମାନିଆରେ ଥିବା ସର୍ବବୃହତ୍ ସ୍ୱାଧୀନ ସମ୍ବାଦ ସରବରାହ ସଂସ୍ଥା ମିଡିଆ ଫ୍ୟାକ୍ସ ନିମ୍ନଲିଖିତ ମୂଲ୍ୟବୋଧଗୁଡ଼ିକୁ ନିଜର କରିଛି:

୧. ଉପଭୋକ୍ତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି।

୨. ପେଶାଗତ ମନୋଭାବ ଏବଂ ସତ୍ୟନିଷ୍ଠତା ସବୁ ସମୟରେ ବଜାୟ ରଖିବା।

୩. ସେବାର ଗୁଣବତ୍ତା ଏପରି ହେବା ଉଚିତ୍, ଯାହା ମିଡିଆ ଫ୍ୟାକ୍ସର ଉପଭୋକ୍ତାଙ୍କୁ ବିଶ୍ୱସ୍ତ ଗ୍ରାହକ ରୂପରେ ଗଢ଼ି ତୋଳିବା।

## ୩.୧ : ପକ୍ଷପାତ

ଯାହା ବି ହେଉ, ଅନ୍ୟ କେତେ ଜଣଙ୍କ ମତରେ ନିରପେକ୍ଷତା ବୋଲି କିଛି ନଥାଏ। ଏହା କେବଳ ସାମ୍ବାଦିକଙ୍କ କଳ୍ପନା; ଯାହାକୁ ଦାବି କରାଯାଇପାରେ, କିନ୍ତୁ ହାସଲ କରିହୁଏନାହିଁ। ଜଣେ ବ୍ୟକ୍ତି ଯେତେ ଅଣଦେଖା କରିବାକୁ ଚେଷ୍ଟାକଲେ ବି, ମଣିଷ-ମଣିଷ ମଧ୍ୟରେ ଯୋଗାଯୋଗ ଏକ ପ୍ରସଙ୍ଗକୁ ଆଧାରକରି, ଏକ ମାଧ୍ୟମ ଦେଇ ଗତିଶୀଳ ହୁଏ, ଏବଂ ଐତିହାସିକ, ରାଜନୀତିକ, ଆର୍ଥନୀତିକ ଓ ସାମାଜିକ ଅଞ୍ଚଳରେ ବସବାସ କରୁଥିବା ବ୍ୟକ୍ତି ତଥା ଗୋଷ୍ଠୀଙ୍କ ମଧ୍ୟରେ ସଂଘଟିତ ହୁଏ। ତେଣୁ ସରଳ ଭାଷାରେ କହିବାକୁ ଗଲେ ଯୋଗାଯୋଗରେ ପକ୍ଷପାତ ରହିବ ହିଁ ରହିବ। ପକ୍ଷପାତ ଏକ ଶବ୍ଦ ଯାହା କୌଣସି ବାର୍ତ୍ତା ବା ସୂଚନାର ତମାମ ପ୍ରସଙ୍ଗକୁ ସାମିଲ କରି ତାହାର ସାମୂହିକ ପ୍ରଭାବକୁ ସୂଚାଇ ଦିଏ। କେତୋଟି ବିଶେଷ ଦିଗରୁ ପକ୍ଷପାତ ଉପୁନ୍ନ ହୋଇଥାଏ; ଯେମିତି କି- (୧) ଜାତୀୟ ସ୍ୱାର୍ଥ, (୨) ଏକ ସ୍ଥାନର ସାମାଜିକ ଓ ରାଜନୀତିକକ ଗଠନଶୈଳୀ ଯେଉଁଠି ଏଜେନ୍ସି କାର୍ଯ୍ୟ କରିଥାଏ, (୩) ସମ୍ବାଦ ସୂତ୍ର ବା ଉତ୍ସର ସ୍ୱରୂପ, ଏବଂ (୪) ଗଣମାଧ୍ୟମରେ ଦ୍ୱାରପାଳ ବୋଲାଉଥିବା କପି ଏଡ଼ିଟର୍ ବା ପାଣ୍ଡୁଲିପି ସମ୍ପାଦକଙ୍କ ପୃଷ୍ଠଭୂମି।

ବ୍ୟାଖ୍ୟାତ୍ମକ ବିବରଣୀରେ ତେର୍ଚ୍ଛାପଣ ଅଧିକ ଦେଖିବାକୁ ମିଳେ। ଏଥିରୁ ସିଧା କଥା ବା ସିଧାସଳଖ ସମ୍ବାଦ ଉତ୍ପନ୍ନ ହୋଇନଥାଏ। ଏହି ପରିପ୍ରେକ୍ଷୀରେ ଜାତୀୟ ସ୍ୱାର୍ଥ ତଥା ଉପଭୋକ୍ତାଙ୍କ ମିଳିତ ବୃହ ର ସ୍ୱାର୍ଥ ହିଁ ସମ୍ବାଦର ଦୃଷ୍ଟିକୋଣକୁ ନିର୍ଦ୍ଧାରିତ କରିଥାଏ। ଏକ ଉଦାହରଣ ସହିତ ଏହାକୁ ଭଲ ଭାବରେ ବୁଝିହେବ। ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ନ୍ୟୁଜ୍ ଏଜେନ୍ସି କାର୍ଯ୍ୟ କରୁଥିଲା, ଯାହା ଉପରେ ନିର୍ଭରକରି ଅଧିକାଂଶ ଲାଟିନ ଆମେରିକୀୟ ରାଷ୍ଟ୍ର ସମସ୍ତ ସମ୍ବାଦ ପାଇପାରୁଥିଲେ। କିନ୍ତୁ ୧୯୭୬ ମସିହାରେ ଦକ୍ଷିଣ ଆମେରିକୀୟ ଉପନିବେଶ ଥିବା ସୁରିନାମ୍ ସ୍ୱାଧୀନତା ପାଇଲା। ଲାଟିନ ଆମେରିକା ଏବଂ ସାରାବିଶ୍ୱ ନିମନ୍ତେ ଏହି ଘଟଣାଟି ଐତିହାସିକ ଗୁରୁତ୍ୱ ବହନ କରିଥିଲା। କାରଣ, ଆମେରିକା ମହାଦେଶର ଶେଷ ଉପନିବେଶ ସୁରିନାମ୍‌କୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତକରି ସିଧାସଳଖ ଉପନିବେଶ ନିୟମକୁ ଉଚ୍ଛେଦ କରାଯାଇଥିଲା। କିନ୍ତୁ, ଏହା ପରଠାରୁ ଯୁକ୍ତରାଷ୍ଟ୍ର ଆମେରିକାକୁ ବକ୍ସାଇଟ୍ ଯୋଗାଇ ସୁରିନାମ୍ ସ୍ୱତନ୍ତ୍ର ପରିଚୟ ହାସଲକରିଛି। ତେବେ, ଉପରୋକ୍ତ ନ୍ୟୁଜ୍ ଏଜେନ୍ସି ପୂରା ଘଟଣାଟିକୁ ଭିନ୍ନ ମୋଡ଼ଦେଇ ଲେଖିଥିଲା- ଯୁକ୍ତରାଷ୍ଟ୍ର ଆମେରିକାକୁ ବକ୍ସାଇଟ୍ ରପ୍ତାନୀ କରୁଥିବାରୁ ଔପନିବେଶକ ନିୟମରୁ ସୁରିନାମ୍ ସ୍ୱାଧୀନ ହୋଇପାରିବ ନାହିଁ। ଏହି କ୍ଷେତ୍ରରେ ଉକ୍ତ ଏଜେନ୍ସିକୁ ମିଥ୍ୟାବାଦୀ ବୋଲି କହି ହେବନି, କାରଣ, ଯୁକ୍ତରାଷ୍ଟ୍ର ଆମେରିକାର ବୃହତ୍ତର ସ୍ୱାର୍ଥକୁ ସାଧିତ କରିବାକୁ ତଦନୁଯାୟୀ ତାହା ନିଜର ବିବରଣୀ ପ୍ରସ୍ତୁତକରିଛି। ତେବେ, ଜାତୀୟ ସ୍ୱାର୍ଥ ଏକ ବିଶ୍ୱ ସ୍ତରୀୟ ସମ୍ବାଦ ବା ଘଟଣାର ମହତ୍ତ୍ୱକୁ ନିର୍ଣ୍ଣୟ କରିବାପାଇଁ ଅନୁମତି ପାଇପାରେ କି? ଉପରୋକ୍ତ ଉଦାହରଣଟି ଏକ ଉଦ୍ଦେଶ୍ୟମୂଳକ ପକ୍ଷପାତ ହୋଇନପାରେ। କିନ୍ତୁ ନିଜକୁ ଅନ୍ତର୍ଜାତୀୟ ବୋଲି ଦାବି କରୁଥିବା ଏକ ସମ୍ବାଦ ସରବରାହ ସଂସ୍ଥା ନିଜର ପାଠକୁ ସଂଶୋଧନ କରିବା ଉଚିତ୍, ଯୁକ୍ତରାଷ୍ଟ୍ର ଆମେରିକା ବ୍ୟତୀତ ଅନ୍ୟାନ୍ୟ ସ୍ଥାନ ଆଡ଼କୁ ବି ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି।

ବ୍ୟବସାୟିକ ପ୍ରସଙ୍ଗର ନିଷ୍କର୍ଷ କିପରି ବିକୃତ ହୋଇପାରେ, ଆଇଏଲ୍‌ଓ ମୁଖ୍ୟ ରହିଥିବା ଜୁଭାନ୍ ସୋମାଭିଆ (Juvan Somavia) ତାହାକୁ ବୁଝାଇଛନ୍ତି। ୟୁନେସ୍କୋରେ ଉଲ୍ଲେଖ ହୋଇଥିବା ଦସ୍ତାବିଜ୍ ଅନୁଯାୟୀ ୧୯୭୮ ମସିହାରେ ଜୁଭାନ୍ ଯୋଗାଯୋଗର ସମସ୍ୟା ଗୁଡ଼ିକୁ ଅଧ୍ୟୟନକରି ଅନ୍ତର୍ଜାତୀୟ କମିଶନ୍ ନିମନ୍ତେ ଏକ ବିବରଣୀ ପ୍ରସ୍ତୁତ କରିଥିଲେ। ତାଙ୍କ ମତରେ, "ସମ୍ବାଦର ବ୍ୟବସାୟିକ ଦିଗ ହେଉଛି ମୂଳ ରୂପରେ ଏକ ବ୍ୟବସ୍ଥିତ ପକ୍ଷପାତ ବା ଭେଦଭାବ, ଯାହା ବିକ୍ରୟ ହୋଇପାରୁନଥିବା ସମ୍ବାଦକୁ ବିରୋଧ କରିଥାଏ, ତାହା ସମ୍ବାଦ ବୋଲାଏନାହିଁ କାରଣ: ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଥିବା ବଜାର ତା' ପ୍ରତି ଆଗ୍ରହୀନଥାଏ। ସମାନ ସମୟରେ ବି ସଂବାଦ ସରବରାହ ସଂସ୍ଥା କ୍ଷେତ୍ରରେ ଆଉ ଏକ ପ୍ରବୃତ୍ତି ଦେଖିବାକୁ ମିଳେ। ସେମାନେ କେବଳ ସେହିସବୁ ଘଟଣାବଳୀକୁ ଦର୍ଶାନ୍ତି, ଯାହା ସେମାନଙ୍କ ବଜାରକୁ ବ୍ୟାପକ କରିପାରିବ।"

ଶେଷ ଉପ୍ତାଦଟି ହେଉଛି "ଏକ ପ୍ରସଙ୍ଗ-ବହିର୍ଭୁତ ସୂଚନା ଯାହାର ବିଷୟବସ୍ତୁ ବଜାର ନୀତି ଅନୁଯାୟୀ ନିର୍ଦ୍ଧାରିତ ହୁଏ।" ଏଣୁ ଚାହିଦାକୁ ଦୃଷ୍ଟିରେ ରଖି ସମ୍ବାଦର ବିଷୟବସ୍ତୁକୁ ଆକାର ଦିଆଯାଏ, ଯାହା ଏକ ସମ୍ବାଦ ପ୍ରତିଷ୍ଠାନକୁ ନିୟନ୍ତ୍ରିତ କରେ। ଔପଚାରିକ ରୀତିରେ ଏକ ସମ୍ବାଦ ବିବରଣୀ ନିରପେକ୍ଷତାର ସମସ୍ତ ନୀତିକୁ ସୁନିଶ୍ଚିତ କରିଥାଏ; କିନ୍ତୁ ତାହାର ପ୍ରଭାବ ସ୍ପଷ୍ଟ, ସୁକ୍ଷ୍ମ, ଉଦ୍ଦେଶ୍ୟମୂଳକ ଏବଂ ଅବଚେତନ ରୂପରେ ପକ୍ଷପାତ ହିଁ ହୋଇଥାଏ। ପକ୍ଷପାତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହେଉଛି ଏକ ସ୍ଥାନର ସାମାଜିକ-ରାଜନୀତିକ ଓ ଆର୍ଥନୀତିକ ଗଠନଶୈଳୀ, ଯାହା ମଧ୍ୟରେ ଏଜେନ୍ସି କାର୍ଯ୍ୟ କରିଥାଏ। ସମ୍ବାଦ ଜନିତ ବିଚାର ନିଶ୍ଚିତ ରୂପେ ସେହି ମୂଲ୍ୟବୋଧକୁ ପ୍ରତିଫଳିତ କରେ, ଯାହା ଉପରେ ସାମାଜିକ-ରାଜନୀତିକ ଓ ଆର୍ଥନୀତିକ ସଂରଚନା ଗଢ଼ି ଉଠିଥାଏ। ତେଣୁ ଦ୍ୱାରପାଳ ବୋଲାଉଥିବା କପି ଏଡ଼ିଟର୍ ହିଁ ସମ୍ବାଦ କ୍ଷେତ୍ରରେ ଆସୁଥିବା ପକ୍ଷପାତକୁ ଦାୟିତ୍ୱର ସହ ବିଚାର କରିବା ଉଚିତ୍। ସମ୍ବାଦ ସଂଗ୍ରହ ଏବଂ ସଂସାଧନ ଜନିତ ଲକ୍ଷଣ ଅନେକ ସମୟରେ ପକ୍ଷପାତକୁ ପ୍ରୋତ୍ସାହନ ଦେଇଥାଏ। ବିଭିନ୍ନ ବ୍ୟକ୍ତି ସମାନ ଘଟଣାକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ୬ ଜଣ ଦୃଷ୍ଟିହୀନ ବ୍ୟକ୍ତି ହାତୀ ଦେଖି ନିଜର ଅନୁଭୂତି (ହାତୀ ଶରୀରର କେଉଁ ଭାଗକୁ ସେମାନେ ଅନୁଭବ କରିଛନ୍ତି) ବର୍ଣ୍ଣନା କରିବାପରି ଅବସ୍ଥା ସୃଷ୍ଟିହୁଏ। କିନ୍ତୁ ଏକତ୍ର ହୋଇ ସେମାନେ କଦାପି ହାତୀ ଦେଖିପାରିବେନାହିଁ। ସେହିପରି, ସମ୍ବାଦ  ଯେତେବେଳେ ଭିନ୍ନ ଭିନ୍ନ ସୂତ୍ରରୁ ସଂଗ୍ରହ କରାଯାଏ, ଅନ୍ତିମ ବିବରଣୀ ଏକ ସତ୍ୟ ଓ ପୂର୍ଣ୍ଣ ଚିତ୍ର ଯୋଗାଇ ପାରେନାହିଁ। ୧୯୭୦ ଏବଂ ୮୦ ଦଶକରେ ଅନୁଷ୍ଠିତ ହୋଇଥିବା ବିବାଦପୂର୍ଣ୍ଣ ତର୍କ-ବିତର୍କ କାର୍ଯ୍ୟକ୍ରମ 'ନ୍ୟୁ ୱାର୍ଲ୍ଡ୍ ଇନଫର୍ମେସନ୍ ଆଣ୍ଡ୍ କମ୍ୟୁନିକେସନ୍ ଅର୍ଡର୍ (ଏନ୍‌ଡବ୍ଲୁଆଇସିଓ) ବା ନୂତନ ବିଶ୍ୱ ସୂଚନା ଓ ଯୋଗାଯୋଗ କ୍ରମ'ରେ ନିରପେକ୍ଷତା ଓ ପକ୍ଷପାତକୁ ବିଷୟ ଭାବରେ ନିଆଯାଇଥିଲା।

ଜଣେ ବ୍ରିଟିଶ ସମ୍ପାଦକ ଅଭିଯୋଗ କଲେ, "ଏଜେନ୍ସିଦ୍ୱାରା ପ୍ରାପ୍ତ ଅନେକ ସମ୍ବାଦକୁ ପ୍ରତ୍ୟାଖ୍ୟାନ କରିବା ଉଚିତ୍, କାରଣ- ସେଥିରେ ପର୍ଯ୍ୟାପ୍ତ ପରିମାଣର ବ୍ୟାଖ୍ୟା ନଥାଏ, ତଥ୍ୟ-ବିହୀନ ଏହିସବୁ ସଂବାଦ ବେଳେବେଳେ ସାଧାରଣ ପାଠକଙ୍କ ନିମନ୍ତେ ବୋଧଗମ୍ୟ ହୋଇ ନଥାଏ।" ପ୍ରାୟ ଏକ-ପଞ୍ଚମାଂଶ ଇଉରୋପୀୟ ସମ୍ପାଦକଙ୍କୁ ଏଜେନ୍ସି ପ୍ରଶ୍ନ କରିଥିଲା, ବ୍ୟାଖ୍ୟା କହିଲେ ସେମାନେ କ'ଣ ବୁଝନ୍ତି, ଯାହାର ଜବାବ ଥିଲା ବ୍ୟାଖ୍ୟା ସିଧାସଳଖ ଭାବରେ ସମ୍ବାଦରୁ ପୃଥକ୍ ହୋଇ ରହୁଥିବ। ଏହି ପରିପ୍ରେକ୍ଷୀରୁ ନ୍ୟୁଜ ଏଜେନ୍ସିଠାରୁ ମିଳୁଥିବା ଲେଖା ବିସ୍ମୟସୂଚକ ହେବା ଆବଶ୍ୟକ। ତେବେ, କେତେଜଣ ଇଉରୋପୀୟ ସମ୍ପାଦକ ଚେତାବନୀ ଦେଇଥିଲେ ଯେ' ବିସ୍ମୟସୂଚକ ଲେଖାରେ ପକ୍ଷପାତର ଆଶଙ୍କା ରହିଥିଲେ ବି ତାହା ଏଜେନ୍ସିର ନିଜସ୍ୱ ବ୍ୟାଖ୍ୟା, ତେଣୁ ସମ୍ପାଦକୀୟରେ ତାହାକୁ ଏଜେନ୍ସି ମାର୍ଫତରେ ଦିଆଯାଇ ପାରିବ। ସେପଟେ, ବେଲଜିୟମର ଜଣେ ସମ୍ପାଦକ ପକ୍ଷପାତକୁ ବିଶ୍ୱସନୀୟ ବୋଲି ମତ ଦେଇଥିଲେ।

ବିସ୍ମୟସୂଚକ ଲେଖାକୁ ଆଦୌ ଚାହୁଁନଥିବା ସଂଖ୍ୟାଲଘୁ ସମ୍ପାଦକ ଗୋଷ୍ଠୀଙ୍କର ଆଶଙ୍କା ଥିଲା- ଏହାଦ୍ୱାରା ପକ୍ଷପାତ ଉପୁଜି ପାରେ। ଜଣା ଓଲନ୍ଦାଜ (Dutch) ସମ୍ପାଦକ ମତ ଦେଇଥିଲେ, "ଆମେ କିଛି ନିର୍ଦ୍ଦିଷ୍ଟ ବ୍ୟାଖ୍ୟାକୁ ନେଇ ଦ୍ୱନ୍ଦ୍ୱ ମଧ୍ୟରେ ଅଛୁ, ବେଳେବେଳେ ଆମ ନିଜସ୍ୱ ବ୍ୟାଖ୍ୟା ବା ଲେଖାହେଉ ନା କାହିଁକି, ଆଜିର ମାନସିକ ଯୁଦ୍ଧ ଯୁଗରେ ତାହା ପ୍ରଯୁଜ୍ୟ ନୁହେଁ।" ତାଙ୍କ ପରି କେତେଜଣ ଚିରାଚରିତ ସମ୍ପାଦକ ପ୍ରତ୍ୟେକ ଦେଶରେ ଥିଲେ। ଲଣ୍ଡନର ଜଣେ ସମ୍ପାଦକ ଏଜେନ୍ସିର କୌଣସି ପ୍ରକାର ବ୍ୟାଖ୍ୟାକୁ ତିନୋଟି ଦିଗରୁ ବିରୋଧ କରିଥିଲେ: (୧) ପ୍ରତ୍ୟେକ ଏଜେନ୍ସି ଏକ ଦେଶର ଜାତୀୟତା ଦୃଷ୍ଟିକୋଣଦ୍ୱାରା ନିୟନ୍ତ୍ରିତ ହୁଏ; (୨) ଏଜେନ୍ସିର ବ୍ୟାଖ୍ୟା ସାଧାରଣତଃ ଅପରିଚିତ ସୂତ୍ରରୁ ଆସିଥାଏ; (୩) ଏଜେନ୍ସିର ବ୍ୟାଖ୍ୟା ଅନେକ ସମୟରେ ଛୋଟ ସହରରେ ରହୁଥିବା ସମ୍ବାଦପତ୍ର କର୍ମଚାରୀଙ୍କଦ୍ୱାରା ଯୋଗାଇ ଦିଆଯାଏ, ଯିଏ କେବଳ ଏକ "ବିଶ୍ୱ-ପ୍ରସିଦ୍ଧ ଏଜେନ୍ସି" ସହିତ ଯୋଡ଼ି ହୋଇଥାନ୍ତି। ଜଣେ ସୁଇସ୍ ସମ୍ପାଦକ କହିଥିଲେ- ପ୍ରାୟ ସମସ୍ତ ବୈଦେଶିକ ପ୍ରତିନିଧି ପକ୍ଷପାତ ପୂର୍ଣ୍ଣ ସମ୍ବାଦକୁ ପ୍ରସାର କରୁଛନ୍ତି। ନିରପେକ୍ଷ ରହି କାର୍ଯ୍ୟ କରିବା ତାଙ୍କର ସାମର୍ଥ୍ୟ ବାହାରେ, ସେ ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ରାଜନୀତିକ ଘଟଣାବଳୀର ଗୋଟିଏ ପାର୍ଶ୍ୱକୁ ଦର୍ଶାଉଛନ୍ତି।

ଆଇପିଆଇ'ର ଏହି ଅଧ୍ୟୟନରୁ ପ୍ରକାଶ- ଆମେରିକୀୟ ସମ୍ପାଦକଙ୍କ ଅପେକ୍ଷା ଇଉରୋପୀୟ ସମ୍ପାଦକ ଏ କଥା ଉପରେ ଦୃଢ଼ ରହିଛନ୍ତି ଯେ, ଏଜେନ୍ସିର କାର୍ଯ୍ୟକାରିତାରେ ସୁଧାର ଆଣିବାର ଆବଶ୍ୟକତା ରହିଛି। କେତେଜଣ ସମ୍ପାଦକ ଆହୁରି ମଧ୍ୟ କହିଥିଲେ, ତଥା କଥିତ "ସିଧାସଳଖ ସମ୍ବାଦ" ଏବେ ଚା ଲ୍ୟକର ହୋଇଗଲାଣି।

ଚା ଲ୍ୟ ବା ଶିହରଣ ସୃଷ୍ଟି କରିବାକୁ "ଏକ୍ସକ୍ଲୁସିଭ୍" ନାମକ ପ୍ରତିଯୋଗିତା ଏବେ ପ୍ରତ୍ୟେକ ଗଣମାଧ୍ୟମରେ ବୃଦ୍ଧି ପାଇଛି। ତେବେ, ପ୍ୟାରିସରେ ପ୍ରକାଶ ପାଉଥିବା ଏକ ଦୈନିକ ସମ୍ବାଦପତ୍ରର ସମ୍ପାଦକଙ୍କ ମତରେ, "ଏକ୍ସକ୍ଲୁସିଭ୍ ଷ୍ଟୋରୀ କ୍ୱଚିତ୍ ଦେଖିବାକୁ ମିଳେ ଏବଂ ଅନେକ ସମୟରେ ଏହାକୁ ଆବିଷ୍କାର କରିବାକୁ ପଡ଼େ।" ଜଣେ ଫରାସୀ ସମ୍ପାଦକ କହିଥିଲେ- ଏଜେନ୍ସି ବ୍ୟୁରୋ ତାହାର ଉପଭୋକ୍ତାଙ୍କୁ "ଅତ୍ୟଧିକ ଖାଦ୍ୟ" ଦେଉଛି, ଯାହା ଏକ ସମ୍ବାଦପତ୍ର ପ୍ରାଥମିକ ପର୍ଯ୍ୟାୟରେ ଚାହିଁଥାଏ। ଅନ୍ୟମାନଙ୍କ ପରି ଜଣେ ଡଚ୍ ସମ୍ପାଦକ ମତ ଦେଲେ- ଏଜେନ୍ସିର ପ୍ରତିନିଧିମାନେ କେବଳ ଆମେରିକୀୟଙ୍କ ପାଇଁ ଲେଖୁଛନ୍ତି, ଇଉରୋପୀୟଙ୍କ ପାଇଁ ନୁହେଁ। ତେବେ, ଏହି ସର୍ବେକ୍ଷଣରୁ ଭାରତୀୟ ପ୍ରେସ୍‌ରେ କାର୍ଯ୍ୟରତ ପାଶ୍ଚାତ୍ୟ ରାଷ୍ଟ୍ରର ଗଣମାଧ୍ୟମ ପ୍ରତିନିଧିଙ୍କ ବାବଦରେ ଏକ ଭିନ୍ନ ବିଶେଷତା ଦୃଷ୍ଟିଗୋଚର ହେଲା। ପାଶ୍ଚାତ୍ୟ ଘଟଣାବଳୀ ସମ୍ପର୍କରେ ଭାରତୀୟ ଗଣମାଧ୍ୟମ ସେତେ ବିସ୍ତୃତ ବିବରଣୀ ଦେଉନଥିବା ଜଣାପଡ଼ିଲା। ଭାରତରେ ନ୍ୟୁୟର୍କ ଟାଇମ୍ସର ପ୍ରତିନିଧି ରହିଥିବା ରବର୍ଟ ଟ୍ରଂବୁଲ୍ (Robert Trumbull) ଅନୁଭବ

କଲେ- "ଭାରତୀୟ ପ୍ରେସ୍ କ୍ଷେତ୍ରରେ ତାଙ୍କ ଦେଶର ଛବି ସେତେ ସୁଦୃଶ୍ୟ ନାହିଁ। ଭାରତରେ ଆମେରିକାର ଚିତ୍ରକୁ ବିକୃତ ରୂପରେ ଦର୍ଶାଯାଇଛି। ସମ୍ବାଦପତ୍ରକୁ ଅନୁସରଣ କରି, ଆମେରିକାକୁ ନେଇ ଭାରତୀୟଙ୍କର ଧାରଣା ହେଉଛି- ଆମେରିକୀୟମାନେ ସବୁବେଳେ ଡଲାର ପଛରେ ଧାଉଁଛନ୍ତି, କାର୍ଯ୍ୟରେ ସେମାନେ ଖୁବ୍ ଦକ୍ଷ, କିନ୍ତୁ ଅବସର ସମୟରେ ସେମାନେ କମିକ୍ସ ପୁସ୍ତକ ପଢ଼ିବା, ନାଇଟ୍ କ୍ଲବ୍ ଯିବା, ଅମାନବୀୟ ଖେଳ ଖେଳିବା ଏବଂ ଯୌନ ସମ୍ପର୍କ ସ୍ଥାପନ ନିମନ୍ତେ ପାଗଳ ହୋଇଯାଆନ୍ତି। ଭାରତରେ ଆମେରିକାର ସାଂସ୍କୃତିକ ଗତିବିଧି, ଧାର୍ମିକ ଓ ପାରିବାରିକ ଜୀବନଶୈଳୀ ସେତେ ପ୍ରସାର ପାଇନି; ବରଂ ବର୍ଣ୍ଣ ବୈଷମ୍ୟ, ଅସଭ୍ୟତା ଏବଂ ବୈବାହିକ ସମସ୍ୟାଗୁଡ଼ିକୁ ଅତିରଞ୍ଜିତ କରି ଦର୍ଶାଯାଇଛି।"

## ୩.୧୧: ଆସ ପ୍ରଗତି ମାପିବା

୧. ନ୍ୟୁ ଓ୍ୱାର୍ଲ୍ଡ୍ ଇନଫର୍ମେସନ୍ ଆଣ୍ଡ୍ କମ୍ୟୁନିକେସନ୍ ଅର୍ଡର (ଏନ୍‌ଡବ୍ଲୁଆଇସିଓ) ଅନ୍ତର୍ଗତ ତର୍କ-ବିତର୍କ କାର୍ଯ୍ୟକ୍ରମର ବିଶେଷତାଗୁଡ଼ିକ କ'ଣ?

-----------------------------------------------------------

-----------------------------------------------------------

---------------------------------

୨. ଜିଜି ପ୍ରେସ୍ ଅଫ୍ ଜାପାନ୍, ଏବଂ ଜିନ୍‌ହୁଆ ଅଫ୍ ଚାଇନା ବିଷୟରେ ବର୍ଣ୍ଣନା କର ।

-----------------------------------------------------------

-----------------------------------------------------------

---------------------------------

୩. ଭାରତରେ ଥିବା ଦୁଇଟି ସମ୍ବାଦ ସରବରାହ ସଂସ୍ଥା କ'ଣ? ସେଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କର।

-----------------------------------------------------------

-----------------------------------------------------------

---------------------------------

# ୟୁନିଟ୍-୪: ନାମ୍ ଏବଂ ଅଣ-ଗଠବନ୍ଧିତ ସମ୍ବାଦ ସରବରାହ ସଂସ୍ଥା ସମୂହ

## ୪.୦: ବିଷୟର ଗଠନ


୪.୧: ପଠନର ଉଦ୍ଦେଶ୍ୟ

୪.୨: ବିଷୟ ପରିଚୟ

୪.୩: ଅନ୍ତର୍ଜାତୀୟ ସମ୍ବାଦ ପ୍ରସାରରେ ଅସନ୍ତୁଳନ

୪.୪: ସୂଚନା ଓ ଯୋଗାଯୋଗ କ୍ଷେତ୍ରରେ ନୂତନ ବୈଷୟିକ କୌଶଳ

୪.୫: ସୂଚନା ସମାଜ

୪.୬: ଆଲଭିନ୍ ଟଫଲର୍ ଏବଂ ଥାର୍ଡ୍ ୱେଭ୍ ମାଧ୍ୟମ

୪.୭: ସୂଚନା ଓ ଯୋଗାଯୋଗ କ୍ଷେତ୍ରରେ ନୂତନ ବୈଷୟିକ କୌଶଳ

୪.୮: ବହୁମାଧ୍ୟମ

୪.୯: କେବୁଲ୍ ଟେଲିଭିଜନ

୪.୧୦: ଇଣ୍ଟରନେଟ୍‌ର ଆଗମନ

୪.୧୧: ଇଣ୍ଟରନେଟ୍‌ର ପ୍ରସାର

୪.୧୨: ୧୯୭୦ ଦଶକରେ ଅଣ-ଗଠବନ୍ଧିତ ଆନ୍ଦୋଳନର ଗଠନ

୪.୧୩: ବିଶ୍ୱବ୍ୟାପୀ ପରିବର୍ତ୍ତନ

୪.୧୪: ଦଶମ ଜାକର୍ତ୍ତା ଅଣ-ଗଠବନ୍ଧିତ ରାଷ୍ଟ୍ର ସମ୍ମିଳନୀ, ୧୯୯୨

୪.୧୫: ଅଣ-ଗଠବନ୍ଧିତ ସମ୍ବାଦ ସରବରାହ ସଂସ୍ଥା ସମୂହ

୪.୧୬: ଆସ ପ୍ରଗତି ମାପିବା


## ୪.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ପଢ଼ି ସାରିବା ପରେ ତୁମେ:

- ଅନ୍ତର୍ଜାତୀୟ ସମ୍ବାଦଦ ପ୍ରସାରରେ ଦେଖା ଦେଉଥିବା ଅସନ୍ତୁଳନ ବିଷୟରେ କହିପାରିବ
- ନାମ୍ ଗଠନ ପଛରେ ଥିବା କାରଣଗୁଡ଼ିକୁ ବୁଝିପାରିବ
- ଅଣ-ଗଠବନ୍ଧିତ ସମ୍ବାଦ ସରବରାହ ସଂସ୍ଥା ସମୂହର ଗୁରୁତ୍ୱକୁ ବର୍ଣ୍ଣନା କରିପାରିବ।

## ୪.୨: ବିଷୟ ପରିଚୟ

ଅଣ-ଗଠବନ୍ଧିତ ଆନ୍ଦୋଳନ / ନନ୍-ଆଲାଏନ୍‌ଡ୍ ମୁଭ୍‌ମେଣ୍ଟ୍ (ନାମ୍) ତୃତୀୟ ବିଶ୍ୱର ମହତ୍ୱାକାଂକ୍ଷାକୁ ପ୍ରତିନିଧିତ୍ୱ କରିଥିଲା। ଅଣ-ଗଠବନ୍ଧିତ ସମ୍ବାଦ ସରବରାହ ସଂସ୍ଥା ସମୂହ / ନନ୍-ଆଲାଏନ୍‌ଡ୍ ନ୍ୟୁଜ୍ ଏଜେନ୍ସିଜ୍ ପୁଲ୍ (ଏନ୍‌ଏଏନ୍‌ଏପି) ଏକ ନୂତନ ବିଶ୍ୱ ସୂଚନା ଓ ଯୋଗାଯୋଗ ନିର୍ଦ୍ଦେଶନାମା / ନ୍ୟୁ ୱାର୍ଲ୍ଡ୍ ଇନଫର୍ମେସ୍ ଆଣ୍ଡ୍ କମ୍ୟୁନିକେସନ୍ ଅର୍ଡର୍ (ଏନ୍‌ଡବ୍ଲୁଆଇସିଓ)ର

ଆବଶ୍ୟକତାକୁ ପ୍ରତିଫଳିତ କରେ। ଅନ୍ତର୍ଜାତୀୟ ସମ୍ବାଦ ପ୍ରସାରରେ ଦେଖା ଦେଇଥିବା ଅସନ୍ତୁଳନକୁ ସୁଧାରିବା ନିମନ୍ତେ ଏନ୍ଏଏନ୍ଏପି ଗଠନ କରାଯାଇଥିଲା। ତେବେ, ଅସନ୍ତୁଳନ କାଲି ବି ଥିଲା, ଆଜି ମଧ୍ୟ ରହିଛି। ବିକଶିତ ରାଷ୍ଟ୍ରଗୁଡ଼ିକୁ ଏହା ପ୍ରୋତ୍ସାହନ ଦେଇଆସୁଛି। ଏବେ ନିଜର ଅସ୍ତିତ୍ୱ ହରାଇଥିଲେ ବି, ଏନ୍ଏଏନ୍ଏପି ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟଗୁଡ଼ିକ ଗଠିତ ସମୟ ଅପେକ୍ଷା ଆଜିର ସମୟରେ ପ୍ରଯୁଜ୍ୟ ଅଟେ।

## ୪.୩: ଅନ୍ତର୍ଜାତୀୟ ସମ୍ବାଦ ପ୍ରବାହରେ ଅସନ୍ତୁଳନ

ମ୍ୟାକ୍ ବ୍ରାଇଡ୍ କମିଶନ୍ ଏହି ପ୍ରସଙ୍ଗ ଉପରେ ବ୍ୟାପକ ଅଧ୍ୟୟନ କରିଛନ୍ତି, ଯାହା ତାଙ୍କର ବିବରଣୀ 'ପ୍ରୋବ୍ଲେମ୍ସ ଆଣ୍ଡ୍ ଇସୁଜ୍ ଅଫ୍ କମନ୍ କନ୍ସର୍ନ୍'ର ତୃତୀୟ ଭାଗରେ ସ୍ଥାନ ପାଇଛି।

ଗତ ୨୫ ବର୍ଷ ମଧ୍ୟରେ ସୂଚନା ପ୍ରସାର ଧାରାରେ ପରିବର୍ତ୍ତନ ଆସିଛି। ଅଧିକରୁ ଅଧିକ କମ୍ୟୁନିଟି ରେଡିଓ ଷ୍ଟେସନ୍ ଗଢ଼ିଉଠିଲାଣି, ଯେଉଁଠି କାର୍ଯ୍ୟକ୍ରମ ପ୍ରସ୍ତୁତି ଗଣତନ୍ତ୍ରକୁ ବେଶୀ ପ୍ରାଧାନ୍ୟ ଦେଉଛି। ଆଞ୍ଚଳିକ ଭାଷାରେ ସ୍ଥାପିତ ସ୍ଥାନୀୟ ପ୍ରେସ୍ ବ୍ୟାପକ ଭାବରେ ଜିଲ୍ଲା ଓ ଗ୍ରାମାଞ୍ଚଳର ସମ୍ବାଦକୁ ସାମିଲ୍ କରୁଛି। ସୂଚନା ପ୍ରସାର କ୍ଷେତ୍ରରେ ଇଣ୍ଟରନେଟ୍ ସାଜି ପାରିଛି ଏକ ବିକଳ୍ପ ସୂତ୍ର ବା ଉତ୍ସ। ପୁସ୍ତକର ଅନ୍ୟାନ୍ୟ ଅଧ୍ୟାୟରେ କେତୋଟି ବିକଳ୍ପ ସୂତ୍ର ବିଷୟରେ ଆଲୋଚନା କରାଯାଇଛି, କିନ୍ତୁ ସମସ୍ତ ସ୍ଥାନରେ ଦୃଶ୍ୟପଟ ସମାନ ରହିଛି। ୟୁନେସ୍କୋ ତର୍କ-ବିତର୍କ କାର୍ଯ୍ୟକ୍ରମରେ ନ୍ୟୁ ୱାର୍ଲ୍ଡ୍ ଇନଫର୍ମେସନ୍ ଆଣ୍ଡ୍ କମ୍ୟୁନିକେସନ୍ ଅର୍ଡର୍ (ଏନ୍ଡବ୍ଲୁଆଇସିଓ) ପ୍ରସ୍ତାବକୁ ଭିତ୍ତିକରି କେତୋଟି ସମ୍ବାଦ ସରବରାହ ସଂସ୍ଥା ଏବଂ ସମ୍ବାଦ ବିନିମୟ ତନ୍ତ୍ର / ନ୍ୟୁଜ୍ ଏକ୍ସଚେଞ୍ଜ ମେକାନିଜ୍ମ (ଏନ୍ଇଏମ୍ଏସ୍) ବିକାଶମୁଖୀ ରାଷ୍ଟ୍ରଗୁଡ଼ିକଦ୍ୱାରା ଗଠିତ ହେଲା; ଯାହା ମଧ୍ୟରେ ସାମିଲ-ଇଣ୍ଟର୍ ପ୍ରେସ୍ ସର୍ଭିସ୍ (ଆଇଟି'ଏସ୍), ନନ୍-ଆଲାଏନ୍ଡ୍ ନ୍ୟୁଜ୍ ଏଜେନ୍ସିଜ୍ ପୁଲ୍ (ଏନ୍ଏଏନ୍ଏପି), ଦ ପାନ୍-ଆଫ୍ରିକାନ୍ ନ୍ୟୁଜ୍ ଏଜେନ୍ସି (ପିଏଏନ୍ଏ), ଏବଂ ଦ କାରିବିଆନ୍ ନ୍ୟୁଜ୍ ଏଜେନ୍ସି (ସିଏଏନ୍ଏ)। ଆଇଟି'ଏସ୍ ବ୍ୟତୀତ ଅଧିକାଂଶ ସମ୍ବାଦ ବିନିମୟ ତନ୍ତ୍ର ଥିଲା ସରକାରଙ୍କଦ୍ୱାରା ପ୍ରାୟୋଜିତ ଇଣ୍ଟର୍ ଏଜେନ୍ସି ସହଯୋଗୀ ପ୍ରକଳ୍ପ। ୟୁନେସ୍କୋ ତରଫରୁ ବଏଡ୍-ବ୍ୟାରେଟ୍ ଏବଂ ଠୁସୁ (Boyd-Barrett and Thussu)ଏହି ସବୁ ସଂଗଠନ ବାବଦରେ ଅଧ୍ୟୟନ କରିଥିଲେ।

ସେମାନଙ୍କ ଉପସଂହାର ହେଉଛି:

ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଯାଏଁ ଛାଇ ରହିଥିବା ଗଣମାଧ୍ୟମ ସାମ୍ରାଜ୍ୟବାଦର ସ୍ୱରୂପକୁ ପ୍ରଭାବିତ କରିବାରେ ଏନ୍ଇଏମ୍ଏସ୍ ସେତେ ସଫଳ ହୋଇପାରିନି। ସମ୍ବାଦ ବିନିମୟଦ୍ୱାରା ସ୍ଥାନୀୟ, ଏବଂ ଆଞ୍ଚଳିକ କେନ୍ଦ୍ରଗୁଡ଼ିକ ବିଶ୍ୱ ବଜାରକୁ ଆଦୌ ପ୍ରଭାବିତ କରିପାରିନି, ଯାହା ବଡ଼ ବଡ଼ ପାଶ୍ଚାତ୍ୟ ଅନ୍ତର୍ଜାତୀୟ ସମ୍ବାଦ ସରବରାହ ସଂସ୍ଥାଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ ହୋଇଥାଏ। ସିଙ୍ଗାପୁର ସ୍ଥିତ ଦ ଏସିଆନ୍ ମାସ୍ କମ୍ୟୁନିକେସନ୍ ରିସର୍ଚ୍ଚ ଆଣ୍ଡ୍ ଇନଫର୍ମେସନ୍ ସେଣ୍ଟର୍ (ଏଏମ୍ଆଇସି) ୧୯୯୬ ମସିହାରେ 'ଓପନିଂ

ଓ୍ୱିଣ୍ଡୋଜ୍ – ଇସୁଜ୍ ଇନ୍ କମ୍ୟୁନିକେସନ୍' ଶୀର୍ଷକରେ ଏକ ସଂକଳନ ପ୍ରସ୍ତୁତ କରିଥିଲେ, ଯାହା ୧୯୭୪ ମସିହାରୁ ଆରମ୍ଭ ହୋଇଥିବା ଏଏମ୍‌ଆଇସି'ର ତ୍ରୈମାସିକ ପତ୍ରିକା 'ମିଡିଆ ଏସିଆ'ରେ ପ୍ରକାଶ ପାଇଥିବା ବଛା ବଛା ଆବଶ୍ୟକୀୟ ଲେଖାକୁ ସ୍ଥାନ ଦେଇଥିଲା। ଏହି ରୌପ୍ୟ ଜୟନ୍ତୀ ସଙ୍କଳନରେ ବଏଡ୍-ବ୍ୟାରେଟ୍'ଙ୍କର ଏକ ଲେଖା ମଧ୍ୟ ସାମିଲ ଥିଲା, ଯାହାର ଶୀର୍ଷକ ହେଉଛି- 'ନ୍ୟୁ ପର୍ସ୍‌ପେକ୍ଟିଭ୍‌ସ୍, ନ୍ୟୁ ଡିରେକ୍ସନ୍ସ୍'। ଲେଖାଟି ମିଡିଆ ଏସିଆ ପତ୍ରିକାର ଅଷ୍ଟମ ସଂଖ୍ୟାରେ ଚତୁର୍ଥ କ୍ରମରେ ପ୍ରକାଶ ପାଇଥିଲା (୧୯୮୧)। ଏନ୍‌ଡବ୍ଲୁଆଇସିଓ ତର୍କ-ବିତର୍କ କାର୍ଯ୍ୟକ୍ରମ ଯେତେବେଳେ ତତ୍କାଳୀନ ଗଣମାଧ୍ୟମଗୁଡ଼ିକୁ ବହୁଳ ଭାବରେ ପ୍ରଭାବିତ କରିଥିଲା, ପ୍ରବନ୍ଧଟି ସେହି ସମୟରେ ଲେଖା ଯାଇଥିଲା।

ନାନା ବିଚାର-ବିମର୍ଶ ପରେ ଲେଖକ କହନ୍ତି:

ଅନେକ ଦିଗରୁ ବିଚାର କଲେ ଆଜିର ପରିସ୍ଥିତି ସେତେ ଖରାପ ନୁହେଁ। କେତୋଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଅବଶ୍ୟ ଘଟିଛି, କିନ୍ତୁ ସହଜରେ ନେବା ଯେ' ଏହିସବୁ ପରିବର୍ତ୍ତନ ବିଶ୍ୱ ସଂବାଦ ଗଣମାଧ୍ୟମର ଅନ୍ତର୍ନିହିତ ଶକ୍ତି ଓ ପ୍ରଭାବକୁ ଗଭୀର ଭାବରେ ବଦଳାଇ ପାରିଛି... ଦୁଇ ଏଜେନ୍ସି ରଏଟର୍ସ ଟେଲିଭିଜନ ଓ ଏଭିଆଇଭି ଏବେ ପୁରୁଣା "ବିଗ୍ ଫୋର୍" ଛାପା ଏଜେନ୍ସି ସହିତ ଯୋଡ଼ି ହୋଇଛନ୍ତି। ପୁରୁଣା ସଂସ୍ଥା ୟୁପିଆଇଟିଏନ୍ ଏବେ ନୂଆ ରୂପରେ ଡବ୍ଲୁଟିଏନ୍ ନାମରେ କାର୍ଯ୍ୟରତ। ସିଏନ୍‌ଏନ୍ ପରି କେତୋଟି ନବାଗତ ଏଜେନ୍ସି ମଧ୍ୟ ଗଢ଼ି ଉଠିଛି ଏବଂ ୟୁପିଆଇ ପରି କିଛି ପୁରୁଣା ଏଜେନ୍ସି ସେତେ ପ୍ରଭାବଶାଳୀ ରହିନି। ଭିନ୍ନ ଭିନ୍ନ ଏଜେନ୍ସିର ର୍‍ୟାଙ୍କିଙ୍ଗ୍ ପ୍ରକ୍ରିୟାରେ ବି କିଛି ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖିବାକୁ ମିଳିଛି। ୧୯୮୧ ମସିହାରେ ଆର୍ଥିକ ଓ ଆର୍ଥନୀତିକ ସମ୍ବାଦ ସେବା ସହ ଯୋଡ଼ି ହୋଇଥିବା ରଏଟର୍ସ୍ ଆଗକୁ ସେହିପରି ସଫଳ ରହିପାରିବ କି ନାହିଁ, ତା'ର ଭବିଷ୍ୟବାଣୀ କରିବା ଏକ ରକମ ଅସମ୍ଭବ ଥିଲା। ସୋଭିଏତ ରାଷ୍ଟ୍ରସଂଘ ଓ ପ୍ରାଚ୍ୟ କମ୍ୟୁନିଷ୍ଟର ଏତେ ଶୀଘ୍ର ପତନ ଯେ ହେବ, ୧୯୮୧ ମସିହାରେ କେହି ଭବିଷ୍ୟବାଣୀ କରିନଥିଲେ। ଏଜେନ୍ସିର ପ୍ରଭାବକୁ ଜରିଆକରି ବିଶ୍ୱ ବଜାରରେ କେତେକ ଦେଶର ପୁନର୍ବିନ୍ୟାସ ଅନୁଭୂତ ହେଲା, ଏକଦା ଯାହାକୁ "ଦ୍ୱିତୀୟ ବିଶ୍ୱ" ବୋଲି କୁହାଯାଉଥିଲା। ଏହି ସମୟରେ ନୂତନ ଜାତୀୟ ସମ୍ବାଦସରବରାହ ସଂସ୍ଥାଗୁଡ଼ିକର ଅଭ୍ୟୁଦୟ ବି ଦୃଷ୍ଟିଗୋଚର ହେଲା।

ଯେତେ ପରିବର୍ତ୍ତନ ଆସିଲେ ବି, ଏଯାବତ୍ ବିଶ୍ୱ ସମ୍ବାଦ କ୍ଷେତ୍ରରେ ଆଙ୍ଗ୍‌ଲୋ-ଆମେରିକୀୟ ପ୍ରଭାବ ଗଭୀର ଭାବରେ ରହିଛି। ଯଦି କିଛି ହୋଇଛି, ତାହା ହେଲା- ବିଶ୍ୱରେ ଆମେରିକୀୟ ଗଣମାଧ୍ୟମର ପ୍ରଭାବକୁ ଲକ୍ଷ୍ୟକରି କିଛି ବିକଳ୍ପ ସମ୍ବାଦ ସୂତ୍ର ତଥା ସମ୍ବାଦ ସରବରାହ ସଂସ୍ଥାର ସଂଖ୍ୟା ବଢ଼ିଛି, ଯାହାକୁ ଆମେରିକା ସହ୍ୟ କରିନି। ସମାନ ପ୍ରକାଶନରେ, ବେଲା ମୋଡି (Bella Mody), ଯୋଗାଯୋଗ କ୍ଷେତ୍ରରେ କାର୍ଯ୍ୟରତ ଜଣେ ପ୍ରଖ୍ୟାତ ଗବେଷକ, ସେ ମତ ଦିଅନ୍ତି ଯେ- ଆର୍ଥିକ ଓ ବୈଷୟିକ ବିକାଶ ଦୃଷ୍ଟିରୁ ଦୁର୍ବଳ ଥିବାରୁ ତୃତୀୟ ବିଶ୍ୱ ରାଷ୍ଟ୍ରଗୁଡ଼ିକ ନିମନ୍ତେ ବୈଷୟିକ ବିକଳ୍ପ ସୀମିତ ରହିଥାଏ। ଯୋଗାଯୋଗ ପ୍ରକଳ୍ପ କ୍ଷେତ୍ରରେ ଉପୁଜି ଥିବା ଅର୍ଥ ଯୋଗାଣ ଜନିତ ସମସ୍ୟାଗୁଡ଼ିକୁ ଦର୍ଶାଇ ମୋଡି କୁହନ୍ତି, "ଦ୍ୱି-ପାକ୍ଷିକ ହେବା ସହିତ ଯୁକ୍ତରାଷ୍ଟ୍ର ଆମେରିକା ତରଫରୁ ୟୁନେସ୍କୋ ଆଇପିଡିସି ପରିଷଦ

(ଏକ ସଂଗଠନ ଯାହାର ପ୍ରସ୍ତାବ ଯୁକ୍ତରାଷ୍ଟ୍ର ଆମେରିକାଦ୍ୱାରା ଦିଆଯାଇଥିଲା)କୁ କମ୍ ପରିମାଣର ଆର୍ଥିକ ସହାୟତା ମିଳେ, ଯାହା ଫଳରେ ପରିଷଦ ଅନ୍ୟାନ୍ୟ ଆଗ୍ରହୀ ଦାତାଙ୍କର ଅନୁଦାନ ଆବଶ୍ୟକ କରିଥିଲା। ତେବେ, ପ୍ରକୃତରେ କହିବାକୁ ଗଲେ ସେତେବେଳେ ଯିଏ ଦାତା ରହିଥିଲେ (ବର୍ତ୍ତମାନ ନିବୃତ୍ତ), ଅଧିକାଂଶ ବିକାଶମୁଖୀ ରାଷ୍ଟ୍ରଗୁଡ଼ିକୁ ବହୁ ପରିମାଣର ଅର୍ଥ ସହାୟତା ପ୍ରଦାନ କରୁଥିଲେ। ନିଜର ଅନ୍ତର୍ଜାତୀୟ ସଂଗଠନ ଜରିଆରେ ପୁରାତନ ଔପନିବେଶିକ ଶକ୍ତିକୁ ପ୍ରୋତ୍ସାହନ ଯୋଗାଇଥିଲେ, ଯାହା ତାଙ୍କର ଉପନିବେଶ ଗଢ଼ିଉଠିଥିବା ଦେଶଗୁଡ଼ିକୁ ବେଶ୍ ପ୍ରଭାବିତ କରିଥିଲା। ଗଣମାଧ୍ୟମ ସାମ୍ରାଜ୍ୟବାଦ ଆଜି ପର୍ଯ୍ୟନ୍ତ ସାରାବିଶ୍ୱରେ ସକ୍ରିୟ ଅଛି, କାରଣଟି ହେଉଛି- ତାହାର ଉଚ୍ଚ ଦେୟଯୁକ୍ତ ପ୍ରସାରଣ ସେବା। ପାଶ୍ଚାତ୍ୟ ବଜାରକୁ ବିଜ୍ଞାପନ ଜନିତ ଅର୍ଥରାଶି ଅଧିକ ମିଳିଥାଏ, ଯାହା ଫଳରେ ନିଜର କାର୍ଯ୍ୟକ୍ରମ ଓ ଫିଲ୍ମକୁ ସେମାନେ ବିକାଶମୁଖୀ ରାଷ୍ଟ୍ରଗୁଡ଼ିକରେ ପ୍ରସାରିତ କରିପାରନ୍ତି।

## ୪.୪: ସୂଚନା ଓ ଯୋଗାଯୋଗ କ୍ଷେତ୍ରରେ ନୂତନ ବୈଷୟିକ କୌଶଳ

ବହୁମାଧ୍ୟମ, ସାଟେଲାଇଟ୍ ଯୋଗାଯୋଗ, ଇଣ୍ଟରନେଟ୍ ଓ ତାହାର ସାମାଜିକ ପ୍ରଭାବ

୧୯୬୦ ଦଶକଠାରୁ ସୂଚନା ବିପ୍ଳବ ଏକ ଗୁଣୁଗୁଣୁ ହେଉଥିବା ଶବ୍ଦ ରହି ଆସିଛି। ବିଶ୍ୱ ସତେ ଯେମିତି ଦ୍ରୁତ ଗତିରେ ଏକ ଅପୂର୍ବ ଥାର୍ଡ୍ ୱେଭ୍-ଫାର୍ଷ୍ଟ୍ ଫରୱାର୍ଡ୍ ସଂଚାରକୁ ଅନୁଭବ କରୁଛି। ସୂଚନା ଏକ କେନ୍ଦ୍ରୀୟ ଏବଂ ସବୁଠାରୁ ମହତ୍ୱପୂର୍ଣ୍ଣ ଦ୍ରବ୍ୟ ରୂପରେ ବିବେଚିତ ହେବା ହେଉଛି ସୂଚନା ବିପ୍ଳବର ବିଶେଷ ଗୁଣ। ସୂଚନା ବିପ୍ଳବର ଶାଖା ବି ଖୁବ୍ ମଜାଦାର୍ ଅଟେ- ଗୋଟିଏ ପଟେ ସମାଜକୁ ସୂଚନା ଯୋଗାଇବା ଏବଂ ଅନ୍ୟ ପଟେ ସୂଚନାକୁ ଜିନିଷ ପରି ବ୍ୟବହାର କରିବା। ସୂଚନା ବିପ୍ଳବର ମହତ୍ୱକୁ କେତୋଟି ସୂଚନା-ସମ୍ବନ୍ଧୀୟ ଶବ୍ଦ(ଯାହା ସୂଚନାରୁ ଉତ୍ପନ୍ନ ହୋଇଛି)ଦ୍ୱାରା ସୂଚିତ ବା ରେଖାଙ୍କିତ କରାଯାଏ; ଯେମିତି କି- ସୂଚନା ସମାଜ, ସୂଚନାର ବୈଷୟିକ କୌଶଳ, ସୂଚନା ବିଜ୍ଞାନ, ସୂଚନା ଶିଳ୍ପ, ସୂଚନାର ମାପକ ଇତ୍ୟାଦି। ଆର୍ଥନୀତିକ ବିକାଶ ନିମନ୍ତେ ସୂଚନା ଏକ ମୁଖ୍ୟସ୍ରୋତ ହୋଇପାରିଛି। ସାକ୍ଷରତା, ଶିକ୍ଷା ଓ ସାମାଜିକ ଉନ୍ନତି ନିମନ୍ତେ ସୂଚନା ହୋଇଛି ଏକ ପ୍ରମୁଖ ସାଧନ। ଗତ ୫ ବର୍ଷରୁ ଅଧିକ ସମୟ ମଧ୍ୟରେ ସୂଚନାକୁ ଜରିଆକରି ଅସଂଖ୍ୟ ଲେଖା ପ୍ରକାଶ ପାଇଛି, ଯାହାକୁ ଗଣମାଧ୍ୟମରେ ଇନଫର୍ମେସନ୍ ଏକ୍ସପ୍ଲୋଜନ୍ ବା ତଥ୍ୟ ବିସ୍ଫୋରଣ କୁହାଯାଏ। ସୂଚନାର ବୈଷୟିକ ବିକାଶ ସହ ସମ୍ପର୍କିତ ବହୁମାଧ୍ୟମ ବିପ୍ଳବ ବା ମଲ୍ଟିମିଡିଆ ରିଭଲ୍ୟୁସନ୍ ଏବଂ ସୂଚିତ ଉତ୍କୃଷ୍ଟ ରାଜପଥ (ଇନଫର୍ମେସନ୍ ସୁପର୍ ହାଇୱେ) ଭଳି ପରିକଳ୍ପନା।

## ୪.୫: ସୂଚନା ସମାଜ

ସୂଚନା ସମାଜର ପରିକଳ୍ପନା ଜାପାନରୁ ଆରମ୍ଭ, ଏହି ପରିପ୍ରେକ୍ଷୀରେ ୧୯୬୦ ଦଶକର ମଧ୍ୟ ଭାଗରେ 'ଜୋହୋକାସାକାଇ' ଶବ୍ଦର ପ୍ରଚଳନ ପାଇଁ ଜାପାନୀମାନଙ୍କୁ ଶ୍ରେୟ ଦିଆଯିବା ଉଚିତ୍। ସରଳ ଭାଷାରେ 'ଜୋହୋକାସାକାଇ (Jōhōkashakai)'ର ଅର୍ଥ ହେଉଛି ସୂଚନା ସମାଜ, ଯେଉଁଠି ଅଧିକାଂଶ

କର୍ମଚାରୀଙ୍କର ପ୍ରାଥମିକ କାର୍ଯ୍ୟ ହେଉଛି- ସୂଚନାର ପ୍ରସ୍ତୁତି, ପ୍ରକ୍ରିୟାକରଣ ଓ ବିତରଣ। ସୂଚନା ସମାଜରେ ସୂଚନା ହେଉଛି ମୂଳ ସାଧନ ଏବଂ ସୂଚନା ଶ୍ରମିକ ହେଉଛନ୍ତି ବିଭିନ୍ନ ପ୍ରମୁଖ ବିଭାଗରେ କାର୍ଯ୍ୟରତ କର୍ମଚାରୀ। ସାମାଜିକ ବିଜ୍ଞାନୀ ସୂଚନା ସମାଜକୁ ବୈଷୟିକ ପରିବର୍ତ୍ତନର ଏକ ପ୍ରକ୍ରିୟା ବୋଲି ମନେକରନ୍ତି। ପରବର୍ତ୍ତୀ ସମୟରେ କର୍ମଚାରୀଙ୍କ ଆକାର ତଥା ସଂରଚନାକୁ ଲକ୍ଷ୍ୟ କରି ଏହାର ସଂଜ୍ଞା ନିରୂପିତ ହୋଇଛି। ସୂଚନା ସମାଜରେ ଅଧିକାଂଶ କର୍ମଚାରୀ ସୂଚନାଗତ ଦ୍ରବ୍ୟ ଓ ସେବାର ପ୍ରସ୍ତୁତି, ପ୍ରକ୍ରିୟାକରଣ, ପ୍ରସାର ଏବଂ ବିତରଣରେ ନିୟୋଜିତ ହୋଇଥାନ୍ତି। କଂପ୍ୟୁଟରଯୁକ୍ତ ସୂଚନା ବ୍ୟବସ୍ଥା ତଥା ଏହାର ପ୍ରଗତି ଓ ବିକାଶ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି, ଯାହାକୁ ଜରିଆକରି ଶିଳ୍ପଭିତ୍ତିକ ରାଷ୍ଟ୍ରଗୁଡ଼ିକ ଉନ୍ନତିର ଚରମ ସୋପାନରେ ପହଞ୍ଚି ପାରିଛନ୍ତି। କେତେଜଣ ଏହାକୁ ସୂଚନା ସମାଜର ଶିଳ୍ପାୟନ ପରବର୍ତ୍ତୀ ଯୁଗ ବୋଲି ବିଚାର କରନ୍ତି। ଡାନିଏଲ୍ ବେଲ୍ (Daniel Bell) ମଧ୍ୟ ସୂଚନାର କେନ୍ଦ୍ରୀକରଣ ଉପରେ ଜୋର୍ ଦେଇଛନ୍ତି। ଶିଳ୍ପାୟନ ପରବର୍ତ୍ତୀ ସମାଜରେ, ଜିନିଷପତ୍ରର ପ୍ରସ୍ତୁତି ଅପେକ୍ଷା ସୂଚନାର ପ୍ରକ୍ରିୟାକରଣ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ସୂଚନାର ମହତ୍ୱକୁ ଲୋକମାନେ ଢେର୍ ବୁଝିପାରିଛନ୍ତି। ଏହା ସହିତ ବୈଦ୍ୟୁତିକ ରୂପରେ ମହଜୁଦ ଥିବା ବିପୁଳ ସୂଚନା ସାଧନ ମଧ୍ୟରେ କାହାକୁ ପ୍ରକୃତରେ ବାଛିବେ, ସେ ନେଇ ସୂଚନା ବିଶେଷଜ୍ଞଙ୍କ ଆବଶ୍ୟକତା ବହୁଳ ଭାବରେ ଅନୁଭୂତ ହୋଇଛି, ଯିଏ ସୂଚନା କ୍ଷେତ୍ରରେ ଯଥାର୍ଥ ମାର୍ଗ ଦର୍ଶକ ହୋଇପାରିବେ। ସତରେ, ଆଜି ସୂଚନା ହୋଇପାରିଛି ଏକ ସାର୍ବଭୌମିକ ଧାରା। ସୂଚନା କେବଳ ଏକ ଦ୍ରବ୍ୟ ରୂପରେ ବିବେଚିତ ହେଉ ନାହିଁ, ବରଂ ଏକ ସାଂସ୍କୃତିକ ଏବଂ ସାମାଜିକ ସାଧନ ଭାବରେ ମୁଣ୍ଡ ଟେକିଛି। ସମସାମୟିକ ସମାଜ ଏମିତି ଏକ ସ୍ଥାନରେ ପହଞ୍ଚି ପାରିଛି, ଯେଉଁଠି ସୂଚନା ଓ ସମ୍ପଦ ବାସ୍ତବରେ ଏକ ଓ ଅଭିନ୍ନ, ଲୋକସେବା ହେବା ବଦଳରେ ସୂଚନା ଏକ ଦ୍ରବ୍ୟ ରୂପରେ ପରିଗଣିତ ହେଉଛି। ସୂଚନା ସମାଜ ହେଉଛି ଏମିତି ଏକ ସମାଜ ଯାହାର ଗୁଣାବଳୀ ମଧ୍ୟରେ ସାମିଲ- ଉଭୟ ଭଣ୍ଡାର ଓ ପ୍ରବାହ ବାବଦରେ ବିପୁଳ ସୂଚନା, ସେଗୁଡିକର ଶୀଘ୍ର ଓ ଫଳପ୍ରଦ ବିତରଣ ଏବଂ ସମାଜର ସମସ୍ତ ସଦସ୍ୟ ଯେପରି ସହଜରେ ଓ ବିନାଖର୍ଚ୍ଚରେ ସୂଚନା ପାଇପାରୁଥିବେ। ସମୟର ସୋପାନରେ ଜାପାନ ଡାକ ଓ ଟେଲିଯୋଗାଯୋଗ ମନ୍ତ୍ରାଳୟ (୧୯୮୫) ସୂଚନାର କେତୋଟି ପ୍ରମୁଖ ବିଶେଷତାକୁ ସୂଚାଇ ଦେଇଛି। ସେଗୁଡ଼ିକ ହେଲା-

(କ) ସୂଚନାର ସାର୍ବଭୌମିକ ଆବଶ୍ୟକତା ଏବେ ଅଧିକରୁ ଅଧିକ କୃତ୍ରିମ ଓ ବିବିଧ ହେବାରେ ଲାଗିଛି,

(ଖ) ନୂତନ ଯୋଗାଯୋଗ ମାଧ୍ୟମ କିଛି ସୀମା କ୍ଷେତ୍ରକୁ ପାରମ୍ପରିକ ଯୋଗାଯୋଗ ମାଧ୍ୟମର ଅଂଶ ବନାଇଛି; ଯେମିତି କି- ମେଲ୍, ଟେଲି କମ୍ୟୁନିକେସନ୍ ଓ ବ୍ରଡ୍‌କାଷ୍ଟିଂ, ଏବଂ

(ଗ) ନେଟ୍‌ୱାର୍କ (ବି.ଦ୍ର. ଡାଟା କମ୍ୟୁନିକେସନ୍) ଏବେ ବିସ୍ତାର ରୂପରେ ପ୍ରସ୍ତୁତ ହେଉଛି।

ଦ ନ୍ୟାସନାଲ୍ ଇନଫର୍ମେସନ୍ ଟେକ୍‌ନୋଲୋଜି ପ୍ଲାନ୍ ଫର୍ ସିଙ୍ଗାପୁର୍ ମତରେ- ସୂଚନା ପ୍ରାଦ୍ୟୋଗିକତା (ଇନ୍‌ଫର୍ମେସନ୍ ଟେକ୍‌ନୋଲୋଜି) ହେଉଛି ସୂଚନାର ସମସ୍ତ ଦିଗ ଯଥା- ସଂଗ୍ରହ, ପ୍ରକ୍ରିୟାକରଣ,

ଷ୍ଟୋରେଜ୍, ପ୍ୟାକେଜ୍ ଓ ପ୍ରସାରରେ କଂପ୍ୟୁଟର, ଟେଲି କମ୍ୟୁନିକେସନ୍ ଓ ଅଫିସ୍ ବ୍ୟବସ୍ଥାକୁ ବ୍ୟବହାର କରିବା। ସେଥିପାଇଁ ଇନଫର୍ମେସନ୍ ଟେକ୍ନୋଲୋଜି ସିଙ୍ଗାପୁରର ଆର୍ଥନତିକ ବିକାଶ ଯୋଜନାରେ ଏକ ଅବିଭାଜ୍ୟ ଅଂଶ ହୋଇପାରିଛି। ଏହି ପରିପ୍ରେକ୍ଷୀରେ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଦ୍ୱୈତ ଭୂମିକା ମଧ୍ୟ ନିଭାଇଛି। ଗୋଟିଏ ପଟେ ଏହା ହେଉଛି ଆଇଟି ସମ୍ବନ୍ଧୀୟ ଉତ୍ପାଦ ଓ ସେବା ଯୋଗାଉଥିବା ଏକ ହାଇ-ଟେକ୍ ଶିଳ୍ପ ଏବଂ ଅନ୍ୟ ପଟେ ସମାଜର ସମସ୍ତ କ୍ଷେତ୍ରରେ ଉତ୍ପାଦନ ଓ ପ୍ରତିଯୋଗିତା ବଢ଼ାଇବା ଦିଗରେ ଏହା ଏକ ସାଧନ ହୋଇପାରିଛି।

## ୪.୬: ଆଲଭିନ୍ ଟଫଲର୍ (Alvin Toffler) ଏବଂ ଥାର୍ଡ୍ ୱେଭ୍ ମାଧ୍ୟମ

ଯୋଗାଯୋଗ ଯୁଗର ଗୁରୁ ବୋଲାଉଥିବା ଆଲଭିନ୍ ଟଫଲର୍ ମନେକରନ୍ତି- ସମସାମୟିକ ସାମାଜିକ ପରିବର୍ତ୍ତନ ଓ ବୈଷୟିକ ବିକାଶ ଏକ ଦ୍ରୁତଗାମୀ ବିପ୍ଳବର ସୂତ୍ରପାତ କରୁଛି। ଟଫଲର୍ ଏହାର ନାମ ଦେଇଛନ୍ତି 'ଥାର୍ଡ୍ ୱେଭ୍', ଯାହା ଆମ ଚାରି ପାଖରେ ଏକ ନୂତନ ସଭ୍ୟତା ସୃଷ୍ଟି କରିଛି। କୃଷି ପର୍ଯ୍ୟାୟକୁ ଫାର୍ଷ୍ଟ ୱେଭ୍, ଶିଳ୍ପ ପର୍ଯ୍ୟାୟକୁ ସେକେଣ୍ଡ୍ ୱେଭ୍ ରୂପରେ ପ୍ରକାଶ କରିବା ପରେ ଟଫଲର୍ ଅନୁଭବ କଲେ ଏମିତି କିଛି ବିସ୍ଫୋଟକ ପରିବର୍ତ୍ତନ ଆସିଛି ଯାହା ବ୍ୟକ୍ତିଗତ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି, ସାମାଜିକତା ଖଣ୍ଡବିଖଣ୍ଡିତ ହେବାରେ ଲାଗିଛି ଆଉ ଜୀବନକୁ ମିଳିଛି ଏକ ଅସାମାନ୍ୟ ନୂଆ ଦିଗ, ଯାହା ସାରାବିଶ୍ୱରେ କାୟା ବଢ଼ାଇଚାଲିଛି। ଏପରି ଏକ ବୈପ୍ଳବିକ ପରିବର୍ତ୍ତନକୁ ଟଫଲର୍ ତୃତୀୟ ପ୍ରବାହ ବା 'ଥାର୍ଡ୍ ୱେଭ୍' ବୋଲି କହିଥିଲେ, ଯାହା ନୂଆ ଶୈଳୀ, ନୂଆ ମୂଲ୍ୟବୋଧ ଓ ବୈଷୟିକ ବିକାଶ, ଯୋଗାଯୋଗର ନୂଆ ସାଧନ, ନୂଆ ବିଚାର ଏବଂ ପରିକଳ୍ପନା ଭଳି ବିଶ୍ୱବ୍ୟାପୀ ନୂତନତ୍ୱକୁ ପରିପ୍ରକାଶ କରିଥିଲା।

## ୪.୭: ସୂଚନା ଓ ଯୋଗାଯୋଗ କ୍ଷେତ୍ରରେ ନୂତନ ବୈଷୟିକ କୌଶଳ

ଇଂରାଜୀ ଶବ୍ଦ ନ୍ୟୁ ମିଡିଆ ବର୍ତ୍ତମାନ ସାଧାରଣତଃ ନ୍ୟୁ ଇନ୍‌ଫର୍ମେସନ୍ ଆଣ୍ଡ୍ କମ୍ୟୁନିକେସନ୍ ଟେକ୍ନୋଲୋଜିସ୍ (ଏନ୍‌ଆଇସିଟି) ଭାବରେ ବର୍ଗୀକୃତ ହୋଇଛି। ନିଜର ବିବରଣୀ, 'ନ୍ୟୁ ଇନ୍‌ଫର୍ମେସନ୍/କମ୍ୟୁନିକେସନ୍ ଟେକ୍ନୋଲୋଜିସ୍: ଦେୟାର୍ ରୋଲ୍ ଇନ୍ ଏଜୁକେସନ୍' ଶୀର୍ଷକରେ କିରନ୍ କାର୍ଣ୍ଣିକ୍ (Kiran Karnik) ଫଟୋକପିଙ୍ଗ୍, ଭିଡିଓ ରେକର୍ଡିଙ୍ଗ୍, ପ୍ରତିଲିପି, ବ୍ୟକ୍ତିଗତ କଂପ୍ୟୁଟର, ଇ-ମେଲ୍ ଓ କଂପ୍ୟୁଟର ନେଟ୍‌ୱାର୍କ୍, ସାଟେଲାଇଟ୍, ଟେଲି କମ୍ୟୁନିକେସନ୍ (ମୋବାଇଲ୍ କମ୍ୟୁନିକେସନ୍, ସାଟେଲାଇଟ୍ ବ୍ରଡ୍‌କାଷ୍ଟିଂ ଏବଂ ସାଟେଲାଇଟ୍ ପ୍ରସାରଣ ନିମନ୍ତେ ବ୍ୟବହୃତ ଉପକରଣ ତଥା ଏନ୍‌ଆଇସିଟି) ପରି ବିଷୟକୁ ସାମିଲ କରିଛନ୍ତି।

ଏଗୁଡ଼ିକ ମଧ୍ୟରୁ ଫଟୋକପିଙ୍ଗ୍ ଦୀର୍ଘ ବର୍ଷ ହେଲାଣି ବ୍ୟବହୃତ ହୋଇ ଆସୁଛି, ତେବେ ଏଥିରେ ନୂତନତ୍ୱ ହେଉଛି ଏହାର ବେଗ, ପହଂଚ ଓ ଉପଭୋକ୍ତାଙ୍କ ନିମନ୍ତେ ଉପଲବ୍ଧ ସୁବିଧା। ଯାହା ବି ହେଉ, ଯୋଗାଯୋଗର ବୈଷୟିକ ବିକାଶ ସହିତ 'ନୂତନତ୍ୱ'ର ପରିକଳ୍ପନା ଅନେକ ସମୟରେ ବିବାଦକୁ ଦର୍ଶାଇଛି। ଏହା ପଛରେ କାରଣଟି ହେଲା, ପରିବର୍ତ୍ତନ ଏତେ ବେଶୀ ଦେଖିବାକୁ ମିଳୁଛି ଯେ; ଆଜି ଯାହା

ନୂଆ ଲାଗୁଛି ଆଗାମୀ ଦିନରେ ତାହା ପୁରୁଣା ବୋଲାଉଛି, ଯୋଗାଯୋଗ ଶିଳ୍ପରେ ଦେଖା ଦେଉଥିବା ତୀବ୍ର ପରିବର୍ତ୍ତନ ଏଥିପାଇଁ ଦାୟୀ। ଏହା ମଧ୍ୟ ସ୍ପଷ୍ଟ ରୂପରେ ଦୃଶ୍ୟମାନ ଯେ' କମ୍ୟୁନିକେସନ୍ ଟେକ୍‌ନୋଲୋଜି କ୍ଷେତ୍ରରେ କାର୍ଯ୍ୟରତ ଅଧିକରୁ ଅଧିକ ଲେଖକ ବର୍ତ୍ତମାନ 'ଇନ୍‌ଫର୍ମେସନ୍ ଆଣ୍ଡ କମ୍ୟୁନିକେସନ୍ ଟେକ୍‌ନୋଲୋଜି' ଅଥବା 'ନ୍ୟୁ ଇନ୍‌ଫର୍ମେସନ୍ / କମ୍ୟୁନିକେସନ୍ ଟେକ୍‌ନୋଲୋଜିସ୍' ଶବ୍ଦକୁ ଅଦଳ-ବଦଳ କରି ବ୍ୟବହାର କରୁଛନ୍ତି। ବୈଷୟିକ କୌଶଳକୁ ଦର୍ଶାଉଥିବା ଦୁଇଟି ଶବ୍ଦ ଏପରି ଭାବରେ ସମ୍ମିଳିତ ହୋଇଛନ୍ତି ଯେ' ଦୁହିଁଙ୍କ ମଧ୍ୟରେ ଫରକ ଖୋଜିବା କାଠିକର ପାଠ। ଦୁହେଁ ଅଲଗା ହୋଇ ବିଭିନ୍ନ ପ୍ରକାର ସେବା ଯୋଗାଇ ଚାଲିଛନ୍ତି, କିନ୍ତୁ ଦୁହିଁଙ୍କ ମଧ୍ୟରେ ପରସ୍ପର ସହିତ ସାମଞ୍ଜସ୍ୟ ରଖୁଥିବା କିଛି କମନ୍ ବା ସାଧାରଣ ଗୁଣ ବି ରହିଛି। ସେମାନେ ଦ୍ରୁତ, ସଠିକ ଓ ଦକ୍ଷତାର ସହିତ ସୂଚନା ପ୍ରସାରଣ କରିବାରେ ଲାଗି ପଡ଼ିଛନ୍ତି।

## ୪.୮: ମଲ୍ଟିମିଡିଆ

ଆଜି ଲାଗୁଛି, ବହୁମୁଖୀ ମାଧମ ବା ମଲ୍ଟିମିଡିଆ ସତେ ଯେମିତି ସାରାବିଶ୍ୱକୁ ବିସ୍ତାରିତ କରୁଛି। ବୈଷୟିକ ବିଶେଷଜ୍ଞ, ଯୋଜନା ବିଶାରଦ ଏବଂ ନୀତି-ପ୍ରଣେତା ଅତ୍ୟନ୍ତ ଖୁସି ଏବଂ ଉତ୍ସାହର ସହିତ ଆଗତ ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ କଥା ହେଉଛନ୍ତି- ହଁ, ଏ ହେଉଛି ଏକବିଂଶ ଶତାବ୍ଦୀରେ ଦେଖିବାକୁ ମିଳିଥିବା ଆମ ସ୍ୱପ୍ନର ବିଶ୍ୱ, ଯାହା ବହୁମୁଖୀ ମାଧ୍ୟମର ପ୍ରୟୋଗ ସହିତ ସଫଳତା ପଥରେ ଆଗେଇ ଚାଲିଛି। ବହୁମୁଖୀ ମାଧ୍ୟମର ଅର୍ଥ ହେଲା- ଏକ ବିସ୍ତୃତ ବିଶ୍ୱ ନେଟ୍‌ୱାର୍କ ମଧ୍ୟରେ କଂପ୍ୟୁଟର, ଟେଲିଭିଜନ ସେଟ୍ ଓ ଟେଲିଫୋନ୍'ର ସଂଯୋଗ।

ଇଲେକ୍‌ଟ୍ରୋନିକ୍ ଦୁନିଆକୁ ଇନ୍‌ଫର୍ମେସନ୍ ହାଇୱେ ବା ସୂଚନା ରାଜପଥ କୁହାଯାଉଛି, କାରଣ ଡିଜିଟାଲ୍ ରୂପରେ ଏହାର କ୍ଷେତ୍ର ବେଶ୍ ବ୍ୟାପକ, ସାରା ବିଶ୍ୱକୁ ସୂଚନା ଯୋଗାଇବାରେ ଏହାର ଦକ୍ଷତା ଅତୁଳନୀୟ। ଷ୍ଟକ୍ ବଜାର ସୂଚନା, ପତ୍ରପତ୍ରିକା, ସପିଙ୍ଗ୍ କ୍ୟାଟାଲଗ୍, ପାଠାଗାର ଆଦି ଏବେ ଡିଜିଟାଲ୍ ରୂପରେ ଇଂଟରନେଟ୍‌ରେ ଉପଲବ୍ଧ। କଂପ୍ୟୁଟର୍ ନେଟ୍‌ୱାର୍କ ପ୍ରୟୋଗରେ ଏହି ଅସୀମ ବିଶ୍ୱବ୍ୟାପୀ ୱେବ୍ ସେବା ସମସ୍ତଙ୍କୁ ଉପକୃତ କରିପାରିଛି। କନ୍‌ସଲ୍ଟିଂ ଏଜେନ୍ସି ବା ପରାମର୍ଶ କେନ୍ଦ୍ର ବୁଜ୍-ଆଲେନ୍ ଓ ହାମିଲ୍‌ଟନ୍, ଜର୍ମାନ ସ୍ଥିତ ବୁନ୍ଦେଷ୍ଟାଗ୍‌ରେ ବୈଷୟିକ ବିକାଶକୁ ଲକ୍ଷ୍ୟକରି ଏକ ବିବରଣୀ ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ- ମଲ୍ଟିମିଡିଆ ବା ବହୁମାଧ୍ୟମ ହେଉଛି ଏକ ସାଧାରଣ ଶବ୍ଦ ଯାହା ଅସାଧାରଣ ରୂପରେ କଂପ୍ୟୁଟର, ଟେଲି କମ୍ୟୁନିକେସନ୍ ଓ ଗଣମାଧ୍ୟମ କ୍ଷେତ୍ରକୁ ଭିନ୍ନ ଭିନ୍ନ ନୂତନ ଉତ୍ପାଦ ବ୍ୟାପକ ଭାବରେ ଯୋଗାଇ ଚାଲିଛି।

ଏହି ରିପୋର୍ଟ ମତରେ ବହୁମାଧ୍ୟମର ମୌଳିକ ଗୁଣ ହେଉଛି ସମ୍ବାଦମୂଳକ ଉପଯୋଗ, ଭିନ୍ନ ଭିନ୍ନ ଗଣମାଧ୍ୟମ ପ୍ରକାର ମଧ୍ୟରେ ସମନ୍ୱୟ ଏବଂ ଡିଜିଟାଲ୍ ଟେକ୍‌ନୋଲୋଜି। ସମ୍ବାଦମୂଳକ ଉପଯୋଗର ଅର୍ଥ - ବ୍ୟବହାରକାରୀ କେବଳ ପ୍ରାପକ ବା ଗ୍ରହୀତା ନୁହଁନ୍ତି, ବରଂ ଉପଯୁକ୍ତ ବ୍ୟବସ୍ଥାକୁ ବ୍ୟବହାରକରି ସେ ନିଜର କାର୍ଯ୍ୟ ବାବଦରେ ସୂଚନା ବା ପ୍ରତିକ୍ରିୟା ପାଇପାରନ୍ତି; ତଦନୁଯାୟୀ ନିଜର

କାର୍ଯ୍ୟକୁ ସେ ବଦଳାଇ ପାରିବେ। ଭିନ୍ନ ଭିନ୍ନ ଗଣମାଧ୍ୟମ ପ୍ରକାର ମଧ୍ୟରେ ସମନ୍ୱୟର ଅର୍ଥ ହେଲା- ଦୃଶ୍ୟ ଓ ଶବ୍ଦକୁ ଲେଖା ଓ ତଥ୍ୟ ସହିତ ମିଳାଇ ହେବ। ଡିଜିଟାଲ୍ ଟେକ୍‌ନୋଲୋଜିକୁ ଉଭୟ ତଥ୍ୟର ସଂଚୟ (ଷ୍ଟୋରେଜ୍) ଓ ପରବର୍ତ୍ତୀ ପ୍ରକ୍ରିୟାକରଣ (ପ୍ରୋସେସିଂ) ନିମନ୍ତେ ବ୍ୟବହାର କରାଯାଇପାରେ।

ଏସୀୟ ଏବଂ ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ରଗୁଡ଼ିକରେ ବହୁମୁଖୀ ମାଧ୍ୟମର ଏକ ସାଧାରଣ ଉପକାରିତା ହେଉଛି- ପାହାଡ଼ିଆ ଓ ଜଟିଳ ସ୍ଥଳଘେରା ଅଞ୍ଚଳରେ ମଧ୍ୟ ବହୁମୁଖୀ ମାଧ୍ୟମ ବହୁଳ ଭାବରେ ବ୍ୟବହୃତ ହୋଇପାରେ। ଅଧିକନ୍ତୁ, ବହୁମାଧ୍ୟମ ସମାଜରେ ଜଣେ ଗ୍ରାହକ ସମାନ ସମୟରେ ପ୍ରେରକ ମଧ୍ୟ ହୋଇପାରନ୍ତି; ଯେତେବେଳେ କି ଟିଭି, ରେଡିଓ ବା ପୁସ୍ତକ ପରି ପାରମ୍ପରିକ ଗଣମାଧ୍ୟମ କେବଳ ଗୋଟିଏ ବାଟରେ ହିଁ ସୂଚନା ଯୋଗାନ୍ତି (ପ୍ରେରକଙ୍କ ତରଫରୁ ଗ୍ରାହକଙ୍କୁ)। ତେବେ, ଏଠାରେ ଉଲ୍ଲେଖଯୋଗ୍ୟ ଯେ- ବହୁମୁଖୀ ମାଧ୍ୟମର ଆଧାରଗତ ସଂରଚନା ନିମନ୍ତେ ବିପୁଳ ପରିମାଣର ଅର୍ଥରାଶି ଦରକାର ହୁଏ, ଯାହା ବହୁମୁଖୀ ମାଧ୍ୟମର ବ୍ୟବହାର ତଥା ପ୍ରୟୋଗ ନିମନ୍ତେ ଆବଶ୍ୟକ ଓ ଏହି ବ୍ୟବସ୍ଥାକୁ ବଜାୟ ରଖିବା ନିମନ୍ତେ ବି ପ୍ରଚୁର ପରିମାଣର ସମାନ ଏନର୍ଜି ବା ଶକ୍ତି ଆବଶ୍ୟକ ହୋଇଥାଏ।

## ୪.୯: କେବୁଲ୍ ଟେଲିଭିଜନ୍

ସାଟେଲାଇଟ୍ ଟେକ୍ନାଲୋଜି ପରି କେବଲ ଟେଲିଭିଜନର ବିକାଶକୁ ମଧ୍ୟ 'ଅଧିକ ବିବିଧ ବିଷୟବସ୍ତୁର ପ୍ରଶ୍ନର ଉ ର' ଭାବରେ ଘୋଷଣା କରାଯାଏ । ଭିନ୍ନ ଭିନ୍ନ ଅଗଣିତ ଉପଭୋକ୍ତାଙ୍କ ପସନ୍ଦକୁ ଦୃଷ୍ଟିରେ ରଖି କେବଲ୍ ଟେଲିଭିଜନ୍ ଅସଂଖ୍ୟ ଚ୍ୟାନେଲ୍, ଉପଭୋକ୍ତାଙ୍କ ନିମନ୍ତେ ଅସଂଖ୍ୟ ବିକଳ୍ପ ମଧ୍ୟ ଯୋଗାଇ ଦିଏ, ଯାହାକୁ 'ବୈଷୟିକ କୌଶଳର ପ୍ରାଚୁର୍ଯ୍ୟ' କୁହାଯାଇପାରେ। ତେବେ, ଏ ପର୍ଯ୍ୟନ୍ତ କେବଲ୍ ଟେଲିଭିଜନ୍ ସୁଚାରୁ ରୂପରେ ଚଳାଇବାକୁ ହେଲେ ଅଧିକରୁ ଅଧିକ ଷ୍ଟେସନ୍ ସହିତ ବିବିଧତାଭରା କାର୍ଯ୍ୟକ୍ରମମାନ ଯେ ଆବଶ୍ୟକ ଏହା ବିଶେଷ ଭାବେ ଅନୁଭବ କରି ହେଉନାହିଁ। ସାଂସ୍କୃତିକ ସଂହତି, ନାଗରିକ ଓ ଗୋଷ୍ଠୀଙ୍କ ନିମନ୍ତେ ଉଦ୍ଦିଷ୍ଟ ସଫ୍ଟୱେୟାର୍ ଆଦିର ଅଭାବ ତଥା ଅନୁପସ୍ଥିତି ଫଳରେ ଯାହା ମନୋରଞ୍ଜନ ବଜାରରେ ମହଜୁଦ ରହିଛି, କେବଳ ତାହାକୁ ନେଇ କେବଲ୍ ଅପରେଟର୍ କାମ ଚଳାଇଛନ୍ତି।

କେବଲ ଟେଲିଭିଜନର ଅନ୍ୟତମ ଉପାଦେୟ ଦିଗ ହେଉଛି- ସେହିସବୁ ଚ୍ୟାନେଲର ଉପସ୍ଥିତି, ଯାହା ଶିକ୍ଷା ଓ ଗୋଷ୍ଠୀ ଉନ୍ନୟନ ସମ୍ପର୍କିତ କାର୍ଯ୍ୟକ୍ରମକୁ ପ୍ରସାରିତ କରିଥାଏ। କେତୋଟି ଦେଶ, ଯେଉଁଠି କେବଲ୍ ସେବା ଆରମ୍ଭ ହୋଇଛି, ପରିଚାଳନା ଅଧିକାରୀ ସର୍ତ୍ତ ରଖନ୍ତି ଯେ- କେବଲ ବ୍ୟବସ୍ଥା ଅପରେଟର୍ ସରକାରୀ ହୁଅନ୍ତୁ କି ଘରୋଇ, ସେମାନେ ନିଶ୍ଚିତ ରୂପେ ଏକ ଗୋଷ୍ଠୀ ଉନ୍ନୟନମୂଳକ ତଥା ସାର୍ବଭୌମିକ ଚ୍ୟାନେଲ ଯୋଗାଇ ଦେବେ, ଯାହାକୁ ଉପଭୋକ୍ତା ବା ନାଗରିକ ଗୋଷ୍ଠୀ ସ୍ଥାନୀୟ କାର୍ଯ୍ୟକ୍ରମ ଦେଖିବା ନିମନ୍ତେ ବ୍ୟବହାର କରିପାରିବେ।

## ୪.୧୦: ଇଣ୍ଟରନେଟ୍‌ର ଆଗମନ

କେତୋଟି ଅନ୍ୟାନ୍ୟ ନୂତନ ଉତ୍ପାଦ ରହିଛି, ଯାହାର ପ୍ରଭାବ ସୁଦୂର-ପ୍ରସାରୀ, ଯେମିତି କି- ସମସାମୟିକ ସମାଜରେ ଇଣ୍ଟରନେଟ୍।

ଇଣ୍ଟରନେଟ୍‌ର ଆଗମନ ଅତ୍ୟନ୍ତ ବ୍ୟାପକ ରୂପରେ ହୋଇଛି ଓ କୌଣସି ନା କୌଣସି ଭାବରେ ବିକଶିତ ରାଷ୍ଟ୍ରଗୁଡ଼ିକ ଏହାକୁ ଖୋଲା ହୃଦୟରେ ସ୍ୱାଗତ କରିଛନ୍ତି, ଯାହା ଫଳରେ ଏକ ନୂତନ ଆଦର୍ଶ 'ଇଣ୍ଟରନେଟ୍ ଆସକ୍ତି' ବା 'ଇଣ୍ଟରନେଟ୍‌ଫିଲିଆ'ର ସୂତ୍ରପାତ ଘଟିଛି। କେତେଜଣ ସୂକ୍ଷ୍ମଦର୍ଶୀ ସମାଲୋଚକଙ୍କ ମତରେ- ଏହି ଆଦର୍ଶ ଆବଶ୍ୟକତାରୁ ଅଧିକ ପ୍ରଚାରିତ, ଯାହା ତର୍କ ସମ୍ମତ ନୁହେଁ। କିନ୍ତୁ ଆଉ କେତେଜଣ ମତ ଦିଅନ୍ତି- ଇଣ୍ଟରନେଟ୍ ହେଉଛି ସମସାମୟିକ ସମାଜରେ ମହଜୁଦ ରହିଥିବା କିଛି ସାମାଜିକ ରୋଗର ଚିକିତ୍ସା ପଦ୍ଧତି। ଇଣ୍ଟରନେଟ୍‌ର ବ୍ୟବହାର ଓ ଉପାଦେୟତାର ବର୍ଣ୍ଣନା କେତେକାଂଶରେ ଅତିରଞ୍ଜିତ କରି ପ୍ରକାଶିତ ହୋଇଛି।

ବିଭିନ୍ନ ସଂଗଠନ ଗବେଷଣା କରି ମତ ଦେଇଛନ୍ତି- ଇଣ୍ଟରନେଟ୍ କେବଳ ଯୋଗାଯୋଗର ଏକ ନୂତନ ମାଧ୍ୟମ ନୁହେଁ। ଏହା ଏକ ବଜାର ଯେଉଁଠି ସେମାନେ ଇଚ୍ଛା ମୁତାବକ ଜିନିଷ ପତ୍ରର ଦରଦାମ୍ ନିର୍ଦ୍ଧାରଣ କରିପାରିବେ, ଏହା ନିଜର କର୍ମଚାରୀଙ୍କ ନିମନ୍ତେ ଏକ ତତ୍କାଳ ସମ୍ବାଦପତ୍ର, ସମସ୍ତ ପ୍ରକାର ବ୍ୟାପାର ପ୍ରକ୍ରିୟା ଯେପରି ସୂଚନା, ଯୋଜନା, ବିଜ୍ଞାପନ, ଆକାଉଣ୍ଟ୍, ଜିନିଷପତ୍ର ଯୋଗାଇବାର ଅନୁରୋଧ ବା ପହଞ୍ଚାଇବା ଜନିତ ଖର୍ଚ୍ଚ ଆଦିକୁ ଏହା କମ କରିପାରିଛି । ସଂଗଠନ ବା ଅନୁଷ୍ଠାନ ଏବେ ନିଜେ ସକ୍ରିୟ ରହି ସବୁକିଛି ତଦାରଖ କରୁନାହାନ୍ତି, ବରଂ ଏହି ନୂତନ ମାଧ୍ୟମର ସାହାଯ୍ୟରେ ସେମାନେ ନିଜର କାର୍ଯ୍ୟକୁ ସୁଚାରୁ ରୂପରେ ସମ୍ପାଦନ କରିପାରୁଛନ୍ତି। ବିଟୁବି (B2B) ଅଥବା ବିଜନେସ୍ ଟୁ ବିଜନେସ୍ ହେଉଛି ଇଣ୍ଟରନେଟ୍‌ର ବାସ୍ତବ ଭବିଷ୍ୟତ ଓ ସଂଗଠନଗୁଡ଼ିକୁ ଏହା ସକାରାତ୍ମକ ଭାବରେ ବଦଳାଇ ଦେବ।

## ୪.୧୧: ଇଣ୍ଟରନେଟ୍‌ଫିଲିଆ ବା ଇଣ୍ଟରନେଟ୍ ଆସକ୍ତି

ନିଜର ଶ୍ରେଷ୍ଠ ଅବଦାନ ଦ ପଲିଟିକାଲ୍ ଇକୋନମି ଅଫ୍ ଇଣ୍ଟରନେଟ୍ ପୁସ୍ତକରେ କୋରିନ୍ନା ପଟେଲିସ୍ (Korinna Patelis) ଦର୍ଶାଇଛନ୍ତି ଯେ, ସାମାଜିକ-ଆର୍ଥନୀତିକର-ରାଜନୀତିକ କାରକ ଅନଲାଇନ୍ ଯୋଗାଯୋଗକୁ ନିର୍ଦ୍ଧାରଣ କରିବା ସହିତ ଇଣ୍ଟରନେଟ୍‌ର ଭବିଷ୍ୟତକୁ ବହୁମାତ୍ରାରେ ନିୟନ୍ତ୍ରିତ କରୁଛନ୍ତି। ତେବେ, ଇଣ୍ଟରନେଟ୍‌ର ନୂତନ ବିଚାର ଇଣ୍ଟରନେଟ୍‌ଫିଲିଆ ଏକ ସମ୍ପୂର୍ଣ୍ଣ ନୂତନ ଯୁଗର ସୂତ୍ରପାତ କରାଇଛି, ଯାହାର ବିଶେଷତାଗୁଡ଼ିକ ନାଟକୀୟ ଭାବରେ ଭିନ୍ନ, ଯାହାର ପରିଚାଳନା କ୍ରିୟାବିଧିକୁ ଅତୀତର ପଦ୍ଧତିଗୁଡ଼ିକୁ ବିଶ୍ଳେଷଣ କରି ବୁଝିହେବ ନାହିଁ। ମାନିବାକୁ ପଡ଼ିବ ଏହା ସ୍ପଷ୍ଟ ରୂପରେ ଅତୀତଠାରୁ ଭିନ୍ନ। ଏ ହେଉଛି ଏକ ଗୁଣାତ୍ମକ ପରିବର୍ତ୍ତନ ଯାହାର ପରିଚାଳନା କ୍ରିୟାବିଧି ସମ୍ପୂର୍ଣ୍ଣଭାବରେ ବୈଷୟିକ ବା ଟେକ୍‌ନୋଲୋଜିକାଲ୍। ସେପଟେ ପରିବର୍ତ୍ତନକୁ ଜରିଆକରି ସୂଚନାର ପ୍ରସ୍ତୁତି, ବଣ୍ଟନ ଓ ବ୍ୟବହାର କ୍ଷେତ୍ରରେ ଏକ ନୂତନ ମୋଡ଼ ସ୍ଥାପିତ ହୋଇଛି- ଆନାଲଗ୍'ରୁ ଡିଜିଟାଲ୍ ସୂଚନାର ପରିପ୍ରକାଶ। ଏହି

ନୂତନ ଯୁଗର ଚାବିକାଠି ହେଉଛି- କେବଳ ୧ ଓ ୦'ର ସମ୍ମିଶ୍ରଣ ମଧ୍ୟରେ ସୂଚନାକୁ ଗଚ୍ଛିତ ରଖିବାର ସାମର୍ଥ୍ୟ। ସତରେ, ଏହି ଡିଜିଟାଲ୍ ଟେକ୍ନୋଲୋଜି ପ୍ରଦ ମୌଳିକ ବିଶେଷତ୍ୱ ହେଉଛି ନୂତନତା ଏବଂ ଗତିଶୀଳତା। ସବୁକିଛି ନୂଆ ନୂଆ, ସବୁକିଛି ଅବିରତ ଭାବରେ ଦ୍ରୁତ ଗତିରେ ଆଗେଇ ଚାଲିଛି।

ଇଣ୍ଟରନେଟ୍‌ର ଅନ୍ୟାନ୍ୟ ଗୁଣଗୁଡିକ ହେଉଛି: ଏହାର ବିଶ୍ୱବ୍ୟାପୀ ଲକ୍ଷଣ (ଦୂରତାକୁ ଦୂରକରିବା ସହିତ ଭୌଗୋଳିକ ବାଧକ ଗୁଡ଼ିକୁ ହଟାଇପାରେ), ସାମାଜିକ-ଆର୍ଥନତିକ ପରିଧି ମଧ୍ୟରେ ବାସ କରୁଥିବା ବ୍ୟକ୍ତି, ଅନୁଷ୍ଠାନ ଓ ରାଷ୍ଟ୍ର ସମୂହକୁ ସଶକ୍ତ କରିବାର ସାମର୍ଥ୍ୟ, ଏବଂ ବିଶ୍ୱବ୍ୟାପୀ ଦର୍ଶକଙ୍କୁ ସମ୍ପୂର୍ଣ୍ଣ ରୂପରେ ବଦଳାଇଦେବାର ଦକ୍ଷତା, ଯଦ୍ଦ୍ୱାରା କେବଳ ରଢ଼ିବାଦୀ ଗଣମାଧ୍ୟମକୁ ଉପଭୋଗ କରି ସମୟ ନବିତାଇ ସେମାନେ ସକ୍ରିୟ ଭାବରେ ଅନଲାଇନ୍ ସୂଚନା ସହିତ ସଂଯୁକ୍ତ ହୋଇପାରିବେ। ଏପରି ସଶକ୍ତିକରଣ ସୂଚାଇ ଦିଏ ଯେ- ଇଣ୍ଟରନେଟ୍‌ର କୌଣସି କେନ୍ଦ୍ରବିନ୍ଦୁ ନାହିଁ, ତେଣୁ ଏହାକୁ ନିୟନ୍ତ୍ରଣ କରିହେବନି।

କେତେଜଣ ଯୁକ୍ତି କରନ୍ତି- ଇଣ୍ଟରନେଟ୍ ପୂର୍ଣ୍ଣ ରୂପରେ ଏକ ନୂତନ ଆର୍ଥିକ ପରିବେଶ, ଏକ ନୂତନ ଅର୍ଥନୀତିକୁ ସୃଷ୍ଟି କରିଛି। ଏ ହେଉଛି ଏକ ଡିଜିଟାଲ୍ ଅର୍ଥନୀତି ଯେଉଁଠି କେବଳ ପ୍ରାଚୁର୍ଯ୍ୟ ହିଁ ରହିଛି, ଅଭାବ ନାହିଁ; ଏକ ବଜାର ଯେଉଁଠି ପୂର୍ତ୍ତି ଓ ଚାହିଦା ସମାନ ରହିଥାଏ ଏବଂ ସର୍ବନିମ୍ନ ସର୍ବୋଚ୍ଚ ମୂଲ୍ୟରେ ଜିନିଷ ପତ୍ରର ଦରଦାମ୍ ନିର୍ଦ୍ଧାରିତ ହୋଇଥାଏ; ଯେଉଁଠି ବଜାର ପ୍ରବେଶ ଜନିତ ଶୁଳ୍କ ଅଳ୍ପ ହୋଇଥିବାରୁ ଓଲିଗୋପଲି (oligpolies) ବା ଅଳ୍ପାଧିକାରକୁ ବାରଣ କରାଯାଏ; ଯେଉଁଠି ବଜାରଗତ ତ୍ରୁଟି ଏବେ ଇତିହାସ ହେଲାଣି ଏବଂ ବଜାର ବିବିଧତା ପ୍ରତ୍ୟାଭୂତ ହୋଇଛି। ଏହି ବଜାର ଏକ ସଙ୍ଗରେ ଉତ୍ପାଦକ ଓ ଗ୍ରାହକଙ୍କ ନିମନ୍ତେ ସ୍ୱର୍ଗ ସମାନ। ଏହାର ପ୍ରମାଣ ହେଉଛି ଗତିଶୀଳ ପ୍ରତିଯୋଗିତା।

ବିଲ୍ ଗେଟ୍ସ (Bill Gates)ଙ୍କ ଶବ୍ଦରେ: ଅତୀତରେ ଯେତେସବୁ ଆର୍ଥନତିକ ବ୍ୟବସ୍ଥା ଗଢ଼ି ଉଠିଛି, ତନ୍ମଧ୍ୟରୁ ପୁଞ୍ଜିବାଦ ସର୍ବାଧିକ ପ୍ରଭାବଶାଳୀ ପ୍ରତିପାଦିତ ହୋଇଛି, ଅନ୍ୟାନ୍ୟ ବିକଳ୍ପ ବ୍ୟବସ୍ଥା ଉପରେ ପୁଞ୍ଜିବାଦର ଦୌରାତ୍ମ୍ୟ ସ୍ପଷ୍ଟ ରୂପରେ ପ୍ରମାଣିତ ହୋଇଛି। ତେବେ, ବ୍ରଡ୍‌ବ୍ୟାଣ୍ଡ୍ ସେବା, ବିଶ୍ୱବ୍ୟାପୀ ସମ୍ପର୍କ ନେଟ୍‌ୱାର୍କ ବ୍ୟବସ୍ଥା ଯୋଗାଉଥିବା ଇଣ୍ଟରନେଟ୍‌ର ଫାଇଦା ସତରେ ଖୁବ୍ ବେଶୀ। ଉତ୍ପାଦ ଓ ସେବା ଯୋଗାଉଥିବା ବ୍ୟକ୍ତି କୁଶଳତା ପୂର୍ବକ ଗ୍ରାହକଙ୍କ ଚାହିଦା ତଥା ପସନ୍ଦ ବିଷୟରେ ଜାଣିପାରିବେ ଏବଂ ଗ୍ରାହକ ବା ଉପଭୋକ୍ତା ବି ଭଲ ଭାବରେ ସବୁକିଛି ବୁଝି ଜିନିଷପତ୍ର କିଣିପାରିବେ। ଏପରି ପୂର୍ବରୁ କେବେ ଘଟି ନଥିଲା।

କୋରିନ୍ନା ପାଟେଲିସ୍‌ଙ୍କର ଏଇ ସନ୍ଦର୍ଭଟି ଏହାପରେ ଇଣ୍ଟରନେଟ୍‌ର ଅସମାନତାକୁ ସୂଚିତ କରେ। ଏହା ଦର୍ଶାଏ ଯେ' ଟେଲିକମ୍‌ର ଦକ୍ଷତା ଓ ଆଧାର ହିଁ ବହୁଳ ଭାବରେ ଇଣ୍ଟରନେଟ୍ ପ୍ରୟୋଗର ସର୍ବାଧିକତାକୁ ନିର୍ଦ୍ଧାରିତ କରିଥାଏ। ଏକ ଦେଶରେ ମହଜୁଦ ଥିବା ସର୍ବୋଚ୍ଚ ଟେଲି କମ୍ୟୁନିକେସନ୍ ଆଧାର ଉପରେ ହିଁ ଇଣ୍ଟରନେଟ୍ ବ୍ୟବହାରର ସର୍ବାଧିକତା ନିର୍ଭରଶୀଳ; ଉଭୟ ଆଇଏସ୍‌ପି କାପାସିଟି ଏବଂ ଘରୋଇ ବ୍ୟବହାର ନିମନ୍ତେ ଡାଏଲ୍-ଅପ୍ ଯୋଗାଇବା। ଅଧିକନ୍ତୁ, ଟ୍ରାନ୍ସମିଶନର ତୀବ୍ରତା ନିମନ୍ତେ ବ୍ୟାଣ୍ଡ୍‌ୱିଡ୍‌ଥ୍ କନେକ୍ସନ୍ ମଧ୍ୟ ଆବଶ୍ୟକ, ଯାହା ବିଶ୍ୱବ୍ୟାପୀ ଦ୍ରୁତ ଗତିରେ ବଦଳି ଥାଏ। ଏହା ଆମେ ଜାଣୁ ଯେ' ତୀବ୍ରତାର ସହିତ

ବୃହତ୍ ସୂଚନା ସେବା ଯୋଗାଉଥିବା ହାଇ ସ୍ପିଡ୍ ଯୁକ୍ତ ଇଣ୍ଟରନେଟ୍ କନେକ୍ସନ୍ କେବଳ ବଡ଼ ଅନୁଷ୍ଠାନ ନିମନ୍ତେ ଉଦ୍ଦିଷ୍ଟ, ସାଧାରଣ ବ୍ୟବହାରକରୀଙ୍କ ନିମନ୍ତେ ତାହା ଉପଲବ୍ଧ ନଥାଏ।

ଇଣ୍ଟରନେଟ୍ – ଏକ ଚିନ୍ତାର ବିଷୟ

ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ସାରାବିଶ୍ୱରେ ଏବେ ଚିନ୍ତାର କାରଣ ହୋଇଛି। ଏଠାରେ ଭିନ୍ନ ଭିନ୍ନ ପରିସ୍ଥିତିକୁ ଆଧାରକରି କେତୋଟି ଉଦାହରଣ ଦିଆଯାଇପାରେ: ବିଭିନ୍ନ ଅନୁଷ୍ଠାନ ଜାଣିପାରନ୍ତି ନାହିଁ ତାଙ୍କୁ ବିରୋଧ କରି ଇଣ୍ଟରନେଟ୍‌ରେ 'ହେଟ୍ ସାଇଟ୍'ଗୁଡ଼ିକ ଖୋଲିଯାଏ ଏବଂ ଚପଳମତି କିଶୋର-କିଶୋରୀ ତାହାକୁ ଖେଳିବା ପରି ବ୍ୟବହାର କରନ୍ତି।

୨୦୦୦ ମସିହା ଫେବୃଆରୀରେ ବ୍ରିଟେନ ସ୍ଥିତ କବର୍ଗ ଗ୍ରୁପ୍ (Coburg group) ନାମକ ଏକ କ୍ଷୁଦ୍ର କଫି ରୋଷ୍ଟିଙ୍ଗ୍ କମ୍ପାନୀର ସେୟାର୍ ମୂଲ୍ୟ ଥିଲା ୨.୫ ନିୟୁତ। ଗୁଜବ ଉଠିଲା ଯେ' ଆଗାମୀ ଦିନରେ କମ୍ପାନୀ ଇଣ୍ଟରନେଟ୍ ସେବା ଯୋଗାଉଛି, ଯାହା ଫଳରେ ତା'ର ସେୟାର୍ ମୂଲ୍ୟ ପ୍ରାୟ ୭ ଗୁଣ ବଢ଼ିଗଲା। ତେବେ, ପରିଚାଳନା ବୋର୍ଡ୍ ଯେତେବେଳେ ଗୁଜବକୁ ମିଥ୍ୟା ବୋଲି କହିଲେ, ସେୟାର୍ ମୂଲ୍ୟ ଖସି ଆସିଲା। ଇ-ବିଜନେସ୍ ଯୁଗରେ ୧୯୯୦ ଦଶକର ଶେଷ ଆଡ଼କୁ ଭାରତରେ ମଧ୍ୟ ଏପରି ଅନୁଚିତ ବ୍ୟାପାର ଏବଂ ଲାଭଖୋର ମନୋବୃତ୍ତି ବଢ଼ିବାରେ ଲାଗିଛି। ଫଳ ସ୍ୱରୂପ, ଦେଶର ସେୟାର୍ ବଜାର ଏବେ ବୁଡ଼ିବାକୁ ବସିଲାଣି।

୧୯୯୬ ମସିହାରେ ଯୁକ୍ତରାଷ୍ଟ୍ର କଂଗ୍ରେସ କମ୍ୟୁନିକେସନ୍ସ ଡିସେନ୍ସି ଆକ୍ଟ ଆରମ୍ଭ କରିଛନ୍ତି, ଯାହା ଇଂଟରନେଟ୍‌ରେ ଅଭଦ୍ର ତଥା ଅଶ୍ଳୀଳ ଶବ୍ଦ ବା ଚିତ୍ର ପ୍ରଦର୍ଶନକୁ ଅପରାଧ ବୋଲି ସୂଚାଏ। ଏପରି ଚିନ୍ତା ବ୍ୟକ୍ତ କରିବାର କାରଣ ହେଉଛି- ପିଲାମାନଙ୍କୁ କାମୋଦ୍ଦୀପକ ଗତିବିଧିରୁ ଦୂରେଇ ରଖିବା। ତେବେ, ପରବ ˚1 ବର୍ଷ ଯୁକ୍ତରାଷ୍ଟ୍ର ସର୍ବୋଚ୍ଚ ନ୍ୟାୟାଳୟ ଉପରୋକ୍ତ ଆଇନକୁ ରଦ୍ଦ କରିବା ସହିତ ଏ କଥା ମଧ୍ୟ ଶୁଣାଇଥିଲା ଯେ- ଶିଶୁଙ୍କୁ ସୁରକ୍ଷା ଦେବାକୁ ଯାଇ ତାହା ପ୍ରାପ୍ତ ବୟସ୍କଙ୍କ ଅଧିକାରକୁ ଉଲ୍ଲଂଘନ କରୁଛି।

୧୯୯୭ ମସିହାରେ ୱିସେନ୍ଥାଲ୍ ସେଣ୍ଟର୍ (Wiesental Centre) ୫୦୦ରୁ ଅଧିକ ହେଟ୍ ସାଇଟ୍ ଚିହ୍ନଟ କରିଥିଲା। ସଂସ୍ଥାଦ୍ୱାରା ତାଙ୍କର ୧୯୯୯ ମସିହାରେ ପ୍ରକାଶିତ ରିପୋର୍ଟରେ ବି ୧୪୨୬ଟି ହେଟ୍ ସାଇଟ୍ ବାବଦରେ ଜଣାଇଥିଲା। ଏସବୁ ମଧ୍ୟରେ ସାମିଲ ଥିଲା ଏକ ଅନଲାଇନ୍ ଭିଡିଓ ଗେମ୍, ଯାହାର ଉଦ୍ଦେଶ୍ୟ ରହିଥିଲା ଜଣେ କୃଷ୍ଣକାୟ ପୁରୁଷ ବା ବ୍ଲାକ୍ ମ୍ୟାନ୍‌ଙ୍କୁ ବଧ କରିବା। ଏହାର କୁପ୍ରଭାବ ଏତେ ବ୍ୟାପକ ଥିଲା ଯେ' ୧୯୯୬ ମସିହାରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ୧୯ ବର୍ଷୀୟ ପୂର୍ବତନ ଛାତ୍ର ଅପରାଧ ଆଡ଼କୁ ଢଳିଥିଲା, ଯାହା ଥିଲା ଇଣ୍ଟରନେଟ୍ କୁପ୍ରଭାବ ଜନିତ ପ୍ରଥମ ହେଟ୍ କ୍ରାଇମ୍। ଛାତ୍ର ଜଣକ ନିଜକୁ 'ଏସିଆନ୍ ହେଟର୍' ଭାବରେ ଚିହ୍ନିତକରି ପ୍ରାୟ ୬୦ ଜଣ ଏସୀୟ ଛାତ୍ରଙ୍କୁ ଇ-ମେଲ୍ ବାର୍ତ୍ତା ପଠାଇଥିଲା ଏବଂ ନିର୍ଦ୍ଦେଶ ଦେଇଥିଲା- କ୍ୟାମ୍ପସ୍ ଛାଡ଼, ନଚେତ୍ ମୁଁ ତୁମକୁ ମାରିଦେବି। ୧୯୯୮ ମସିହାରେ ଛାତ୍ରମାନଙ୍କ ବୈଧାନିକ ଅଧିକାର (ସରକାରୀ ବିଶ୍ୱବିଦ୍ୟାଳୟରେ ପ୍ରବେଶ ନିଷେଧ କରିବା)କୁ ଖଣ୍ଡନ କରୁଥିବାର ଅଭିଯୋଗରେ ସେ ଗିରଫ ହୋଇଥିଲା।

ପ୍ରସିଦ୍ଧ ଇଟନ ମହାବିଦ୍ୟାଳୟରେ ପଢ଼ାଉଥିବା ଜଣେ ପ୍ରଖ୍ୟାତ ଶିକ୍ଷକ ୨୦୦୪ ମସିହା ଫେବୃଆରୀ ମାସରେ ଗିରଫ ହୋଇଥିଲେ। କାରଣଟି ଥିଲା- ସ୍କୁଲ୍ କଂପ୍ୟୁଟରରେ ପାଖାପାଖି ୨୦୦୦ଟି ଛବି ସେ ସାଇତି ରଖିଥିଲେ, ଯାହା ଶିଶୁଙ୍କ କ୍ଷେତ୍ରରେ ଯୌନଗତ କାର୍ଯ୍ୟକଳାପକୁ ଦର୍ଶାଉଥିଲା। ଏଥିଯୋଗୁଁ ଏକ ପ୍ରସିଦ୍ଧ ବିଦ୍ୟାଳୟରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଲା, ଯେଉଁଠି ପ୍ରିନ୍ସ ୱିଲିୟମ୍ ଓ ହ୍ୟାରୀ ପୂର୍ବତନ ଛାତ୍ର ରହିଥିଲେ। ଅଭିଯୁକ୍ତ ଶିକ୍ଷକଙ୍କୁ ଏପରି ଆଚରଣ ସମ୍ପର୍କରେ ଯେତେବେଳେ ପଚରାଗଲା, ସେ କହିଥିଲେ ଛବିଗୁଡ଼ିକୁ ସାଇତି ରଖିବାର କାରଣଟି ହେଉଛି- ସେଗୁଡ଼ିକ ତାଙ୍କୁ ଭାରି ଆକର୍ଷଣୀୟ ଲାଗେ ଏବଂ ସେ ବାରମ୍ବାର ଦେଖିବାକୁ ଚାହାଁନ୍ତି। ଶିକ୍ଷକଙ୍କୁ ୯ ମାସ କାରାଦଣ୍ଡ ହେବା ସହିତ ଅଶ୍ଳୀଳ ବ୍ୟବହାର ନିମନ୍ତେ ୨ ବର୍ଷ ଯାଏଁ କର୍ମରୁ ବହିଷ୍କାର କରାଯାଇଥିଲା।

ବ୍ରିଟେନର ଏକ ପ୍ରମୁଖ ନ୍ୟାୟାଳୟରେ କାର୍ଯ୍ୟରତ ଜଣେ ନ୍ୟାୟାଧୀଶ, ଯିଏ ସେନା ବାହିନୀରେ ବି ମେଜର୍ ଜେନେରାଲ୍ ଥିଲେ, ୧୨ ମାସ ନିମନ୍ତେ ଏକ ଥଇଥାନ ବା ପୂନର୍ବାସ କେନ୍ଦ୍ରରେ ବନ୍ଦୀ ହେବାର ନିର୍ଦ୍ଦେଶ ପାଇଥିଲେ। କାରଣଟି ଥିଲା- ନିଜ ଲ୍ୟାପ୍‌ଟପ୍'ରେ ବାଳକମାନଙ୍କର ୭୫ଟି କାମୋଦ୍ଦୀପକ ଚିତ୍ରକୁ ସେ ସାଇତି ରଖିଥିଲେ। ପୂର୍ବତନ ନ୍ୟାୟାଧୀଶ ଜଣକ ବିବାହିତ ରହିବା ସହିତ ୪ଜଣ ସନ୍ତାନଙ୍କର ପିତା ଥିଲେ, ତାଙ୍କର ୬ଜଣ ନାତିନାତୁଣୀ ମଧ୍ୟ ଥିଲେ। ତେବେ, କୌତୁହଳ ହେତୁ ଇଣ୍ଟରନେଟ୍‌ରେ ଚାଇଲ୍ଡ ପର୍ଣ୍ଣ ସାଇଟ୍ ଦେଖୁଥିବାର ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ପୁଲିସ୍ କହିଲେ, "ମୁଁ ଭାବୁଛି ଏହି କେଶ୍‌ଟି ସାଧାରଣ ଜନତାଙ୍କୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି। ଯେ କେହି ବି ହୁଅନ୍ତୁ, ଯାହା ବି ସ୍ପଷ୍ଟୀକରଣ ଦିଅନ୍ତୁ ନା କାହିଁକି; ଶିଶୁ ଯୌନ ନିର୍ଯାତନା ଜନିତ ଛବି ଯଦି ଡାଉନ୍‌ଲୋଡ୍ କରିବେ, ପୁଲିସ୍ ତାଙ୍କୁ ଗିରଫ କରିବା ସହିତ କୋର୍ଟ୍ ମଧ୍ୟ ପଠାଇବେ।"

## ୪.୧୨: ୧୯୭୦ ଦଶକରେ ଅଣ-ଗଠବନ୍ଧିତ ଆନ୍ଦୋଳନର ଗଠନ

"ତୃତୀୟ ବିଶ୍ୱ ନିଜ ଶକ୍ତି ସମ୍ପର୍କରେ ଅବଗତ କଲା" ଅଥବା "ଆରମ୍ଭ ହେଲା ତୃତୀୟ ବିଶ୍ୱର ଶକ୍ତି ପ୍ରଦର୍ଶନ" ପରି ଶୀର୍ଷକ ୧୯୭୩ ମସିହା ସେପ୍ଟେମ୍ବର ମାସରେ ବ୍ରିଟିଶ ଓ ଆମେରିକୀୟ ସମ୍ବାଦପତ୍ରରେ ଦେଖିବାକୁ ମିଳିଲା। ଏହିଭଳି ଶୀର୍ଷକ ପଛରେ ଥିବା କାରଣଟି ହେଉଛି ଆଲଜେରିଆରେ ଅନୁଷ୍ଠିତ ହୋଇଥିବା ଅଣ-ଗଠବନ୍ଧିତ ରାଷ୍ଟ୍ର ସମ୍ମିଳନୀ, ଯାହାକୁ ବିଶ୍ୱର ଅନେକ ପ୍ରମୁଖ ଗଣମାଧ୍ୟମ ବିଷୟବସ୍ତୁ ଭାବରେ ନେଇଥିଲେ। ପାଶ୍ଚାତ୍ୟ ସାମ୍ବାଦିକ, କୂଟନୀତିଜ୍ଞ ଓ ରାଜନୀତିଜ୍ଞମାନେ କେବେ ବି ଚିନ୍ତା କରିନଥିବେ; କିନ୍ତୁ ୧୯୭୩ ମସିହା ସେପ୍ଟେମ୍ବର ୫ରୁ ୯ ତାରିଖ ମଧ୍ୟରେ ୭୫ଟି ବିକାଶମୁଖୀ ରାଷ୍ଟ୍ର ଆଲଜେରିଆର ରାଜଧାନୀରେ ଏକ ସମ୍ମିଳନୀ ମାଧ୍ୟମରେ ଏକାଠି ହୋଇଥିଲେ, ଅଧିକାଂଶ ରାଷ୍ଟ୍ର ତରଫରୁ ଯାହାର ନେତୃତ୍ୱ ନେଇଥିଲେ ରାଷ୍ଟ୍ରମୁଖ୍ୟ ତଥା ସରକାର। ଅଧିକନ୍ତୁ, ଆଲଜେରିଆର ରାଷ୍ଟ୍ରପତି ହୋଆରୀ ବୌମେଡିଏନ୍ ସମ୍ମିଳନୀର ପୌରହିତ୍ୟ କରିଥିବା ବେଳେ ପ୍ରତିନିଧି-ମଣ୍ଡଳରେ ଉପସ୍ଥିତ ରହିଥିଲେ ଯୁଗୋସ୍ଲୋଭାକିଆ ରାଷ୍ଟ୍ରପତି ଟିଟୋ, କ୍ୟୁବା ରାଷ୍ଟ୍ରପତି ଫିଡେଲ୍ କାଷ୍ଟ୍ରୋ, ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ଇଜିପ୍ଟ ରାଷ୍ଟ୍ରପତି ଅନୱର୍ ଅସାଦତ୍, ଲିବିଆ ରାଷ୍ଟ୍ରପତି ମୁଆମ୍ମର ଅଲ୍-ଗଦାଫି, ଏବଂ ଉଗାଣ୍ଡା

ରାଷ୍ଟ୍ରପତି ଇଦି ଆମିନ୍। ଅନ୍ୟାନ୍ୟ ୨୯ ବିକାଶମୁଖୀ ରାଷ୍ଟ୍ର, ନିରପେକ୍ଷ ରହିଥିବା କିଛି ଇଉରୋପୀୟ ରାଷ୍ଟ୍ରଙ୍କ ସମେତ ମିଳିତ ଜାତିସଂଘର ତତ୍କାଳୀନ ସାଧାରଣ ସମ୍ପାଦକ କୁର୍ଟ୍ ୱାଲ୍ଧେମ୍ (Kurt Waldheim) ମଧ୍ୟ ପ୍ରତିନିଧି ସଦସ୍ୟ ଭାବରେ ଯୋଗଦେଇଥିଲେ। ସମାନ ସମୟରେ ବାଣ୍ଡୁଂଗ୍ ଏବଂ ବେଲ୍‌ଗ୍ରେଡ୍ ସମ୍ମିଳନୀ (Bandung and Belgrade Conference) ଚାଲିଥିବା ବେଳେ ପାଶ୍ଚାତ୍ୟ ସାଂବାଦିକମାନେ ଚିନ୍ତା କଲେ ଅଣ-ଗଠବନ୍ଧିତ ରାଷ୍ଟ୍ରଗୁଡ଼ିକ ଏପରି ଏକାଠି ହେବା ପଛରେ କାରଣ କ'ଣ ରହିଛି। ଏତେ ପରିମାଣର, ଏତେ ବର୍ଣ୍ଣର ସହଭାଗୀଙ୍କୁ ଏକତ୍ର ଦେଖି ସାମ୍ବାଦିକମାନେ ବେଶ୍ ପ୍ରଭାବିତ ହୋଇଥିଲେ। ଏପରି ବିବିଧତା ପୂର୍ବରୁ କେବେ ବି ଦେଖିବାକୁ ମିଳିନଥିଲା। ପ୍ରଖ୍ୟାତ ବ୍ରିଟିଶ୍-ଅଷ୍ଟ୍ରେଲୀୟ ସାମ୍ବାଦିକା ହେଲା ପିକ୍ (Hella Pick)ଙ୍କ ଭାଷାରେ, "ଏଠାରେ ସାମନ୍ତବାଦୀ ଶାସକ, ନବୋଦିତ ସାଧାରଣ ବର୍ଗ, ରଢ଼ିବାଦ ବିରୋଧୀ, ବିପ୍ଳବୀ କମ୍ୟୁନିଷ୍ଟ, ସାଧାରଣ ନେତା, ଔପନିବେଶିକ ରାଷ୍ଟ୍ରନେତା, ସାମରିକ ଅଧିକାରୀ, ପ୍ରଥମ ଅଣ-ଗଠବନ୍ଧିତ ସମ୍ମିଳନୀ (୧୯୬୧)ରେ ଯୋଗ ଦେଇଥିବା ଜୀବିତ ବ୍ୟକ୍ତିଙ୍କର ମହାସମାଗମ ହୋଇଛି ଏବଂ ଶେଷ ମୁହୂର୍ତ୍ତରେ କିଛି ଯୋଗ୍ୟ ନବାଗତ ସଦସ୍ୟ ବି ସାମିଲ ହୋଇଛନ୍ତି।" ପୂର୍ବରୁ ଅନୁଷ୍ଠିତ ହୋଇଥିବା ଉତ୍ତର-ଔପନିବେଶିକ ଓ ଅଣ-ଗଠବନ୍ଧିତ ସମ୍ମିଳନୀ ଅପେକ୍ଷା ଆଲ୍‌ଜେରିଆରେ ଅପେକ୍ଷାକୃତ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ ଏବଂ ମିଳିତ ଜାତିସଂଘର ସାଧାରଣ ସଂପାଦକଙ୍କ ଉପସ୍ଥିତି ଯୋଗୁଁ ଏହାକୁ ଢେର୍ ମାନ୍ୟତା ମିଳିଥିଲା। କେବଳ ସେତିକି ନୁହେଁ, ବରଂ ପ୍ରଥମ ଥର ପାଇଁ ସମ୍ମିଳନୀରେ ଭାଗ ନେଇଥିବା ବିଭିନ୍ନ ଦେଶର ସରକାର ପାରସ୍ପରିକ ସହଯୋଗ ବଜାୟ ରଖିବା ନିମନ୍ତେ ଏକମତ ହେଲେ। ଏହା ସହିତ ସେମାନଙ୍କର ସାଧାରଣ ସ୍ୱାର୍ଥ, ଆର୍ଥନୀତିକ ଓ ସୂଚନା ନୀତିକୁ ଅନ୍ତର୍ଜାତୀୟ ସ୍ତରରେ ଆଗେଇନେବା ନିମନ୍ତେ ଏକତ୍ର କାର୍ଯ୍ୟ କରିବାର ଶପଥ ନେଇଥିଲେ। ବନ୍, ଲଣ୍ଡନ୍ ଏବଂ ୱାସିଂଟନ୍'ର ବୈଦେଶିକ ନୀତି ବିଶେଷଜ୍ଞମାନେ ଏହି ସମ୍ମିଳନୀ ଓ ବିକଶିତ ଅଣ-ଗଠବନ୍ଧିତ ଆନ୍ଦୋଳନକୁ ଗଭୀର ଭାବରେ ବିଶ୍ଲେଷଣ କରିଥିଲେ। ଆଲଜେରିଆରେ ଅନୁଷ୍ଠିତ ଏହି ସମ୍ମିଳନୀକୁ କିଛି ବର୍ଷ ପୂରିବା ପରେ, ଏନ୍ଏଏମ୍ ନିଜକୁ ଏକ ଅନ୍ତର୍ଜାତୀୟ ସଂଗଠନ ରୂପରେ ପ୍ରସ୍ତୁତ କରିଥିଲା। ଉଦ୍ଦେଶ୍ୟ ଥିଲା- ତୃତୀୟ ବିଶ୍ୱର ବୃହତ୍ତର ସ୍ୱାର୍ଥକୁ ପ୍ରୋତ୍ସାହନ ଦେବା। ଏହି ଅନ୍ତର୍ଜାତୀୟ ସମ୍ପର୍କକୁ ଭିତ୍ତିକରି ଏକ ନୂତନ ଆର୍ଥନୀତିକ ଏବଂ ସୂଚନାଗତ ନିର୍ଦ୍ଦେଶନାମା ପ୍ରଚଳନ ନିମନ୍ତେ ରାଜନୀତିକ ସ୍ତରରେ ଦାବି ହେଲା। ଫଳ ସ୍ୱରୂପ, ଜି ୭୭ ରାଷ୍ଟ୍ର ସମୂହର ସୃଷ୍ଟି ହୋଇଥିଲା, ଯାହା ପରେ ପରେ ଉତ୍ତର-ଦକ୍ଷିଣ ରାଷ୍ଟ୍ର ମଧ୍ୟରେ ବିବାଦର ସୂତ୍ରପାତ କରିଥିଲା। ମାର୍କ୍ ମାଜୋୱର୍ (Mark Mazower)ଙ୍କ ମତରେ- ଏପରି ଘଟଣା ଯୁକ୍ତରାଷ୍ଟ୍ର ଆମେରିକାକୁ ଖୁବ୍ ଆଶାନ୍ୱିତ କରିଥିଲା, ଯାହାର ସ୍ୱପ୍ନ ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେପରେ ସାରା ବିଶ୍ୱକୁ ନିଜ ଅଧୀନରେ ରଖିବା।

## ୪.୧୩: ବିଶ୍ୱବ୍ୟାପୀ ପରିବର୍ତ୍ତନ

୧୯୭୦ ଦଶକର ପ୍ରଥମ ଭାଗରେ ଅନ୍ତର୍ଜାତୀୟ ସମ୍ପର୍କର ଧାରା ବଦଳି ଯାଇଥିଲା। ଏହି ପରିପ୍ରେକ୍ଷୀରେ କିଛି ପ୍ରମୁଖ କାରକ ଥିଲା- ସୋଭିଏତ ରାଷ୍ଟ୍ରସଂଘ ଓ ଯୁକ୍ତରାଷ୍ଟ୍ର ମଧ୍ୟରେ ଚାଲିଥିବା ବିବାଦ, ମିଳିତ ଜାତିସଂଘରେ ଚୀନ୍‌ର ପ୍ରବେଶ, ବ୍ରେଟନ୍ ଉଡ୍ସ (Bretton Woods) ମୁଦ୍ରା ନିୟାମକ ପ୍ରଣାଳୀର ପତନ,

କନ୍‌ଫରେନ୍ସ ଅନ୍ ସିକ୍ୟୁରିଟି ଆଣ୍ଡ୍ କୋପରେସନ୍ ଇନ୍ ଇଉରୋପ୍ (ସିଏସ୍‌ସିଇ) ଏବଂ ପରମାଣୁ ଅସ୍ତ୍ର ସୀମା ଜନିତ ସନ୍ଧି ।

ଅଧିକରୁ ଅଧିକ ଅଣ-ଗଠବନ୍ଧିତ ସରକାର ଏହି ପରିବର୍ତ୍ତନକୁ ଅନ୍ତର୍ଜାତୀୟ ସମ୍ପର୍କ କ୍ଷେତ୍ରରେ ଏକ ଗଭୀର ପରିବର୍ତ୍ତନ ବୋଲି ବ୍ୟାଖ୍ୟା କରିଥିଲେ । ଇଣ୍ଡୋନେସିଆର ବୈଦେଶିକ ମନ୍ତ୍ରୀ ଆଦାମ୍ ମଲିକ୍ ଏହାକୁ "ନୂତନ ସନ୍ତୁଳନ ଆଡ଼କୁ ଯାଉଥିବା" ପ୍ରବୃତ୍ତି ତଥା "ପରିବର୍ତ୍ତନ କାଳ" ବୋଲି କହିଥିଲେ । ତାଙ୍କର ଭାରତୀୟ ସହକର୍ମୀ ସର୍ଦ୍ଦାର ସ୍ୱର୍ଣ୍ଣ ସିଂ ଦାବି କରିଥିଲେ ଯେ' "ବିଶ୍ୱର ସ୍ଥିତି ମହତ୍ୱପୂର୍ଣ୍ଣ ଭାବରେ ବଦଳି ଯାଇଛି", ମାଲେସିଆ ରାଜନୀତିଜ୍ଞ ଗଜଲି ସାଫି (Muhammad Ghazali bin Shafie) ଘୋଷଣା କଲେ: ଦେଶ ଦେଶ ମଧ୍ୟରେ ଥିବା ସମ୍ପର୍କ ଏକ ନୂଆ ବ୍ୟବସ୍ଥା ପାଇଛି- ଏମିତି ଏକ ବ୍ୟବସ୍ଥା ଯାହା ଶାନ୍ତିପୂର୍ଣ୍ଣ, ନ୍ୟାୟସଂଗତ ଓ ପ୍ରଗତିଶୀଳ ବିଶ୍ୱ ଗଢ଼ିବାର ପରିକଳ୍ପନାକୁ ବାସ୍ତବରେ ପରିଣତ କରିବ । ଗିନି(Guyanese) ପ୍ରଧାନମନ୍ତ୍ରୀ ଲିଣ୍ଡେନ୍‌ଫୋର୍ବ୍‌ସ୍ ସାମ୍ପସନ୍ ବର୍ନ୍‌ହମ୍ (Linden Forbes Sampson Burnham) ଉଲ୍ଲେଖ କରିଥିଲେ ଯେ, ସେ ବିଶ୍ୱାସ କରନ୍ତି ଅନ୍ତର୍ଜାତୀୟ ସମ୍ପର୍କଗତ ପରିବର୍ତ୍ତନର ଲକ୍ଷଣ ହେଉଛି- "ନୂତନ ଶକ୍ତିକେନ୍ଦ୍ର ଉତ୍ପନ୍ନ ହେବା, ଯାହାର ଫଳ ସ୍ୱରୂପ ସାରା ଅନ୍ତର୍ଜାତୀୟ ବ୍ୟବସ୍ଥା ବ୍ୟାପକ ଭାବରେ ପ୍ରଭାବିତ ହେବା ।" ଅଣ-ଗଠବନ୍ଧିତ ରାଷ୍ଟ୍ରଗୁଡ଼ିକରୁ ଦୃଷ୍ଟିକୋଣରୁ ଦେଖିଲେ, ପୂର୍ବରୁ ପ୍ରଚଳିତ ଥିବା ଦ୍ୱିପାକ୍ଷିକ ସାମରିକ ଓ ଆର୍ଥନୀତିକ ଶକ୍ତି ବ୍ୟବସ୍ଥାରେ ପରିବର୍ତ୍ତନ ଆସିଥିଲା, ଯାହା ବହୁବ୍ୟବସ୍ଥା ମଧ୍ୟରେ ଭାଗ ହୋଇଥିଲା ଏବଂ ସାରାବିଶ୍ୱକୁ ପ୍ରଭାବିତ କରିଥିଲା । ପରିବର୍ତ୍ତନର ଏହି ପରିସ୍ଥିତିକୁ ଗିନି ପ୍ରଧାନମନ୍ତ୍ରୀ ବର୍ନ୍‌ହମ୍ ଯେତେବେଳେ ୧୯୭୨ ମସିହାରେ ଅନୁଷ୍ଠିତ ଜର୍ଜ୍ ଟାଉନ୍ ସମ୍ମିଳନୀରେ ଉପସ୍ଥାପନ କଲେ, ଅଧିକରୁ ଅଧିକ ଅଣ-ଗଠବନ୍ଧିତ ସରକାର ପରସ୍ପରଙ୍କୁ ଦୁଇଟି ପ୍ରଶ୍ନ ପଚାରି ଥିଲେ: ଅନ୍ତର୍ଜାତୀୟ ସମ୍ପର୍କ କ୍ଷେତ୍ରରେ ଦେଖା ଦେଇଥିବା ଏହି ପରିବର୍ତ୍ତନରୁ କେଉଁ ନୂତନ ବ୍ୟବସ୍ଥା ଉତ୍ପନ୍ନ ହେବ ? ଏହି ଐତିହାସିକ ପରିସ୍ଥିତିରେ ଅଣ-ଗଠବନ୍ଧିତ ରାଷ୍ଟ୍ର ସମୂହର ଭୂମିକା କ'ଣ ରହିବା ଉଚିତ୍, ଯାହା ପର୍ଯ୍ୟାପ୍ତ ପରିମାଣର ସୁବିଧା-ସୁଯୋଗ ସୃଷ୍ଟି କରିବ ? ଅନ୍ତର୍ଜାତୀୟ ରାଜନୀତି କ୍ଷେତ୍ରରେ ଗତିଶୀଳ ହୋଇଥିବା କିଛି ସକାରାତ୍ମକ ବିକାଶକୁ ଅଧିକାଂଶ ଅଣ-ଗଠବନ୍ଧିତ ସରକାର କୃତଜ୍ଞତା ପୂର୍ବକ ସ୍ୱୀକାର କରିଥିଲେ । କିନ୍ତୁ ଭବିଷ୍ୟତକୁ ନେଇ ସେମାନେ ଖୁବ୍ ଚିନ୍ତିତ ବି ଥିଲେ, ଭାବୁଥିଲେ ନୂତନ ବ୍ୟବସ୍ଥା ତାଙ୍କ ପାଇଁ କିଛି ବିପଦ ଆଣିପାରେ । ୧୯୭୦ ଦଶକରେ ଅନୁଷ୍ଠିତ ହୋଇଥିବା ବୈଠକରେ ପୂର୍ବ-ପଶ୍ଚିମ ଜନିତ ବିବାଦ ପରେ ଶାନ୍ତି ସ୍ଥାପନ ହେବାର ସକାରାତ୍ମକ ପ୍ରଭାବ, ୟୁଏନ୍‌ସିଟିଏଡ୍ ସଂସ୍ଥାନୀକରଣ ସମ୍ମିଳନୀ ଏବଂ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର କୋହଳ ନୀତିକୁ ସେମାନେ ପ୍ରଶଂସା କରିଥିଲେ । କିନ୍ତୁ ଏ ସବୁ ଭିତରେ ବି ସେମାନଙ୍କର ଭୟ ଥିଲା ଅନ୍ତର୍ଜାତୀୟ ସମ୍ପର୍କରେ ଆସିଥିବା ପରିବର୍ତ୍ତନ ସେମାନଙ୍କୁ ହାନି ପହଞ୍ଚାଇବ । ଏପରି ଉଭୟ ମୂଲ୍ୟାୟନ ସ୍ପଷ୍ଟ କରିଥିଲା ଯେ ଅଣ-ଗଠବନ୍ଧିତ ରାଷ୍ଟ୍ର ସମୂହ ଶାନ୍ତି ବଜାୟ ରଖିବାକୁ ଚାହୁଁଛନ୍ତି, ଫଳ ସ୍ୱରୂପ ସକାରାତ୍ମକ ପ୍ରଭାବ ଅନୁଭୂତ ହେଲା, ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ କୋହଳ ମନୋଭାବ ପୋଷଣ କରିଥିଲେ, ଯୁଦ୍ଧର ଆଶଙ୍କା କମିଯାଇଥିଲା ଓ ସର୍ବୋପରି ସିଇଏନ୍‌ଟିଓ ଏବଂ ଏସ୍‌ଇଏଟିଓ ସାମରିକ ସନ୍ଧିର ଆକସ୍ମିକ ବିଘଟନ ଘଟିଥିଲା । ଦକ୍ଷିଣ-ପୂର୍ବ ଏସିଆ ଓ ମଧ୍ୟ ପ୍ରାଚ୍ୟ

ସେମାନଙ୍କର ଦୀର୍ଘଦିନ ଧରି ଚାଲିଆସିଥିବା ଶୀତଳ ଯୁଦ୍ଧକୁ ଭୁଲିବା ସହିତ ଅଣ-ଗଠବନ୍ଧିତ ନୀତି ନୂତନ ସମର୍ଥକମାନଙ୍କୁ ଯୋଡ଼ି ପାରିଥିଲା।

ଅନ୍ୟ ପକ୍ଷରେ, ଅଣ-ଗଠବନ୍ଧିତ ରାଷ୍ଟ୍ର ସରକାରଙ୍କର ଭୟ ଥିଲା ଯେ- ଶାନ୍ତିର ପ୍ରସ୍ତାବ ଦେଲା ବେଳକୁ ଅନ୍ତର୍ଜାତୀୟ ରାଜନୀତିରେ ତାଙ୍କର ଗୁରୁତ୍ୱ କମିଯାଇପାରେ। ଶକ୍ତିଶାଳୀ ରାଷ୍ଟ୍ର ସହିତ ପୁଣିଥରେ ବନ୍ଧୁତା ଦୁଇ ପକ୍ଷକୁ ପରସ୍ପରର ବିରୋଧୀ କରିଦେଇପାରେ। ପୂର୍ବ ଓ ପଶ୍ଚିମ ରାଷ୍ଟ୍ର ମଧ୍ୟରେ ହୋଇଥିବା ସନ୍ଧି ଅଣ-ଗଠବନ୍ଧିତ ରାଷ୍ଟ୍ରଗୁଡ଼ିକୁ ଠିକ୍ ଲାଗିନଥିଲା, ଯେତେବେଳେ ସେମାନେ ନିଜର ରାଜନୀତିକ ଦାବିକୁ ଲାଗୁ କରିବାପାଇଁ ଚାହୁଁଥିଲେ। ସେମାନଙ୍କର ଏହି ଆଶଙ୍କା ଆଦୌ ଅମୂଳକ ନଥିଲା। ପରବର୍ତ୍ତୀ ସମୟରେ ଶକ୍ତିଶାଳୀ ରାଷ୍ଟ୍ର ସମୂହ ମଧ୍ୟରେ ହୋଇଥିବା ନିରସ୍ତ୍ରୀକରଣ ଓ ଶାନ୍ତି ସନ୍ଧିକ୍ରମରୁ ଅଣ-ଗଠବନ୍ଧିତ ରାଷ୍ଟ୍ରଗୁଡ଼ିକୁ ବାଦ୍ ଦିଆଯାଇଥିଲା। ଅଧିକନ୍ତୁ, କେତୋଟି ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ ଯାହା ଅଣ-ଗଠବନ୍ଧିତ ରାଷ୍ଟ୍ର ନିମନ୍ତେ ଜରୁରୀ ଥିଲା ଏବଂ ଯାହାକୁ ସେମାନେ ଉପସ୍ଥାପନ କରିବାକୁ ଚାହୁଁଥିଲେ ସେସବୁକୁ  ବି ସନ୍ଧିକ୍ରମରୁ ଏଡ଼ାଇ ଦିଆଗଲା- ଯେମିତି କି ବଢ଼ି ଚାଲିଥିବା ପର୍ତ୍ତୁଗୀଜ ଉପନିବେଶ, ଦକ୍ଷିଣ ଆଫ୍ରିକାରେ ପ୍ରଚଳିତ ବର୍ଣ୍ଣବୈଷମ୍ୟ ନୀତି, ପାଲେଷ୍ଟାଇନ ପ୍ରତି ଇସ୍ରାଏଲର ଭେଦଭାବ ନୀତି ଏବଂ ଅଣ-ଗଠବନ୍ଧିତ ବିଶ୍ୱରେ ସାମରିକ ଶକ୍ତିର ଉପସ୍ଥିତି। କହିବା ବାହୁଲ୍ୟ, ସନ୍ଧିକ୍ରମ ଏବଂ ସୁରକ୍ଷା ରାଜିନାମା ଭୌଗୋଳିକ ଭାବରେ କେବଳ ଇଉରୋପ ବା ଉ  ର ଭୂମଣ୍ଡଳ ଉପରେ କେନ୍ଦ୍ରୀଭୂତ ଥିଲା। ଉଦାହରଣ ସ୍ୱରୂପ- ଆଲଜେରିଆ ଏବଂ ଅନ୍ୟାନ୍ୟ ଉତ୍ତର ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକ ଆଭ୍ୟନ୍ତରୀଣ ଅଞ୍ଚଳର ସୁରକ୍ଷା ବାବଦରେ ସିଏସ୍‌ସିଇ ସହିତ ଆଲୋଚନା କରିବାରେ ମଧ୍ୟ ବିଫଳ ହୋଇଥିଲେ। ଆଲଜେରିଆ ସରକାର ଇଉରୋପୀୟ ରାଷ୍ଟ୍ରଗୁଡ଼ିକୁ ବାରମ୍ବାର ନିବେଦନ କରିଥିଲେ ଯେ’ ତାଙ୍କୁ ସମ୍ମିଳନୀରେ ଯୋଗଦେବାର ସୁଯୋଗ ଦିଆଯାଉ । ସେ ଏପରି କରି ସେ ସନ୍ଦେଶ ଦେଇଥିଲେ ଯେ’ ଇଉରୋପର ସୁରକ୍ଷା ପ୍ରସଙ୍ଗ ସେପର୍ଯ୍ୟନ୍ତ ଆଲୋଚନା ଯୋଗ୍ୟ ହୋଇନପାରେ, ଯେପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ସୀମାରେ ଥିବା ଦେଶଗୁଡ଼ିକ ଆଲୋଚନାରେ ସାମିଲ ହୋଇନାହାନ୍ତି। ତେବେ, ଆଲଜେରିଆ ସରକାରଙ୍କର ସବୁ ଉଦ୍ୟମ ବୃଥା ହୋଇଥିଲା।

ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ହାସଲ ନିମନ୍ତେ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକୁ ସନ୍ଧି ଓ ରାଜିନାମା ଉପସ୍ଥାପନ କରିବା ବଦଳରେ ଅଣ-ଗଠବନ୍ଧିତ ରାଷ୍ଟ୍ର ସମୂହ ସାରା ବିଶ୍ୱକୁ ଶାନ୍ତି ଓ ମତଭିନ୍ନତାର କ୍ରମରେ ଭିନ୍ନ ଭିନ୍ନ ଭାଗରେ ବିଭକ୍ତ କରିବାକୁ ଚାହିଁଥିଲେ, ଯେପରି ଉପନିବେଶ ଯୁଗରେ ହେଉଥିଲା । ୧୯୭୩ ମସିହାରେ, ଆଲଜେରିଆ ସମ୍ମିଳନୀର ପରିସମାପ୍ତି ସମୟରେ, ଅଣ-ଗଠବନ୍ଧିତ ରାଷ୍ଟ୍ରସମୂହ ସ୍ପଷ୍ଟ ରୂପରେ ଏକ ବିଶେଷ ଘୋଷଣା କରିଥିଲେ; ଯାହାର ସାରାଂଶ ଥିଲା- ବ୍ୟବହାର ହୋଇଆସୁଥିବା ଶାନ୍ତି ଜନିତ ନୀତି ବାସ୍ତବରେ ବିଶ୍ୱ ଶାନ୍ତି ବଜାୟ ରଖିବା ନିମନ୍ତେ ଯଥେଷ୍ଟ ନୁହେଁ: ଯେତେ ପର୍ଯ୍ୟନ୍ତ ଉପନିବେଶ ଯୁଦ୍ଧ, ବର୍ଣ୍ଣବୈଷମ୍ୟ, ସାମ୍ରାଜ୍ୟବାଦୀ ଆକ୍ରମଣ, ବିଦେଶୀ ପ୍ରଭୁତ୍ୱ, ବୈଦେଶିକ କର୍ମସଂସ୍ଥାନ, କ୍ଷମତାପୂର୍ଣ୍ଣ ରାଜନୀତି, ଆର୍ଥନୀତିକ ଶୋଷଣ ଏବଂ ଚୋରି ଡକାୟତି ରହିଛି; ଶାନ୍ତିର ଶୃଙ୍ଖଳା ଓ କ୍ଷେତ୍ର ବ୍ୟାପକ ହୋଇପାରିବ ନାହିଁ। ଏମିତି ଏକ ବିଶ୍ୱ ଯେଉଁଠି ନଗଣ୍ୟ ସଂଖ୍ୟାରେ ଧନୀ ରାଷ୍ଟ୍ର ଅଛନ୍ତି, ସେଠାରେ ବିପୁଳ ସଂଖ୍ୟାରେ ଗରୀବ ରାଷ୍ଟ୍ର ବି ରହିଛି।

ଏହି ପରିପ୍ରେକ୍ଷୀରେ ଶାନ୍ତି କେବଳ ବିଶ୍ୱର ବିକାଶଶୀଳ ଦେଶମାନଙ୍କରେ ହିଁ ସୀମିତ ରହିଯିବ ଓ ଅବଶିଷ୍ଟ ବିଶ୍ୱ ତାଙ୍କରି ଅଧୀନରେ ଅସୁରକ୍ଷିତ ହେବାର ଆଶଙ୍କା ରହିଛି। ତେଣୁ ଶାନ୍ତିକୁ କଦାପି ବାଣ୍ଟି ହେବନାହିଁ।

## ୪.୧୩: ଦଶମ ଜାକର୍ତ୍ତା ଅଣ-ଗଠବନ୍ଧିତ ରାଷ୍ଟ୍ର ସମ୍ମିଳନୀ, ୧୯୯୨

୧୯୯୨ ମସିହା ସେପ୍ଟେମ୍ବର ୧ ତାରିଖରେ ଇଣ୍ଡୋନେସିଆ ରାଷ୍ଟ୍ରପତି ସୁହର୍ତୋ ଏବଂ ମିଳିତ ଜାତିସଂଘର ସାଧାରଣ ସମ୍ପାଦକ ବୋଟ୍ରସ୍ ଘାଲି ଜାକର୍ତ୍ତାଠାରେ ଦଶମ ଅଣ-ଗଠବନ୍ଧିତ ରାଷ୍ଟ୍ର ସମ୍ମିଳନୀର ଶୁଭାରମ୍ଭ କରିଥିଲେ। ସମ୍ମିଳନୀ ପୂର୍ବ ମାସଗୁଡ଼ିକରେ ଇଣ୍ଡୋନେସିଆ ସରକାର ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ, ସମ୍ମିଳନୀ କେନ୍ଦ୍ରର ନବୀକରଣ, ରାସ୍ତା ନିର୍ମାଣ ଏବଂ ଆରାମଦାୟକ ବିଳାସପୂର୍ଣ୍ଣ ଗାଡ଼ି ଲିମୋଜିନ୍ ଆଦି କ୍ରୟ କରିବାରେ ୨ଶହ ନିୟୁତ ଡଲାର ଖର୍ଚ୍ଚ କରିଥିଲେ। ୯୫ଟି ଅଣ-ଗଠବନ୍ଧିତ ରାଷ୍ଟ୍ରର ପ୍ରତିନିଧି, ବିଶେଷ କରି ୬୦ ଜଣ ରାଷ୍ଟ୍ରମୁଖ୍ୟ ଯିଏ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିଥିଲେ, ବିମାନ ବନ୍ଦରରୁ ସେହି ବିଳାସପୂର୍ଣ୍ଣ ଲିମୋଜିନ୍ ଗାଡ଼ିରେ ସମ୍ମିଳନୀ ପଡ଼ିଆକୁ ଆସିଥିଲେ। ପ୍ରତିନିଧିମାନଙ୍କର ସୁରକ୍ଷା ନିମନ୍ତେ ୧୫,୦୦୦ ସୁରକ୍ଷାକର୍ମୀ ନିୟୋଜିତ ହୋଇଥିଲେ। ଉପସ୍ଥିତି ପ୍ରତିନିଧି ସଦସ୍ୟଙ୍କ ମଧ୍ୟରେ ଥିଲେ ଭାରତର ପ୍ରଧାନମନ୍ତ୍ରୀ ପି. ଭି. ନରସିଂହ ରାଓ, ମାଲେସିଆ ପ୍ରଧାନମନ୍ତ୍ରୀ ମହାତିର୍ ମହମ୍ମଦ୍, କୁଏତ୍ର ଏମିର୍, ଆନ୍ଦୋଳନର ପୂର୍ବତନ ଅଧ୍ୟକ୍ଷ ରୋବର୍ଟ ମୁଗାବେ ଓ ପାଲେଷ୍ଟାଇନ୍ ନେତା ୟସିର ଅରାଫତ୍। ସମ୍ମିଳନୀ ଏକ ମହତ୍ୱପୂର୍ଣ୍ଣ ରାଜନୀତିକ  ଘଟଣାବଳୀ ଏବଂ ନେଟ୍ୱର୍କିଂ ହବ୍ର ପ୍ରତିନିଧିତ୍ୱ କରିଥିଲା, ଯେଉଁଥିରେ ତୃତୀୟ ବିଶ୍ୱର ଅନେକ ପ୍ରତିଷ୍ଠିତ ରାଜନୀତିଜ୍ଞମାନେ ସାମିଲ ହୋଇଥିଲେ। ହଜାର ହଜାର ପ୍ରତିନିଧିଙ୍କ ମଧ୍ୟରେ ଅଧିକାଂଶ ଏସିଆ, ଆଫ୍ରିକା ଓ ଲାଟିନ ଆମେରିକାରୁ ଆସିଥିଲେ; ସେପ୍ଟେମ୍ବର ୬ ତାରିଖରେ ସମ୍ମିଳନୀର ପରିସମାପ୍ତି ପୂର୍ବରୁ ଅନ୍ତର୍ଜାତୀୟ ସମ୍ପର୍କ କିପରି ବିକାଶ ଆଣିଛି (ବିଶେଷ କରି ପୂର୍ବ-ପଶ୍ଚିମ ବିବାଦର ଅନ୍ତ ଓ ସୋଭିଏତ ରାଷ୍ଟ୍ରସଂଘର ପତନ), ଏ ସଂପର୍କରେ ସେମାନେ ଆଲୋଚନା କରିଥିଲେ। ଶୀତଳ ଯୁଦ୍ଧ ଶେଷହେବା ପରେ ଏହା ଥିଲା ଅଣ-ଗଠବନ୍ଧିତ ରାଷ୍ଟ୍ର ସମ୍ମୁଖର ପ୍ରଥମ ସମ୍ମିଳନୀ ବୈଠକ। ସାରା ବିଶ୍ୱର ସାମ୍ବାଦିକ, ଗବେଷକ ଓ ରାଜନୀତିଜ୍ଞମାନେ ଜାକର୍ତ୍ତାର ଏହି ସମ୍ମିଳନୀ ପ୍ରତି ଢେର୍ ଆକର୍ଷିତ ହୋଇଥିଲେ। ସେମାନେ ଜାଣିବାକୁ ଚାହିଁଲେ ୧ଶହରୁ କମ୍ ରାଷ୍ଟ୍ରନେତା ୧୯୯୦ ଦଶକର ଅନ୍ତର୍ଜାତୀୟ ରାଜନୀତିକୁ କିପରି ପ୍ରଭାବିତ ଓ ପରିବର୍ତ୍ତନ କରିପାରନ୍ତି। ସମ୍ମିଳନୀର ପରିସମାପ୍ତି ପରେ ଅଣ-ଗଠବନ୍ଧିତ ଆନ୍ଦୋଳନରେ ସାମିଲ ରାଷ୍ଟ୍ରଗୁଡ଼ିକ କ'ଣ ଫଳାଫଳ ସାମ୍ନାକୁ ଆଣୁଛନ୍ତି, ତା'ରି ଉପରେ ସମସ୍ତଙ୍କ ଆଖି ଲାଖି ରହିଥିଲା। ଏହି ଅଧ୍ୟାୟଟି ଏସବୁ ପ୍ରଶ୍ନର ଉତ୍ତର ଦେଇଛି।

ବିଂଶ ଶତାବ୍ଦୀର ଇତିହାସକୁ ବ୍ୟାଖ୍ୟାକଲେ, ୧୯୮୯ ଓ ୧୯୯୧ ମସିହା ଏକ ମହତ୍ୱପୂର୍ଣ୍ଣ ସମୟକୁ ଚିହ୍ନଟ କରେ, ଯେତେବେଳେ ପୂର୍ବ-ପଶ୍ଚିମ ବିବାଦର ଅବସାନ ଘଟିଥିଲା, ଶତାବ୍ଦୀକୁ ଆକାର ଦେବାରେ ଯାହାର ବିଶେଷ ଅବଦାନ ରହିଥିଲା, ଏବଂ ଯାହାର ପତନ ଐତିହାସିକମାନଙ୍କୁ ସେମାନଙ୍କ ସନ୍ଦର୍ଭରେ ଏକ କେନ୍ଦ୍ରବିନ୍ଦୁ ଯୋଗାଇଥିଲା। ଏହି ପତନକୁ ସମସ୍ତ ଲେଖକ ସିଧାସଳଖ ଭାବରେ ପଶ୍ଚିମ ଗଣତାନ୍ତ୍ରିକ ପୁଞ୍ଜିବାଦର ପୂର୍ବ କମ୍ୟୁନିଷ୍ଟ ଶାସନ ଉପରେ ବିଜୟ ବୋଲି କହିନଥିଲେ।

କିନ୍ତୁ ଏ ସମ୍ବନ୍ଧୀୟ ୧୯୯୦ ଦଶକର ଅଧିକାଂଶ ଲେଖାରେ ଲେଖକମାନେ ପୂର୍ବ-ପଶ୍ଚିମ ବିବାଦର ଅନ୍ତକୁ ପ୍ରାମାଣିକ ଦୃଷ୍ଟିକୋଣରୁ ବିଚାର କରି ପାଶ୍ଚାତ୍ୟ ସାମାଜିକ ଚିତ୍ରକୁ ଉନ୍ନତ ବୋଲି ଦର୍ଶାଇଥିଲେ। ତେବେ, ୧୯୮୯ ଓ ୧୯୯୧ର ଘଟଣା ପ୍ରବାହ ଏପରି ବ୍ୟାଖ୍ୟାକୁ ଆହ୍ୱାନଦେଲା ଯାହା ଅତୀତକୁ ଅନୁଧ୍ୟାନ କରିଥିଲା ଓ ତୃତୀୟ ବିଶ୍ୱକୁ ଶୀତଳ ଯୁଦ୍ଧ କିପରି ପ୍ରଭାବିତ କରିଛି ସୂଚାଇଥିଲା। ଫଳ ସ୍ୱରୂପ, ପୂର୍ବ-ପଶ୍ଚିମ ବିବାଦକୁ ଐତିହାସିକମାନେ ପୁଣିଥରେ ବ୍ୟାପକ ଭାବରେ ବିଶ୍ଳେଷଣ କରିଥିଲେ। ଏହିସବୁ ଆହ୍ୱାନ ଉପରେ କରାଯାଇଥିବା ଅଧ୍ୟୟନ ସୂଚାଇ ଦିଏ ଯେ- ୧୯୮୯-୯୧ର ଏହି ଐତିହାସିକ ବିପ୍ଳବ ସତେ ଯେମିତି ଲୌହ ଫାଟକ ଭାଙ୍ଗିଦେଇ ସୋଭିଏତ ରାଷ୍ଟ୍ରସଂଘର ପତନକୁ ଡାକି ଆଣିଥିଲା, ଫଳ ସ୍ୱରୂପ ଇଉରୋପରେ ପ୍ରଚଳିତ ଶୀତଳ ଯୁଦ୍ଧ ବି ରାଜନୀତିକ ସ୍ତରରେ ଦୁର୍ବଳ ହୋଇଗଲା। ପୂର୍ବ-ପଶ୍ଚିମ ବିବାଦ ଆଧାରିତ ଅଧିକାଂଶ ଅଧ୍ୟୟନ ଇଉରୋପର ଘଟଣାବଳୀକୁ ପ୍ରାଧାନ୍ୟ ଦେଇଆସିଛି, ଦକ୍ଷିଣ ବିଶ୍ୱକୁ ସେତେ ଗୁରୁତ୍ୱ ଦିଆଯାଇନାହିଁ। ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାର ସ୍ଥିତିକୁ ଦେଖିଲେ ବର୍ଲିନ ପ୍ରାଚୀର ପତନ (ଶୀତଳ ଯୁଦ୍ଧ ସମୟ) ଥିଲା ସର୍ବାଧିକ ଆଲୋଚିତ ପ୍ରସଙ୍ଗ, ଯାହା ଇଉରୋପ ଘଟଣାବଳୀ ସହିତ ସ୍ପଷ୍ଟ ଓ ସାଂକେତିକ ରୂପରେ ସାମଞ୍ଜସ୍ୟ ରଖିଥାଏ।

ଏହି ଅଧ୍ୟୟନ ସବୁ ଆହୁରି ମଧ୍ୟ ଦର୍ଶାଏ ଯେ- ପୁଞ୍ଜିବାଦ ଓ ସାମ୍ୟବାଦ ମଧ୍ୟରେ ରହିଆସିଥିବା ବିବାଦର ଯେତେବେଳେ ଅନ୍ତ ଘଟିଲା, ତାହାର ପ୍ରଭାବ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ରୂପରେ ଅନୁଭୂତ ହେଲା। ସମାଜବାଦୀ ରାଷ୍ଟ୍ର କ୍ୟୁବା ନିଜର ସହଯୋଗୀ ମିତ୍ର ରାଷ୍ଟ୍ରଗୁଡ଼ିକୁ ହରାଇବସିଲା, ସୋଭିଏତ ରାଷ୍ଟ୍ର ସଂଘର ପତନ ଆଫଗାନିସ୍ତାନରେ ଯୁଦ୍ଧର ବିଭୀଷିକାକୁ ଦମନ କରିଥିଲା। ଇସ୍ରାଏଲ ଓ ଆରବୀୟ ଦେଶଗୁଡ଼ିକ ମଧ୍ୟରେ ବିବାଦ ପୂର୍ବଭଳି ଚାଲୁରହିଲା। ଠିକ୍ ସେମିତି ଦକ୍ଷିଣ-ପୂର୍ବ ଏସିଆରେ ବି ଆଞ୍ଚଳିକ ବୈଷମ୍ୟ ଦୂର ହେଲାନି। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ନୀତିର ଅବସାନ ଘଟିଲା, ରୱାଣ୍ଡାରେ ହିଂସାତ୍ମକ ସମ୍ପ୍ରଦାୟର ମୂଳପୋଛ ହେଲା, ଏବଂ ଲାଟିନ ଆମେରିକାର ଏକ ବୃହତ୍ ଅଂଶରେ ଯୁକ୍ତରାଷ୍ଟ୍ର ତାହାର ରାଜନୀତିକ ନେତୃତ୍ୱକୁ ପ୍ରସାର କରିଥିଲା। ଏହିସବୁ ଅଧ୍ୟୟନକୁ ଏକତ୍ର କଲେ ପ୍ରତିଫଳିତ ହୁଏ ଯେ- ତୃତୀୟ ବିଶ୍ୱରେ ଶୀତଳ ଯୁଦ୍ଧର ପରିସମାପ୍ତି ଏକ ଦୀର୍ଘସ୍ଥାୟୀ ପ୍ରକ୍ରିୟା ଥିଲା, ଯାହା ଭିନ୍ନଭିନ୍ନ ରାଜନୀତିକ ଫଳାଫଳକୁ ପ୍ରଦର୍ଶିତ କରିଛି। ତେବେ, ଆର୍ଥନୀତିକ ଓ ସାଂସ୍କୃତିକ ଫଳାଫଳ ସେତେଟା ପ୍ରକାଶ ପାଇନି।

ଅଣ-ଗଠବନ୍ଧିତ ଆନ୍ଦୋଳନ ଅନ୍ତର୍ଜାତୀୟ ରାଜନୀତିରେ ତୃତୀୟ ବିଶ୍ୱ ବା ଦକ୍ଷିଣ ବିଶ୍ୱକୁ ସମର୍ଥନ କରିବା ଏବଂ ତାହାର ବୃହତ୍ତର ସ୍ୱାର୍ଥକୁ ସମ୍ମାନ ଦେବା ପାଇଁ ଦାବି କରିଥାଏ।

## ୪.୧୫: ଅଣ-ଗଠବନ୍ଧିତ ସମ୍ବାଦ ସରବରାହ ସଂସ୍ଥା ସମୂହ (ଏନ୍ଏଏନ୍ଏପି)

ଏନ୍ଏଏନ୍ଏପି ହେଉଛି ଅଣ-ଗଠବନ୍ଧିତ ରାଷ୍ଟ୍ର ସମୂହ ଅଧୀନସ୍ଥ କେତୋଟି ସମ୍ବାଦ ସରବରାହ ସଂସ୍ଥାର ଏକ ସହଯୋଗ ବ୍ୟବସ୍ଥା, ଯାହା ୧୯୭୫ ମସିହାରୁ ୧୯୯୦ ଦଶକର ମଧ୍ୟ ଭାଗ ଯାଏଁ କାର୍ଯ୍ୟକ୍ଷମ ଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏନ୍ଏଏନ୍ଏପି ଯୁଗୋସ୍ଲୋଭାକିଆର ବେଲଗ୍ରେଡ (Belgrade) ସହର ସ୍ଥିତ ତାଂଜୁଗ୍ (Tanjug) ନିଉଜ ଏଜେନ୍ସିଦ୍ୱାରା ପରିଚାଳିତ ହୋଇଥିଲା। ଏହା ମଧ The News Agencies Pool of Non-Alligned Countries, The Consorce of Non-Alligned News

Agencies, The Common Agency of Non-Alligned Countries ପରି ଭିନ୍ନ ଭିନ୍ନ ନାମରେ ପରିଚିତ ତଥା ପରିଭାଷିତ । ।

ଏନ୍‌ଏଏନ୍‌ଏପି ୧୯୭୪ ମସିହାରେ ଗଠିତ ହୋଇ ୧୯୭୫ ମସିହା ଜାନୁଆରୀ ମାସରେ କାର୍ଯ୍ୟକାରୀ ହୋଇଥିଲା । ବିଶ୍ୱ ସମ୍ବାଦକୁ ନୂଆ ରୂପରେ ସନ୍ତୁଳିତ କରିବାରେ ଏପରି ବିଚାର ଖୁବ୍ ପ୍ରୋତ୍ସାହନ ଯୋଗାଇ ଥିଲା । ସେହି ସମୟରେ ତୃତୀୟ ବିଶ୍ୱ ନିମନ୍ତେ ଏନ୍‌ଏଏନ୍‌ଏପି ଥିଲା ଏକ ଅନ୍ତର୍ଜାତୀୟ, ସହଯୋଗୀ, ଦେୟମୁକ୍ତ ଏବଂ ସାଂଗଠନିକ ସମ୍ବାଦ ସରବରାହ ସଂସ୍ଥା । ତାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା- ନିଜର ଗଣମାଧ୍ୟମକୁ ନିରପେକ୍ଷ ସଂବାଦ ଯୋଗାଇ ଦେବା ।

ଏନ୍‌ଏଏନ୍‌ଏପି'କୁ ଆରମ୍ଭ କରିବାରେ, ଉପକରଣ ଓ ଯନ୍ତ୍ରୀ ଯୋଗାଇବାରେ, ଅନୁନ୍ନତ ଓ ଗରିବ ରାଷ୍ଟ୍ରରୁ ତାଲିମପ୍ରାପ୍ତ ସାମ୍ବାଦିକଙ୍କୁ କର୍ମନିଯୁକ୍ତି ଦେବାରେ ତାଂଜୁଗ୍ କେବଳ ଅଗ୍ରଣୀ ଭୂମିକା ନେଇନଥିଲା; ବରଂ ପୂରା ବ୍ୟବସ୍ଥାକୁ ଏହା ସ୍ୱୟଂଚାଳିତ କରିପାରିଥିଲା । ଯଦିଓ ସଂସ୍ଥାର କୌଣସି ଆଧିକାରିକ ମୁଖ୍ୟ କାର୍ଯ୍ୟାଳୟ ନଥିଲା, ଆରମ୍ଭ ହେବାର କିଛି ବର୍ଷ ମଧ୍ୟରେ ଅଧିକାଂଶ କାର୍ଯ୍ୟ ବେଲ୍‌ଗ୍ରେଡ୍'ରେ କରାଯାଉଥିଲା । ଅନ୍ୟାନ୍ୟ ସକ୍ରିୟ ଅଣ-ଗଠବନ୍ଧିତ ସମ୍ବାଦ ସରବରାହ ସଂସ୍ଥା ମଧ୍ୟରେ ଥିଲା: ମରକ୍‌କୋରେ ଥିବା ଆରବ୍ ପ୍ରେସ୍, ଟ୍ୟୁନିସିଆର ଟିଏପି, ଇରାକ୍'ର ଆଇଏନ୍‌ଏ, ଏବଂ ଇରାନ୍ ସ୍ଥିତ ଆଇଆର୍‌ଏନ୍‌ଏ ।

୧୯୮୦ ମସିହା ପରେ ପରେ ଏନ୍‌ଏଏନ୍‌ଏପି କ୍ରମଶଃ ମନ୍ଥର ହେବାକୁ ଲାଗିଲା, ଯେତେବେଳେ ୟୁନେସ୍କୋ ଅଧୀନରେ ଏନ୍‌ଡବ୍ଲୁଆଇସିଓ ମିଳିତ ଜାତିସଂଘର ଅଂଶ ହୋଇଥିଲା । କିନ୍ତୁ ଉଭୟ ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରିଟେନ୍ ଯେତେବେଳେ ଏହାର ସଦସ୍ୟ ରହିଲେ ନାହିଁ, ଏନ୍‌ଏଏନ୍‌ଏପି ଆର୍ଥିକ ସମର୍ଥନ ହରାଇବସିଲା, ଏବଂ ସମୟକ୍ରମେ ଏହାକୁ ବାତିଲ କରିଦିଆଗଲା । ୧୯୮୦ ମସିହାରେ ମାର୍ଶାଲ ଟିଟୋଙ୍କର ପରଲୋକ ହୋଇଥିଲା, ଓ ଯୁଗୋସ୍ଲୋଭାକିଆର ନୂତନ ନେତୃତ୍ୱରେ ଏନ୍‌ଏଏନ୍‌ଏପି'ରୁ ଧ୍ୟାନ ହଟିଯାଇ ଅନ୍ୟାନ୍ୟ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଥିଲା । ସେତେବେଳେ ଇରାକ୍ ଓ ଇରାନ୍ ମଧ୍ୟରେ ୮ ବର୍ଷଧରି ଯୁଦ୍ଧ ଲାଗିରହିଥିଲା, ଏବଂ ଉଭୟ ଆଇଏନ୍‌ଏ ଓ ଆଇଆର୍‌ଏନ୍‌ଏ ଯୁଦ୍ଧ ସମ୍ବନ୍ଧୀୟ ଗତିବିଧିର ପ୍ରଚାର-ପ୍ରସାର ନିମନ୍ତେ ଏନ୍‌ଏଏନ୍‌ଏପି'କୁ ବ୍ୟବହାର କରିଥିଲେ ।

## ୪.୧୬: ଆସ ପ୍ରଗତି ମାପିବା

୧. ଅଣ-ଗଠବନ୍ଧିତ ରାଷ୍ଟ୍ରଗୁଡ଼ିକର ପ୍ରାଥମିକ ଚିନ୍ତା ସବୁ କ'ଣ ଥିଲା ?

-----------------------------------------------------------------

-----------------------------------------------------------------

----------------------------------

୨. ସୂଚନା ସମାଜର ପ୍ରାଥମିକ ବିଶେଷତାଗୁଡ଼ିକ କ'ଣ ?

-----------------------------------------------------------------

-----------------------------------------------------------------

----------------------------------

୩. ଅଣ-ଗଠବନ୍ଧିତ ସମ୍ବାଦ ସରବରାହ ସଂସ୍ଥା ସମୂହ କହିଲେ କ'ଣ ବୁଝ ? ଏହାର ଗଠନ ପଛରେ ଥିବା କାରଣ କ'ଣ ?

-----------------------------------------------------------------

-----------------------------------------------------------------

----------------------------------

Odisha State Open University, Sambalpur
www.osou.ac.in
e-mail: info@osou.ac.in